# ଧରିତ୍ରୀ
DHARITRI

ରାୟଗଡ଼ା, ରବିବାର, ଫେବୃୟାରୀ ୩ /୨୦୧୯ (୧୬ ପୃଷ୍ଠା+୪+ଛୁଟିଦିନ ସହ) Rayagada, Sunday, February 3 / 2019 ★

୮ମ ଭାଗ ୩୫୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



DSPL-381

# କାଳିଆ

କୃଷି କଲେ ଉନ୍ନତ ସକଳ ଉନ୍ନତି

## ଚାଷୀ ମହାସମାବେଶ

### କେନ୍ଦୁଝର

ପଣ୍ଡାପଡ଼ା, ୩ ଫେବୃଆରୀ ୨୦୧୯



"ଜଣେ ବି ଯୋଗ୍ୟ ଚାଷୀ ଯେପରି କାଳିଆ ଯୋଜନାରୁ ବଂଚିତ ନହେବ ତା ଉପରେ ମୁଁ ନଜର ରଖୁଛି ।"

ନବୀନ ପଟ୍ଟନାୟକ

39001/13/0016/1819

www.kalia.co.in

କାଳିଆ ହେଲପ୍‌ଲାଇନ୍ ୨୪X୭ ୧୮୦୦ ୫୭୨ ୧୧୨୨

ଓଡ଼ିଶା ସରକାର

# ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
## ରାଇରଙ୍ଗପୁର ଗସ୍ତ

୩ ଫେବୃଆରୀ ୨୦୧୯ । ରବିବାର
ପୂର୍ବାହ୍ନ ୧୧.୦୦



ମାନ୍ୟବର ମୁଖ୍ୟମନ୍ତ୍ରୀ ଆଜି ରାଇରଙ୍ଗପୁର ଏବଂ କରଞ୍ଜିଆ ଉପଖଣ୍ଡରେ **୪୫ କୋଟି** ଟଙ୍କା ବ୍ୟୟରେ ନିର୍ମିତ ୨୧ଟି ଜନହିତକାରୀ ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ **୯୬୦.୩୪ କୋଟି** ଟଙ୍କା ମୂଲ୍ୟରେ ୧୫ଟି ଜନହିତକାରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ।

### ଉଦ୍‌ଘାଟନ

- ବାଙ୍ଗିରୀପୋଷୀ ବ୍ଲକର ବାରିପଦା-ବାମନଘାଟୀ ରାସ୍ତାର ଜଉମରା ନାଳ ଉପରେ ଏବଂ ସରସକଣା ବ୍ଲକର ବାଲିଜୋଡ ନାଳ ଉପରେ ୨ଟି ହାଇଲେଭ୍‌ଲ ସେତୁ
- କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ୫୦ ଶଯ୍ୟା ବିଶିଷ୍ଟ ଏବଂ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୩୦ ଶଯ୍ୟା ବିଶିଷ୍ଟ ୨ଟି ମାତୃ ଓ ଶିଶୁ ଚିକିତ୍ସାକେନ୍ଦ୍ର
- ରାଇରଙ୍ଗପୁର ବ୍ଲକ୍‌ର ଛମଡ଼ାଡିହି ନାଳ ଏବଂ ଗୁରିଆ ନାଳ ଉପରେ ୨ଟି ହାଇଲେଭ୍‌ଲ ସେତୁ
- ରାଇରଙ୍ଗପୁର ବ୍ଲକ୍‌ର ପୁରୁଣାପାଣି, ଟୋଲୋକୋ, କୁଲେଇଶିଳା, କାଳିମାଟି ଓ ତିଲେଇଝରି ଏବଂ ବଡମଉଦାଠାରେ ୬ଟି ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ
- ରରୁଆଁ ବ୍ଲକ୍‌ର ନୂଆବେଡା, ମରିଚା, ଶୁକ୍ରୁଲି ବ୍ଲକ୍‌ର ନୂଆବେଡା, ବହଳଦା ବ୍ଲକ୍‌ର ତେନ୍ତଳା ଇନ୍ଦ୍‌କୋଲି, ଜାମଡା ବ୍ଲକ୍‌ର କୁଚେଇପାଳ, ଠାକୁରମୁଣ୍ଡା ବ୍ଲକ୍‌ର ଖଣ୍ଡବନ୍ଧ, ଖୁଣ୍ଟାପୋଷୀ, କୁସୁମୀ ବ୍ଲକ୍‌ର ହାତୀଶିକୁଳୀ ଏବଂ ତିରିଂ ବ୍ଲକ୍‌ର ଜଟାଠାରେ ୯ଟି ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ

### ଭିତ୍ତିପ୍ରସ୍ତର ସ୍ଥାପନ

- ବିଶୋଇ ବ୍ଲକ୍‌ର ରାଜ୍ୟରାଜପଥ-୫୦ ଅନ୍ତର୍ଗତ ବିଶୋଇ-ରାଇରଙ୍ଗପୁର ରାସ୍ତା ଏବଂ ବାଙ୍ଗିରୀପୋଷୀ ବ୍ଲକ୍‌ର କଳାବାଡିଆ-ବାଙ୍ଗିରୀପୋଷୀ ରାସ୍ତା ପ୍ରଶସ୍ତିକରଣ ଓ ଉନ୍ନତିକରଣ କାର୍ଯ୍ୟ
- ରାଇରଙ୍ଗପୁର ବ୍ଲକ୍‌ର ଶିମିଳିନାଳ ଉପରେ ହାଇଲେଭ୍‌ଲ ସେତୁ
- ଠାକୁର ମୁଣ୍ଡା ବ୍ଲକ୍‌ର ଠାକୁର ମୁଣ୍ଡା-ଡଙ୍ଗାଡିହ-ଉଦଳା-ମାଣିତ୍ରୀ-ବଇଶିଙ୍ଗା-ରୁପ୍ସା ରାସ୍ତା ଉନ୍ନତିକରଣ କାର୍ଯ୍ୟ
- ଶୁକ୍ରୁଲି ବ୍ଲକର ମହାଦେବ ଦେଉଳି-ଖୁଁଟିଂ ରାସ୍ତାରେ କଣ୍ଟାଖଇରି ନଦୀ ଉପରେ ହାଇଲେଭଲ ସେତୁ
- ରାଇରଙ୍ଗପୁର ବ୍ଲକ୍‌ର ଆନନ୍ଦପୁର-ଗୁଣ୍ଡୁରିଆ ରାସ୍ତାରେ ଗୁରିଆ ନାଳ ଏବଂ ଛତ୍ରମଣ୍ଡଳ-ଭୀମଖଣ୍ଡ ରାସ୍ତାରେ କତରା ନଦୀ ଉପରେ ୨ଟି ହାଇଲେଭ୍‌ଲ ସେତୁ
- ରାଇରଙ୍ଗପୁର, କୁସୁମୀ ଏବଂ ଯଶିପୁର ବ୍ଲକ୍‌ରେ ୩ଟି ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ
- ଯଶିପୁର ବ୍ଲକ୍‌ର ଭଣ୍ଡନ ନଦୀ, ଠାକୁରମୁଣ୍ଡା ବ୍ଲକ୍‌ର ଗୋବରଯୋଡ ନାଳ ଏବଂ ବାଙ୍ଗିରୀପୋଷୀ ବ୍ଲକ୍‌ର ବୁଢାବଳଙ୍ଗ ନଦୀଉପରେ ୩ଟି ହାଇଲେଭ୍‌ଲ ସେତୁ
- ସରସକଣା ବ୍ଲକ୍‌ରେ ଶଙ୍ଖଭଙ୍ଗା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ
- ଶୁକ୍ରୁଲି ବ୍ଲକ୍‌ର ପାର୍ବତୀପୁର-କାଳନ୍ଦା ରାସ୍ତାରେ ଖଇରି ଭଣ୍ଡନ ନଦୀ ଉପରେ ହାଇଲେଭ୍‌ଲ ସେତୁ

DADLS-266



## ମିଶନ ଶକ୍ତି
### ରାଇରଙ୍ଗପୁର ମହାସମାବେଶ

- ୭୪୫୩ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ସିଡ୍ ମନି ସହାୟତା
- ୧୨ ବ୍ଲକସ୍ତରୀୟ ମହାସଂଘକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା
- ଡିଜିଟାଲ ସଶକ୍ତିକରଣ ନିମନ୍ତେ ୭୪୬୭ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୩ ହଜାର ଟଙ୍କା ଲେଖାଏଁ ସହାୟତା
- ମୟୂରଭଞ୍ଜ ଜିଲ୍ଲାର ୧୨ ଟି ବ୍ଲକର ସ୍ୱୟଂସହାୟକ ଗୋଷ୍ଠୀ ଓ ମହାସଂଘ ଗୁଡିକୁ ସମୁଦାୟ ୧୬କୋଟି ଟଙ୍କାର ସହାୟତା

**ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ମିଶନ ଶକ୍ତି ମହାସମାବେଶରେ ଯୋଗଦାନ, ସହାୟତା ରାଶି ପ୍ରଦାନର ଶୁଭାରମ୍ଭ ଏବଂ ଉଦ୍‌ବୋଧନ**



15001/13/0570/1819

**ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ ।**

**ସୂଚନା ଓ ଲୋକସମ୍ପର୍କ ବିଭାଗ**

ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ଫେବୃୟାରୀ ୩ /୨୦୧୯ | Rayagada, Sunday, February 3 / 2019 | ପୃଷ୍ଠା-୧



**ଅନୁରାଗ ବସୁଙ୍କ ଫିଲ୍ମରେ ଅଭିନୟ କରିବେ ସାନ୍ୟା**
ନିର୍ଦ୍ଦେଶକ ଅନୁରାଗ ବସୁଙ୍କ ଆଗାମୀ ଫିଲ୍ମରେ ଅଭିନେତ୍ରୀ ସାନ୍ୟା ମାଲହୋତ୍ରା ଖୁବ୍‌ଶୀଘ୍ର ଶୁଟିଂ ଆରମ୍ଭ କରିବାକୁ ଯାଉଛନ୍ତି।

୦୩

୧୩

**ମନ୍ଧାନା ନମ୍ବର ୱାନ୍**
ସଦ୍ୟ ପ୍ରକାଶିତ ଆଇସିସି ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟ୍ସୱମ୍ୟାନ ତାଲିକାରେ ଭାରତର ସ୍ମୃତି ମନ୍ଧାନା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।



## ଭାଜପା ଅନୁସୂଚିତ ଜନଜାତି ରାଷ୍ଟ୍ରୀୟ ମହା ଅଧିବେଶନ

# ‘ଦୟନୀୟ ସ୍ଥିତିରେ ଓଡ଼ିଶା ଜନଜାତି’

**ପୁରୀ ଅଫିସ,୨।୨**




ଉଦ୍‌ଘାଟନୀ ସଭାରେ ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୱାଲ, ମୋର୍ଚ୍ଚା ରାଷ୍ଟ୍ରୀୟ ସଭାପତି ରାମବିଚାର ନେତାମ ଓ ଭାଜପା ନେତୃବୃନ୍ଦ।

- ଉତ୍ତରପୂର୍ବ ରାଜ୍ୟ ହେଉଛି ଅଷ୍ଟଲକ୍ଷ୍ମୀ
- ତ୍ରିପୁରାର ୨୫ ବର୍ଷର ସରକାରର ପତନ ଘଟିଛି
- ୧୯ ବର୍ଷର ବିଜେଡି ସରକାରକୁ ବଦଳାଇବାକୁ ହେବ
- ଆଜି ଆଦିବାସୀ ଅଧିକାର ରାଲି

କୌଣସି ରାଜ୍ୟରେ ଗୋଟିଏ ସରକାରକୁ ପରିବର୍ତ୍ତନ କରିବାରେ ଅନୁସୂଚିତ ଜନଜାତିଙ୍କ ପାଖରେ ଯଥେଷ୍ଟ ସାମର୍ଥ୍ୟ ରହିଛି। ତ୍ରିପୁରାରେ ଆଦିବାସୀ ଜନଜାତି ରହୁଥିବା ମାତ୍ର ୪ ପ୍ରତିଶତ ଗାଁକୁ ପାନୀୟ ଜଳର ବ୍ୟବସ୍ଥା ଥିଲା। ସବୁକ୍ଷେତ୍ରରେ ସେମାନଙ୍କୁ ଅବହେଳା କରାଯାଉଥିଲା। ୨୦୧୮ରେ ‘ପାହାଡ଼ ଯାହାର, ସରକାର ତାହାର’ ଆହ୍ୱାନ ଜନଜାତିଙ୍କ ମନରେ ବିଶ୍ୱାସ ଆଣିଲା। ଫଳରେ ୨୫ ବର୍ଷର ବାମପନ୍ଥୀ ସରକାରର ପତନ ହେଲା। ଏବେ ପ୍ରତ୍ୟେକ ଗାଁକୁ ସଡ଼କ, ବିଜୁଳି, ପାନୀୟ ଜଳ ଆଦିର ସୁବିଧା କରାଯାଇଛି। ଓଡ଼ିଶାରେ ଦୀର୍ଘ ୧୯ ବର୍ଷ ଧରି ବିଜେଡି ସରକାରରେ ରହିଛି। କିନ୍ତୁ ଏଠାକାର ଜନଜାତିଙ୍କର କୌଣସି ବିକାଶ ହୋଇନାହିଁ। ତେଣୁ ୧୯ ବର୍ଷର ବିଜେଡି ସରକାରକୁ ବଦଳାଇବାକୁ ପଡିବ। ପୁରୀ ତାଳବଣିଆ ଇନ୍‌ଡୋର ଷ୍ଟାଡିୟମ୍‌ରେ ଶନିବାର ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚାର ଦୁଇଦିନିଆ ରାଷ୍ଟ୍ରୀୟ ମହାଅଧିବେଶନର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ତ୍ରିପୁରାର ଉପମୁଖ୍ୟମନ୍ତ୍ରୀ ଜିଷ୍ଣୁଦେବ ବର୍ମନ ଉପରୋକ୍ତ କଥା କହିଛନ୍ତି। ଉଦ୍‌ଘାଟନୀ ସଭାରେ ମୋର୍ଚ୍ଚାର ରାଷ୍ଟ୍ରୀୟ ସଭାପତି ରାମବିଚାର ନେତାମ ମଧ୍ୟ ଓଡ଼ିଶା ସରକାରଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ଓଡ଼ିଶାରେ ବସବାସ କରୁଥିବା ଜନଜାତିଙ୍କ ସ୍ଥିତି ଦେଶରେ ସବୁଠୁ ଦୟନୀୟ। ଏମାନଙ୍କ ସାମାଜିକ, ଆର୍ଥିକ ସ୍ଥିତିରେ ସୁଧାର ଆସୁ ଏଠାକାର ସରକାର ଚାହୁଁନାହାନ୍ତି। ଏଥିପାଇଁ ବିଜେଡି ସରକାରକୁ ପରିବର୍ତ୍ତନ କରିବାକୁ ପଡିବ। ଦେଶରେ ବିକାଶର ଯେଉଁ ଗଙ୍ଗା ବହୁଛି ସେଥିରେ ସହଭାଗିତା ହେବାକୁ ନେତାମ ଉପସ୍ଥିତ ମୋର୍ଚ୍ଚା କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ, ଓଡ଼ିଶାକୁ ୯୨ଟି ଏକଲବ୍ୟ ସ୍କୁଲ ମିଳିଥିବା ବେଳେ ରାଜ୍ୟ ସରକାରଙ୍କ ଅସହଯୋଗ ଯୋଗୁ ହଜାର ହଜାର ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ଶିକ୍ଷା ମିଳୁନାହିଁ।

କାର୍ଯ୍ୟକ୍ରମରେ ଅନ୍ୟତମ ପ୍ରମୁଖ ଭାଜପା ନେତା ତଥା ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଥିଲେ ଯେ, ଉତ୍ତରପୂର୍ବର ପ୍ରତ୍ୟେକ ରାଜ୍ୟରେ ଅନୁସୂଚିତ ଜନଜାତି ବସବାସ କରୁଛନ୍ତି। ହେଲେ ଏହି ଅଞ୍ଚଳକୁ କେହି କେବେ ଗୁରୁତ୍ୱ ଦେଉ ନ ଥିଲେ। କିନ୍ତୁ ଏହି ଅଞ୍ଚଳବାସୀଙ୍କ ମଧ୍ୟରେ ଥିବା ସମ୍ଭାବନା, ଶକ୍ତି ଓ ଭାବନାକୁ ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ହିଁ ଆବିଷ୍କାର କରିଛନ୍ତି। ମୋଦି ହିଁ ଉତ୍ତରପୂର୍ବ ରାଜ୍ୟକୁ ଠିକ୍ ଭାବେ ଚିହ୍ନି ପାରିଛନ୍ତି, ଯେଉଁଥିପାଇଁ ସେ ଉତ୍ତରପୂର୍ବ ରାଜ୍ୟକୁ ଅଷ୍ଟଲକ୍ଷ୍ମୀ ବୋଲି କହିଛନ୍ତି। ସୋନୱାଲ ଆହୁରି କହିଥିଲେ ଯେ, ଶିକ୍ଷା ବିନା କୌଣସି ବ୍ୟକ୍ତି ଶକ୍ତିଶାଳୀ ହୋଇପାରିବ ନାହିଁ। ତେଣୁ ଜନଜାତିଙ୍କ ବିକାଶ ପାଇଁ ଆମକୁ ଶିକ୍ଷା ଉପରେ ଅଧିକ ଫୋକସ ଦେବାକୁ ହେବ। କେନ୍ଦ୍ର ସରକାର ଜନଜାତିଙ୍କ ବିକାଶ ପାଇଁ ରାସ୍ତା, ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ବିକାଶର ଧାରାକୁ ଆହୁରି ଆଗେଇ ନେବାକୁ ହେଲେ ଆମକୁ ପୁଣିଥରେ ଭାଜପାକୁ କ୍ଷମତାସୀନ କରିବାକୁ ପଡିବ ବୋଲି ସୋନୱାଲ ଆହ୍ୱାନ ଦେଇଥିଲେ।

ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଥିଲେ ଯେ, ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମେ ଜଗନ୍ନାଥଙ୍କ ଧାମକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରି ନିର୍ବାଚନ ଆରମ୍ଭ କରିଥିଲେ। ମହାପ୍ରଭୁ ଜଗନ୍ନାଥଙ୍କୁ ଜନଜାତିଙ୍କ ଦେବତା ବୋଲି ସମସ୍ତେ ମାନନ୍ତି। ତେଣୁ ଏହି ପବିତ୍ର ପୀଠରୁ ‘ଏକ ଭାରତ ଶ୍ରେଷ୍ଠ ଭାରତ’ର ସଂକଳ୍ପ ନେଇ କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍, ଓଡ଼ିଶା ପ୍ରଭାରୀ ଅରୁଣ ସିଂ, ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡା, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗୋ, ମୋର୍ଚ୍ଚାର ପୂର୍ବତନ ରାଷ୍ଟ୍ରୀୟ ସଭାପତି ଫଗନ ସିଂ କୁଲସ୍ତେ, ମୋର୍ଚ୍ଚାର ଓଡ଼ିଶା ସଭାପତି ରବି ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏଥିରେ ରାଜସ୍ଥାନର ଅର୍ଜୁନଲାଲ ମିନା, ମଧ୍ୟପ୍ରଦେଶର ସୁବାସ ପଟେଲ, ଝାଡ଼ଖଣ୍ଡର ଲକ୍ଷ୍ମଣ ଟୁଡୁଙ୍କ ସମେତ ଭାରତର ବିଭିନ୍ନ ☞ପୃଷ୍ଠା–୨

## ଋଷି କୁମାର ଶୁକ୍ଳା ସିବିଆଇ ମୁଖ୍ୟ

**ନୂଆଦିଲ୍ଲୀ,୨।୨(ପି.ଟି.)**



ମଧ୍ୟପ୍ରଦେଶର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଋଷି କୁମାର ଶୁକ୍ଳାଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ସେ ଏହି ପଦବୀରେ ୨ ବର୍ଷ ରହିବେ ବୋଲି କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ୧୯୮୩ ବ୍ୟାଚର ମଧ୍ୟପ୍ରଦେଶ କ୍ୟାଡର ଆଇପିଏସ୍ ଅଫିସର ଶୁକ୍ଳା ଏବେ ରାଜ୍ୟ ପୋଲିସ ଗୃହନିର୍ମାଣ ନିଗମ ଅଧ୍ୟକ୍ଷ ଅଛନ୍ତି।

ସିବିଆଇ ନିର୍ଦ୍ଦେଶକ ପଦବୀ ଲାଗି ପ୍ରସ୍ତୁତ ବୃତ୍ତାନ୍ତ ତାଲିକାରେ ୩୦ରୁ ଊର୍ଦ୍ଧ୍ୱ ଅଧିକାରୀଙ୍କ ନାମ ରହିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଶେଷରେ ଶୁକ୍ଳାଙ୍କ ନାମ ଉପରେ ମୋହର ମାରିଛି। ଫଳରେ ତଦନ୍ତକାରୀ ସଂସ୍ଥାରେ କିଛି ମାସ ଧରି ଦେଖାଦେଇଥିବା ଅଚଳାବସ୍ଥାର ଅବସାନ ଘଟିଥିବା କୁହାଯାଉଛି। ☞ପୃଷ୍ଠା–୨

## ଆଜି ମୁଖ୍ୟମନ୍ତ୍ରୀଙ୍କ ରାଇରଙ୍ଗପୁର, କେନ୍ଦୁଝର ଗସ୍ତ

**ବାରିପଦା ଅଫିସ/କେନ୍ଦୁଝର(ସ୍ୱ.ପ୍ର.), ୨।୨**
ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ରାଇରଙ୍ଗପୁର ଓ କେନ୍ଦୁଝର ଗସ୍ତ କରିବେ। ପୂର୍ବାହ୍ନ ୧୦ଟା ୪୦ରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲା ରାଇସୁଆଁ ଏୟାରଷ୍ଟ୍ରିପରେ ପହଞ୍ଚି ହେଲିକପ୍ଟର ଯୋଗେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଯିବେ। ୧୧ଟା ୧୫ରେ ମହୁଲଡିହା ପଡିଆରେ ରାଇରଙ୍ଗପୁର ମିଶନଶକ୍ତି ପକ୍ଷରୁ ଆୟୋଜିତ ସମାବେଶରେ ସେ ଯୋଗଦେବେ। ସେଠାରୁ ୧୨ଟାରେ ବାହାରି କେନ୍ଦୁଝର ଜିଲା ଘଟଗାଁ ବ୍ଲକ ପିଣ୍ଡପଡାରେ ସାଢେ ୧୨ଟାରେ ପହଞ୍ଚିବେ। ସେଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ କୃଷକ ସମାବେଶ ‘କାଳିଆ’ କାର୍ଯ୍ୟକ୍ରମରେ ଯୋଗଦେବା ପରେ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ୧ଟା ୧୫ରେ କାର୍ଯ୍ୟକ୍ରମ ସରିବା ପରେ ମୁଖ୍ୟମନ୍ତ୍ରୀ ରାଇସୁଆଁ ଏୟାରଷ୍ଟ୍ରିପରୁ ଭୁବନେଶ୍ୱର ଫେରିଯିବେ।

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

## ନିଲାମ ହେବ ୧୦୦ ଖଣି

**ଭୁବନେଶ୍ୱର,୨।୨**

- ଦେଶରେ ୫୩ ଖଣି ନିଲାମ ହୋଇଛି
- ଅବଧି ଶେଷ ଖଣିର ଅକ୍ସନ ଲାଗି ସରକାର ପ୍ରସ୍ତୁତ
- କମ୍ପାନୀଗୁଡ଼ିକର ଇନ୍ଧନ ଆବଶ୍ୟକତା ପୂରଣ ଉପରେ ନଜର
- ଆଲୁମିନିୟମ ଉତ୍ପାଦନ ବୃଦ୍ଧିକୁ ଗୁରୁତ୍ୱ




ଚଳିତବର୍ଷ ଦେଶରେ ୧୦୦ ନୂଆ ଖଣି ନିଲାମ ହେବ। ଏଥିଲାଗି କେନ୍ଦ୍ର ଖଣି ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ବର୍ତ୍ତମାନ ସୁଦ୍ଧା ୫୩ ଖଣିଜ ବ୍ଲକ ନିଲାମ କରିବାକୁ ସରକାର ସକ୍ଷମ ହୋଇଛନ୍ତି। ନିଲାମରୁ ୧.୪୩ ଲକ୍ଷ କୋଟି ଟଙ୍କା ଅତିରିକ୍ତ ରାଜସ୍ୱ ମିଳିଛି। ଉକ୍ତ ରାଜସ୍ୱ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ପ୍ରଦାନ କରାଯିବ ବୋଲି କେନ୍ଦ୍ର ଖଣି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି।

ଏଠାରେ ତିନିଦିନ ଧରି ଚାଲିଥିବା ଅନ୍ତର୍ଜାତୀୟ ଆଲୁମିନିୟମ କନଫରେନ୍ସ (ଇନ୍‌କାଲ୍)ର ଉଦ୍‌ଯାପନୀ ଦିବସରେ ଶନିବାର ଯୋଗଦେଇ ତୋମାର କହିଛନ୍ତି , ଚଳିତ ବର୍ଷ ଅବଧି ଶେଷ ହେଉଥିବା ଖଣିଗୁଡ଼ିକର ଉଚିତ୍ ସମୟରେ ମଧ୍ୟ ନିଲାମ ସାରିବାକୁ କେନ୍ଦ୍ର ସରକାର ପ୍ରସ୍ତୁତି ଚଳାଇଛନ୍ତି। ସେହିଭଳି ଶକ୍ତି କମ୍ପାନୀଗୁଡ଼ିକୁ କୋଇଲା ନିଅଣ୍ଟ ଉପରେ ଏକ ପ୍ରଶ୍ନର ଉତ୍ତରରେ ତୋମାର କହିଛନ୍ତି ଯେ, କମ୍ପାନୀଗୁଡ଼ିକର ଇନ୍ଧନ ଆବଶ୍ୟକତା ଉପରେ ନଜର ରଖାଯାଇଛି। ଯଦି କୌଣସି କ୍ଷେତ୍ରରେ ଅସୁବିଧା ହେଉଛି, ତା’ର ସମାଧାନ କରାଯାଉଛି। ☞ପୃଷ୍ଠା–୨

## କାମଚଳା ବ୍ୟୟମଞ୍ଜୁରୀ ବିଲ୍‌କୁ ମନ୍ତ୍ରୀ ପରିଷଦର ଅନୁମୋଦନ

**ଭୁବନେଶ୍ୱର,୨।୨(ବ୍ୟୁରୋ)**
ଚଳିତବର୍ଷ ମାର୍ଚ୍ଚ ପ୍ରଥମ ସପ୍ତାହରେ ୨୦୧୯ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ପୂର୍ବରୁ ବିଭିନ୍ନ ସରକାରୀ ଖର୍ଚ୍ଚ ସମ୍ବନ୍ଧୀୟ ବିଲ୍ ମଞ୍ଜୁର କରାଇବା ସରକାରଙ୍କ ଦାୟିତ୍ୱ। ସେହି କ୍ରମରେ ରାଜ୍ୟ ସରକାର ଚଳିତ ଏପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ (୪ମାସ) କାମଚଳା ବ୍ୟୟମଞ୍ଜୁରୀ ବିଲ୍ ପ୍ରସ୍ତୁତ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ବସିଥିବା ମନ୍ତ୍ରୀ ପରିଷଦ ବୈଠକରେ ମଧ୍ୟ ଏହାକୁ ଅନୁମୋଦନ କରାଯାଇଛି। ଦୁଇଦିନ ପରେ ଆରମ୍ଭ ହେବାକୁ ଥିବା ବିଧାନସଭାରେ ଏହାକୁ ଗୃହୀତ କରାଯିବ। ଏହାର ଆକାର ପ୍ରାୟ ୪୦,୦୦୦ କୋଟି ରହିଥିବା ସୂତ୍ରରୁ ପ୍ରକାଶ। ପୂର୍ବ ଘୋଷିତ ଯୋଜନାରେ ଅର୍ଥ ବରାଦକୁ କାମଚଳା ବଜେଟରେ ଗୁରୁତ୍ୱ ଦିଆଯାଇଥିବା ଜଣାପଡିଛି। ଶନିବାର ବସିଥିବା କ୍ୟାବିନେଟ୍ ବୈଠକ ପରେ ମନ୍ତ୍ରୀ ପରିଷଦ ବୈଠକ ବସିଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଥ ମନ୍ତ୍ରୀ ଶଶିଭୂଷଣ ବେହେରା, ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରମେଶ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

### ଅଧିକ ମଜୁରୀ ପ୍ରଲୋଭନ

## ଦାଦନ ଖଟିବାକୁ ୧୫ ଜଣଙ୍କୁ ଚାଲାଣ

**ଡାବୁଗାଁ, ୨।୨ (ଡି.ଏନ.ଏ.)**

- ୧୫ ଜଣଙ୍କ ମଧ୍ୟରେ ଅଛନ୍ତି ୧୦ ନାବାଳିକା
- ଅପହରଣ କରାଯାଇଥିବା ଅଭିଯୋଗ

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ପାରିଆବେଡା ଗ୍ରାମର ୧୫ ଜଣଙ୍କୁ ଅଧିକ ମଜୁରୀ ପ୍ରଲୋଭନ ଦେଖାଇ ଦାଦନ ଖଟିବାକୁ ନିଆଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ୧୦ ନାବାଳିକା। ନାବାଳିକାଙ୍କ ମଧ୍ୟରୁ ଜଣଙ୍କ ବାପା ତାଙ୍କ ଝିଅକୁ ଅପହରଣ କରାଯାଇଥିବା ଡାବୁଗାଁ ଥାନାରେ ଶୁକ୍ରବାର ରାତିରେ ଅଭିଯୋଗ କରିଛନ୍ତି।

ପାରିଆବେଡା ଗ୍ରାମର ଜଣେ ନାବାଳିକାଙ୍କ ପିତାଙ୍କ ଅଭିଯୋଗ ଅନୁଯାୟୀ ଗତ ୨୭ ତାରିଖରେ ସେ ଗ୍ରାମ ପାଖ ଆଟିଗାଁ ହାଟକୁ ଯାଇଥିଲେ । ରାତ୍ରି ପ୍ରାୟ ୭ଟା ୩୦ରେ ସେ ଘରକୁ ଫେରି ଜାଣିବାକୁ ପାଇଥିଲେ ଯେ ୨ ଜଣ ଅଜଣା ମହିଳା ଓ ପୁରୁଷ ଗ୍ରାମକୁ ଆସିଥିଲେ। ତାଙ୍କର ୨ ଝିଅଙ୍କ ସହ ଗ୍ରାମର ମୋଟ ୧୫ ଜଣଙ୍କୁ କଳାହାଣ୍ଡି ଜିଲାରେ ଅଧିକ ମଜୁରୀରେ କାମ ଦେବାର ପ୍ରଲୋଭନ ଦେଖାଇ ସାଥୀରେ ନେଇ ଯାଇଛନ୍ତି। ୧୫ ଜଣଙ୍କ ମଧ୍ୟରେ ୧୦ ନାବାଳିକା ଅଛନ୍ତି। ନାବାଳିକାଙ୍କ ବାପା ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲା ଅଧୀନ ଚଢାବରମ ଅଞ୍ଚଳର ଗୋବରାବରମ ଗ୍ରାମରେ ଏକ ଇଟାଭାଟିରେ ୧୫ ଜଣ କାମ କରୁଥିବା ଦେଖି ସେ ଘରକୁ ଫେରିଥିଲେ। ଏ ସମ୍ପର୍କରେ ଶୁକ୍ରବାର ରାତିରେ ଡାବୁଗାଁ ଥାନାରେ ସେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନାରେ ନଂ.୧୪/୧୯ ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

**ଆଜିର ସମ୍ପାଦକୀୟ**

**ସର୍ବନିମ୍ନ ଆୟ ପ୍ରସ୍ତାବ**

**ଆଜିର ମନ୍ତବ୍ୟ**

“ପରସ୍ପରର ମୁହଁ ଚାହୁଁ ନ ଥିବା ଲୋକେ ଏବେ କୋଳାକୋଳି ହେଉଛନ୍ତି।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୫୭ ରାଷ୍ଟ୍ରାୟତ୍ତ ସଂସ୍ଥା ବର୍ତ୍ତମାନ ଷ୍ଟକ ବଜାରରେ ସୂଚୀଭୁକ୍ତ ଥିବା ବେଳେ ସେମାନଙ୍କର ମୋଟ ବଜାର କ୍ୟାପିଟାଲାଇଜେଶନ ୧୩ ଲକ୍ଷ କୋଟି ଟଙ୍କା ରହିଛି। –ଅର୍ଥ ମନ୍ତ୍ରଣାଳୟ

SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NECC NATIONAL EGG CO-ORDINATION COMMITTEE
02.02.2019
Venco**b**b CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 83 | 136 | 146 |
| CTC | 85 | 139 | 149 |
| DKL | 85 | 139 | 149 |
| BDK | 86 | 140 | 150 |
| BLS | 86 | 140 | 150 |
| ANG | 85 | 139 | 149 |

*Conditions Apply
Eggs Retail Price- 49/-Dozen
Issued in the Interest of Consumers





"ବିବାଦୀୟ ନାଗରିକତ୍ୱ (ସଂଶୋଧନ) ବିଲ୍‌କୁ କେନ୍ଦ୍ର ସରକାର ଫେରାଇ ନିଅନ୍ତୁ।
–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ରବର୍ଟ ଭଦ୍ରାଙ୍କୁ ଅନ୍ତରୀଣ ଜାମିନ



**ନୂଆଦିଲ୍ଲୀ,୨।୨(ପି.ଟି.):** ମନି ଲଣ୍ଡରିଂ (ଅର୍ଥ ଠକେଇ) ମାମଲାରେ ଦିଲ୍ଲୀର ପଟିଆଲା କୋର୍ଟ ଶନିବାର ରବର୍ଟ ଭଦ୍ରାଙ୍କୁ ଫେବୃୟାରୀ ୧୬ ତାରିଖ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ସ୍ୱତନ୍ତ୍ର ବିଚାରପତି ଅରବିନ୍ଦ କୁମାର ତାଙ୍କ ଜାମିନ ଆବେଦନ ମଞ୍ଜୁର କରିବା ସହ ତଦନ୍ତରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲଣ୍ଡନର ୧୨ ବ୍ରାୟାନଷ୍ଟନ ସ୍କୋୟାରସ୍ଥିତ ୧.୯ ମିଲିୟନ ପାଉଣ୍ଡ ମୂଲ୍ୟର ଜମି କିଣାରେ ହୋଇଥିବା ଅନୈତିକ ଅର୍ଥ କାରବାର ମାମଲାରେ ଫେବୃୟାରୀ ୬ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ଠାରେ ତାଙ୍କୁ ହାଜର ହେବାକୁ ଆଦେଶ କରିଛନ୍ତି। କୋର୍ଟରେ ଶୁଣାଣି ସମୟରେ ଇଡି ପକ୍ଷରୁ ସରକାରୀ ଓକିଲ ନୀତେଶ ରାଣା ଉପସ୍ଥିତ ରହିଥିଲେ। ରବର୍ଟ ବଦ୍ରାଙ୍କ ଜାମିନ ଆବେଦନକୁ ସେ ବିରୋଧ କରିଥିଲେ। ସେ ଯୁକ୍ତି ଦର୍ଶାଇଥିଲେ ଯେ ଲଣ୍ଡନରେ ଜମି କିଣାରେ ଯେଉଁ ଆର୍ଥିକ କେଲେଙ୍କାରୀ ହୋଇଛି ସେହି ଜମିର ମାଲିକ ରବର୍ଟ ଭଦ୍ରା ଅଟନ୍ତି। ତେଣୁ ତାଙ୍କୁ ଜାମିନ ଦିଆ ନ ଯିବାକୁ ସେ କୋର୍ଟକୁ ଜଣାଇଥିଲେ।

### କଂଗ୍ରେସରେ ମିଶିଲେ ଜେଡିୟୁ ନେତା ଋଷି ମିଶ୍ର

**ପାଟନା,୨।୨(ପି.ଟି.):** ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦଳ ତ୍ୟାଗ କରି ଜେଡିୟୁ ନେତା ରିଷି ମିଶ୍ର ଶନିବାର କଂଗ୍ରେସରେ ସାମିଲ୍ ହୋଇଛନ୍ତି। ଭାଜପା ସହ ମିଶି କାମ କରିବାରେ ସେ ନିଜକୁ ଅସହଜ ମନେ କରି ଦଳ ବଦଳାଇବାକୁ ବାଧ ହୋଇଥିବା କହିଛନ୍ତି। ମିଶ୍ର ୨୦୧୫ ବିଧାନସଭା ନିର୍ବାଚନରେ ଦରଭଙ୍ଗା ଆସନରୁ ହାରିଥିଲେ। ପରେ ଉପନିର୍ବାଚନରେ ବିଜୟୀ ହୋଇଥିଲେ।

# ଚାଇନା ଋଣଯନ୍ତାରେ ପାକ୍

**ଇସ୍‌ଲାମାବାଦ,୨।୨(ପି.ଟି.)**



ପାକିସ୍ତାନ ଏବେ ଚାଇନା ଋଣଯନ୍ତାରେ। ସବୁଦିନିଆ ବନ୍ଧୁ ଚାଇନା ଇସ୍‌ଲାମାବାଦକୁ ସହାୟତା ଆଳରେ ଏହାର ଋଣଜାଲରେ ଫସାଇ ଚାଲିଛି, ଯାହା ପରିଶୋଧ କରିବା ପାକିସ୍ତାନ ପାଇଁ କଷ୍ଟକର ହୋଇପଡିବ। ଚାଇନା ମଧ୍ୟ ତାହା ଚାହେଁ। ପଡୋଶୀ ଦେଶମାନଙ୍କୁ ଋଣ ଦେଇ ସେମାନଙ୍କୁ ବୋଲକରା ସଜାଇ ନିଜର ପତିଆରା ବୃଦ୍ଧି କରିବା ଚାଇନାର ଲକ୍ଷ୍ୟ।

ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି) ପାଇଁ ଚାଇନା ପାକିସ୍ତାନକୁ ବିପୁଳ ପରିମାଣର ଋଣ ଯୋଗାଇ ଦେଇଛି। ଏହି କରିଡର ଉଭୟ ଦେଶର ଆର୍ଥିକ ବିକାଶରେ ସହାୟକ ହେବ ବୋଲି କୁହାଯାଉଥିଲେ ହେଁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ଏଥିରୁ କେବଳ ଚାଇନାକୁ ହିଁ ଫାଇଦା ମିଳିବ। ପାକିସ୍ତାନ କେବଳ ଋଣଯନ୍ତାରେ ଛନ୍ଦି ହେବା ସହ ବାଣିଜ୍ୟିକ ନିଅଣ୍ଟର ସମ୍ମୁଖୀନ ହୋଇ ଦେବାଳିଆ ପରିସ୍ଥିତିକୁ ଆସିଯିବ। ପାକିସ୍ତାନକୁ ଚାଇନା ଶିଳ୍ପ ଟେକ୍‌ନୋଲୋଜି ଦେଉନାହିଁ କିମ୍ବା ନିଯୁକ୍ତି ସୃଷ୍ଟିରେ ସହାୟତା କରୁନାହିଁ। ଯାହା ଫଳରେ ଉକ୍ତ ପ୍ରୋଜେକ୍ଟ ପାଇଁ କେବଳ ଚାଇନା ପ୍ରଯୁକ୍ତିର ଉପଯୋଗ ହେବା ସହ ସେଠାର କର୍ମଚାରୀ ନିୟୋଜିତ ହେବେ। ଏବେ ପାକିସ୍ତାନର ବୈଦେଶିକ ବିନିମୟ ଭଣ୍ଡାର ବୃଦ୍ଧି ଲାଗି ବେଜିଂ ୨.୫ ବିଲିୟନ ଡଲାର ଋଣ ଯୋଗାଇ ଦେଇଛି। ପାକିସ୍ତାନର ଫରେକ୍ସ ରିଜର୍ଭ ଏବେ ୮.୧୨ ବିଲିୟନ ଡଲାର ଯାହା ମାତ୍ର ୭ ସପ୍ତାହର ଆମଦାନୀ ଭରଣା କରିବାକୁ ସମର୍ଥ। ସେଥିପାଇଁ ବିଶ୍ୱବ୍ୟାଙ୍କ ଏବଂ ଏସୀୟ ଉନ୍ନୟନ ବ୍ୟାଙ୍କ ପାକିସ୍ତାନକୁ ଋଣ ଦେଉନାହିଁ। ବର୍ତ୍ତମାନର ୨.୫ ବିଲିୟନ ଡଲାର ସହ ଚଳିତ ଆର୍ଥିକ ବର୍ଷରେ ପାକିସ୍ତାନକୁ ଚାଇନାର ମୋଟ ଋଣ ପରିମାଣ ୪.୫ ବିଲିୟନ ଡଲାର ହୋଇଛି। ଜୁଲାଇ ମାସରେ ଚାଇନା ପାକିସ୍ତାନ ଷ୍ଟେଟ ବ୍ୟାଙ୍କରେ ୨ ବିଲିୟନ ଡଲାର ଜମା କରିଥିଲା।

- ପାକିସ୍ତାନର ଋଣ ଜିଡିପିର ୬୭%
- ଫରେକ୍ସ ରିଜର୍ଭ ୮.୧୨ ବିଲିୟନ ଡଲାର
- ଚାଇନା ୨.୫ ବିଲିୟନ ଡଲାର ଯୋଗାଇଲା

ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ କ୍ଷମତାକୁ ଆସିବା ପରେ ଜରୁରୀ ଋଣ ଯୋଗାଡ କରିବା ଲାଗି ଚାଇନା, ସୌଦି ଆରବ ଏବଂ ୟୁଏଇ ଗସ୍ତ କରିଥିଲେ। ଏଥି ତିନି ରାଷ୍ଟ୍ର ୧୪.୫ ବିଲିୟନ ଡଲାର ଋଣ ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଛନ୍ତି ଯାହା ଚଳିତ ବର୍ଷ ଦେଶର ଆର୍ଥିକ ନିଅଣ୍ଟ ମେଣ୍ଟାଇବାରେ ସହାୟକ ହେବ। ଦେଶ ଚଳାଇବା ଲାଗି ପୂର୍ବ ସରକାର ଋଣ କରୁଥିବା ନେଇ ଇମ୍ରାନ ସମାଲୋଚନା କରୁଥିଲେ। କିନ୍ତୁ କ୍ଷମତାକୁ ଆସିବା ପରେ ଫରେକ୍ସ ରିଜର୍ଭ ଅତ୍ୟଧିକ କମ୍ ରହିଥିବାରୁ ସେ ଋଣ କରିବାକୁ ବାଧ ହୋଇଛନ୍ତି। ୧ରୁ ୩ ବର୍ଷ ମଧ୍ୟରେ ଏହି ଋଣ ପରିଶୋଧ କରିବ ବୋଲି ପାକିସ୍ତାନ କହିଥିଲେ ହେଁ ତାହା ସମ୍ଭବ ହୋଇ ନ ପାରେ ବୋଲି ଅର୍ଥ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡିଛି। ଗତ ଦୁଇ ମାସରେ ରିୟାଧ ଏବଂ ୟୁଏଇରୁ ୪ ବିଲିୟନ ଡଲାର ଆସିଥିଲେ ମଧ୍ୟ ଫରେକ୍ସ ରିଜର୍ଭ ୮.୧୨ ବିଲିୟନ ଡଲାର ରହିଛି। ଚଳନ୍ତି ଆକାଉଣ୍ଟ ନିଅଣ୍ଟ ପରିମାଣ ୬ ମାସରେ ୮ ବିଲିୟନ ଡଲାର ହୋଇଛି। ପାକିସ୍ତାନ ଟଙ୍କା ମୂଲ୍ୟ ଜୁଲାଇରୁ ଇତିମଧ୍ୟରେ ୧୫ ପ୍ରତିଶତ ହ୍ରାସ ପାଇଥିବାବେଳେ ରପ୍ତାନି ବଢୁନାହିଁ। ୨୦୧୮ ଜୁନ୍‌ରେ ପାକ୍ ସରକାରଙ୍କ ଋଣ ପରିମାଣ ଜିଡିପିର ୬୭ ପ୍ରତିଶତ ଥିଲା। ଋଣଯନ୍ତାରୁ ପାକିସ୍ତାନ ମୁକୁଳିବା ଆଶା କମ୍ ବୋଲି ଅର୍ଥନୀତିଜ୍ଞମାନେ ମତ ଦେଉଛନ୍ତି।

■ ଆମେରିକା ଦୂତାବାସକୁ ଭାରତର ନୋଟିସ

# ଗିରଫ ଛାତ୍ରଙ୍କୁ ମୁକ୍ତ କର

**ନୂଆଦିଲ୍ଲୀ/ୱାଶିଂଟନ,୨।୨(ପି.ଟି.)**

ଆମେରିକାରେ ଭାରତୀୟ ଛାତ୍ରୀଛାତ୍ରଙ୍କୁ ଗିରଫ ଘଟଣାରେ ନୂଆଦିଲ୍ଲୀ ଅସନ୍ତୋଷ ବ୍ୟକ୍ତ କରିଛି। ଆମେରିକା ଦୂତାବାସକୁ ଶନିବାର ଡେମାର୍ଶ (ପଦକ୍ଷେପ ପାଇଁ କୂଟନୈତିକ ପତ୍ର) ଜାରି କରି ଭାରତ ନିଜର ଅସନ୍ତୋଷ ଜଣାଇଦେବା ସହ ଉଚ୍ଚାୟୁକ୍ତଙ୍କ ଜରିଆରେ ତୁରନ୍ତ ଆଇନଗତ ସହାୟତା ଯୋଗାଇ ଦେବା ଏବଂ ଛାତ୍ରମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଅନୁରୋଧ କରିଛି।

ଇମିଗ୍ରେଶନ ଆଇନର ଉଲ୍ଲଂଘନ କରି ବେଆଇନ ଭାବେ ଆମେରିକାରେ ରହିବା ଲାଗି ଏକ ଜାଲ୍ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିବା ୧୨୯ ଜଣ ଭାରତୀୟ ଛାତ୍ରୀଛାତ୍ର ଗିରଫ ହୋଇଛନ୍ତି। ଭାରତ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ସହ ସେମାନଙ୍କ ସମସ୍ୟାର ସମାଧାନ ଲାଗି ସକ୍ରିୟ ପଦକ୍ଷେପ ନେଉଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଭାରତୀୟ ଦୂତାବାସ ୩୦ ଅଟକ ଛାତ୍ରଙ୍କ ସହ ଯୋଗାଯୋଗ ହୋଇପାରିଛି। ଅନ୍ୟମାନଙ୍କ ସହ ଯୋଗାଯୋଗ ଲାଗି ଉଦ୍ୟମ ଜାରି ରହିଛି।

### ହଟ୍‌ଲାଇନ ଖୋଲିଲା ଭାରତୀୟ ଦୂତାବାସ

ଅଟକ ଥିବା ଛାତ୍ରମାନଙ୍କୁ ସହାୟତା ଯୋଗାଇ ଦେବା ଲାଗି ଆମେରିକାରେ ଭାରତୀୟ ଦୂତାବାସ ପକ୍ଷରୁ ଏକ ୨୪ ଘଣ୍ଟିଆ ହଟଲାଇନ ଖୋଲାଯାଇଛି। ଦୂତାବାସ ଅଧିକାରୀଙ୍କ ପକ୍ଷରୁ ଦୁଇଟି ନମ୍ବର ୨୦୨-୩୨୨-୧୧୯୦ ଏବଂ ୨୦୨-୩୪୦-୨୫୯୦ ଜାରି କରାଯାଇଛି।

■ ଚାଇନା ସୀମାନ୍ତରେ ସେନା ଆଧୁନିକୀକରଣ

# ୭୩ ହଜାର ବନ୍ଧୁକ କିଣିବ ଭାରତ

**ନୂଆଦିଲ୍ଲୀ,୨।୨(ପି.ଟି.)**



ସେନା ଆଧୁନିକୀକରଣ ଯୋଜନା ଅନ୍ତର୍ଗତ ୩,୬୦୦ କି.ମି. ଚାଇନା ସୀମାନ୍ତ ଅଞ୍ଚଳରେ ମୁତୟନ ଭାରତୀୟ ସେନାଙ୍କ ଶକ୍ତି ବୃଦ୍ଧି ପାଇଁ ଅତ୍ୟାଧୁନିକ ମଡେଲର ୭୩ ହଜାର ସ୍ୱୟଂଚାଳିତ ସିଗ୍ ସାଓ୍ୱର ରାଇଫଲ୍ସ ଆମେରିକାରୁ ସଂଗ୍ରହ କରାଯିବ। ଶନିବାର ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରାମନ ଏ ସମ୍ପର୍କିତ ଦୀର୍ଘଦିନର ପ୍ରସ୍ତାବକୁ ମଞ୍ଜୁର କରିଥିବା ବେଳେ ସପ୍ତାହେ ମଧ୍ୟରେ ରାଇଫଲ୍ସ ଯୋଗାଣ ନେଇ ଆମେରିକାର ଫାର୍ମ ସହ ଚୁକ୍ତି ଚୂଡାନ୍ତ ହେବ। ତ୍ୱରିତ ଅସ୍ତ୍ରଶସ୍ତ୍ର ସଂଗ୍ରହ ବ୍ୟବସ୍ଥା ଅନ୍ତର୍ଗତ ବର୍ଷକ ମଧ୍ୟରେ ଉକ୍ତ ଫାର୍ମ ଏହି ଘାତକ ଶ୍ରେଣୀଭୁକ୍ତ ରାଇଫଲ୍ସ ଯୋଗାଇ ଦେବ ବୋଲି ବରିଷ୍ଠ ଅଧିକାରୀ କହିଛନ୍ତି।

ପାକିସ୍ତାନ ଓ ଚାଇନା ସୀମାରେଖାର ସୁରକ୍ଷା ସମ୍ପ୍ରତି ଏକ ଚ୍ୟାଲେଞ୍ଜ୍ ହୋଇଥିବାବେଳେ ଏହାର ମୁକାବିଲା ପାଇଁ ଆମେରିକା ସମେତ ୟୁରୋପରେ ବ୍ୟବହାର କରାଯାଉଥିବା ଅତ୍ୟାଧୁନିକ ମଡେଲର ଅସ୍ତ୍ରଶସ୍ତ୍ର ଫାଷ୍ଟ-ଟ୍ରାକ୍ ପ୍ରୋକ୍ୟୁୟରମେଣ୍ଟ ଜରିଆରେ ଅଣାଯିବାକୁ ଭାରତୀୟ ସେନା ଦୀର୍ଘଦିନ ହେବ ଦାବି କରିଆସୁଛି। ଏହି କ୍ରମରେ ୨୦୧୭ ଅକ୍ଟୋବରରେ ୭ ଲକ୍ଷ ରାଇଫଲ, ୪୪ହଜାର ଲାଇଟ୍ ମେଶିନଗନ, ୪୪ହଜାର କର୍ବାଇନ୍ସ ସଂଗ୍ରହ କରିବା ପାଇଁ ଭାରତୀୟ ସେନା ପ୍ରସ୍ତୁତି ଆରମ୍ଭ କରିଛି।

# ପଶ୍ଚିମ ବଙ୍ଗରେ ମୋଦିଙ୍କ ପ୍ରଚାର ଆରମ୍ଭ

**ଦୁର୍ଗାପୁର/ଠାକୁରନଗର,୨।୨(ପି.ଟି.):** ଆଗାମୀ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବା ଲାଗି ବିରୋଧୀ ଦଳଗୁଡିକୁ ଏକତ୍ର କରିବା ଉଦ୍ୟମ ଚଳାଇଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ଅଧକ୍ଷା ମମତା ବାନାର୍ଜୀଙ୍କ ଉପରେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୋରଦାର ବର୍ଷିଛନ୍ତି। ପଶ୍ଚିମବଙ୍ଗରେ ଗଣତନ୍ତ୍ରର କଣ୍ଠରୋଧ କରାଯାଉଛି ବୋଲି ଦୁର୍ଗାପୁରଠାରେ ଅନୁଷ୍ଠିତ ଏକ ର୍ୟାଲିକୁ ସମ୍ବୋଧିତ କରିବା ଅବସରରେ ପ୍ରଧାନମନ୍ତ୍ରୀ ଅଭିଯୋଗ କରିଛନ୍ତି। ପଶ୍ଚିମବଙ୍ଗବାସୀ ପରିବର୍ତ୍ତନ ଚାହାନ୍ତି । ସେମାନେ ମମତାଙ୍କୁ ଫିଙ୍ଗିଦେବା ଲାଗି ନିଷ୍ପତ୍ତି ନେଇସାରିଛନ୍ତି ବୋଲି ମୋଦି କହିଛନ୍ତି। ଗଣତନ୍ତ୍ରକୁ ଚାପିଦେବା ଲାଗି ମମତା ପୂର୍ବର ବାମପନ୍ଥୀ ସରକାରଙ୍କ ରାସ୍ତାରେ ଚାଲୁଛନ୍ତି, ଯାହା କାମ ଦେବ ନାହିଁ । ୪ ବର୍ଷ ପୂର୍ବେ ପରସ୍ପର ମୁହଁକୁ ଚାହୁ ନଥିବା ଲୋକେ ଏବେ କୋଳାକୋଳି ହେଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଠାକୁରନଗରଠାରେ ଅନ୍ୟ ଏକ ର୍ୟାଲିରେ ଯୋଗଦେଇ ମୋଦି କହିଥିଲେ ଭାଜପା କର୍ମୀଙ୍କ ବିରୋଧରେ ହିଂସା ସୃଷ୍ଟି ଲାଗି ପ୍ରୋତ୍ସାହିତ କରୁଛନ୍ତି। ଲୋକେ ଭାଜପା ପ୍ରତି ଆଗ୍ରହ ପ୍ରକାଶ କରୁଥିବାରୁ ମମତା ବିଚଳିତ ହୋଇପଡିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ନାଗରିକତ୍ୱ ସଂଶୋଧନ ବିଲ୍ ଗୃହୀତ କରାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଧର୍ମକୁ ନେଇ ଅସୁବିଧାର ସମ୍ମୁଖୀନ ହୋଇଥିବା ଲୋକଙ୍କୁ ଏହା ନ୍ୟାୟ ଓ ସମ୍ମାନ ଆଣିଦେବ। ବଜେଟ ସମ୍ପର୍କରେ ମୋଦି କହିଥିଲେ କୃଷକ, ଶ୍ରମିକ ଏବଂ ମଧ୍ୟବିତ୍ତ ଶ୍ରେଣୀଙ୍କ କଲ୍ୟାଣ ଲାଗି ଏହା ଐତିହାସିକ ପଦକ୍ଷେପ।

**'ରାଜ୍ୟରେ ଗଣତନ୍ତ୍ରର କଣ୍ଠରୋଧ କରାଯାଉଛି'**



### ସଭାରେ ଦଳାଚକଟା ସ୍ଥିତି

ଉତ୍ତର ଚବିଶ ପ୍ରଗଣା ଜିଲାର ଠାକୁରନଗର ର୍ୟାଲି ସ୍ଥଳରେ ପ୍ରବଳ ଜନ ସମାଗମ ଯୋଗୁ ଦଳାଚକଟା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। କେତେଜଣ ମହିଳା ଓ ପିଲା ଅଚେତ ହୋଇପଡିବାରୁ ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣକୁ କାଟଛାଣ୍ଟ କରିବା ସହ ଏଭଳି ପରିସ୍ଥିତି ପାଇଁ କ୍ଷମା ମାଗିଥିଲେ। ଅଚେତ ହୋଇପଡିଥିବା ୨/୩ ଜଣ ମହିଳାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡିଦିଆଯାଇଛି। ବାହାରେ ଅପେକ୍ଷାରତ ଲୋକେ ଜବରଦସ୍ତ ପ୍ରବେଶ କରିବାରୁ ଦଳାଚକଟା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ପ୍ରଧାନମନ୍ତ୍ରୀ ଭାଷଣ ବନ୍ଦ କରି ବନ୍ଦେ ମାତରମ ସ୍ଲୋଗାନ ଦେଇ ସଭାସ୍ଥଳ ଛାଡିଥିଲେ।

## ଫୁର୍‌ସତ

# ଲଞ୍ଚ୍ ହେବ ଯୋଗାଯୋଗ ଉପଗ୍ରହ

**ଚେନ୍ନାଇ:** ଭାରତର ଯୋଗାଯୋଗ ଉପଗ୍ରହ ଜିଏସ୍‌ଏଟି-୩୧କୁ ଫ୍ରେଞ୍ଚ୍ ଗାଏନା ସ୍ପେସ୍‌ପୋର୍ଟରୁ ଫେବୃୟାରୀ ୫ରେ ଲଞ୍ଚ୍ କରାଯିବ। ଏରିଏନ୍‌ସ୍ପେସ୍‌ର ଏରିଏନ୍-୫ ରକେଟ୍ ଦ୍ୱାରା ଏହାକୁ ଲଞ୍ଚ୍ କରାଯାଇ ପୃଥିବୀର କକ୍ଷପଥରେ ଅବସ୍ଥାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏରିଏନ୍‌ସ୍ପେସ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହାର ରକେଟ୍ ଏରିଏନ୍-୫ର ପ୍ରସ୍ତୁତି ସମୀକ୍ଷା କରାଯିବା ପରେ ଲଞ୍ଚ୍ ପାଇଁ ସବୁଜ ସଂକେତ ମିଳିବ। ସୌଦି ଜିଓଷ୍ଟେଶନାରି ସାଟେଲାଇଟ୍ ୧/ହେଲାସ୍ ସାଟ୍-୪ ଏବଂ ଜିସାଟ୍-୩୧ ନାମରେ ଦୁଇଟି ସାଟେଲାଇଟ୍‌କୁ ଉକ୍ତ ରକେଟ୍ ପରିବହନ କରିବ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ସୂଚନା ଅନୁଯାୟୀ, ୨୫୩୫ କିଲୋଗ୍ରାମ୍ ବିଶିଷ୍ଟ ଜିସାଟ୍-୩୧ ହେଉଛି ୪୦ତମ ଯୋଗାଯୋଗ ଉପଗ୍ରହ।



# ମୋଗଲ ଗାର୍ଡେନ: ମନ ମୋହିବ ବିଦେଶୀ ଫୁଲ

**ନୂଆଦିଲ୍ଲୀ:** ରାଷ୍ଟ୍ରପତି ଭବନର ମୋଗଲ ଗାର୍ଡେନ ଫେବୃୟାରୀ ୬ରେ ପର୍ଯ୍ୟଟକଙ୍କ ନିମନ୍ତେ ଖୋଲିବାକୁ ଯାଉଛି। ଏହା ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ନିମନ୍ତେ ଉନ୍ମୁକ୍ତ ରହିବ। ୭୦ ପ୍ରକାର ଫୁଲରେ ସୁଶୋଭିତ ଏହି ଗାର୍ଡେନ ପର୍ଯ୍ୟଟକଙ୍କୁ ଆକର୍ଷଣ କରିବ। ନେଦରଲାଣ୍ଡ ଏବଂ ଜାପାନରୁ ଆମଦାନି କରାଯାଇଥିବା ଫୁଲ ଅଧିକ ଆକର୍ଷଣୀୟ ହେବ ବୋଲି କୁହାଯାଉଛି। ବ୍ରିଟେନ୍ ସ୍ଥପତି ଏଡୱାର୍ଡ ଲୁଟାଇନ୍‌ଙ୍କ ଦ୍ୱାରା ପ୍ରସ୍ତୁତ ଗରିମାମୟ ରାଷ୍ଟ୍ରପତି ଭବନ ପରିସରରେ ରହିଥିବା ୧୫ ଏକର ବିଶିଷ୍ଟ ଏହି ପୁଷ୍ପ ଉଦ୍ୟାନ 'ଉଦୟନୋତ୍ସବ' କାର୍ଯ୍ୟକ୍ରମର ଅଂଶସ୍ୱରୂପ ବର୍ଷକୁ ଥରେ ଖୋଲିଥାଏ। ଏହା ରାଷ୍ଟ୍ରପତି ଭବନର ଏକ ଦୀର୍ଘଦିନର ପରମ୍ପରା। ଧଳା, ହଳଦିଆ, ଲାଲ୍, କମଳାରଙ୍ଗ ଆଦି ବିଭିନ୍ନ ରଙ୍ଗର ପୁଷ୍ପରେ ଉଦ୍ୟାନ ଶୋଭା ପାଉଛି। ୨୦୧୯ର ସ୍ୱତନ୍ତ୍ର ଆକର୍ଷଣ ହେଉଛି ଟ୍ୟୁଲିପ୍(ବସନ୍ତଋତୁକାଳୀନ ଫୁଲ)। ବିଭିନ୍ନ ରଙ୍ଗର ୧୦,୦୦୦ ଟ୍ୟୁଲିପ୍ ଉଦ୍ୟାନର ଶୋଭାବର୍ଦ୍ଧନ କରୁଛି। ଏହାର ମଞ୍ଜି ନେଦରଲାଣ୍ଡରୁ ଆସିଥିଲା। ସେହିପରି ଜାପାନରୁ ଅଣାଯାଇଥିବା ମାଠିଓଲା ଇନ୍‌କାନା ପ୍ରଜାତିର ଶ୍ୱେତବର୍ଣ୍ଣ ଫୁଲ ଅତ୍ୟନ୍ତ ସୁନ୍ଦର।



## [ଇତିହାସର ଆଇନାରେ]

### ଫେବୃୟାରୀ ୩ର ପ୍ରମୁଖ ଘଟଣା

**୨**୦୦୭ ଫେବୃୟାରୀ ୩ରେ ବାଗଦାଦ୍ ମାର୍କେଟରେ ବିସ୍ଫୋରଣ ଯୋଗୁ ଅନ୍ୟୁନ ୧୩୫ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୩୩୯ ଆହତ ହୋଇଥିଲେ। ଇରାକ୍‌ର ରାଜଧାନୀ ବାଗ୍‌ଦାଦ୍‌ର ଏକ ବ୍ୟସ୍ତବହୁଳ ମାର୍କେଟରେ ଗୋଟିଏ ବଡ ଟ୍ରକ୍‌ରେ ଏକ ବୋମା ଖଞ୍ଜି ଆତ୍ମଘାତୀ ବିସ୍ଫୋରଣ ଘଟାଯାଇଥିଲା। ଏହି ବୋମାର ଓଜନ ଥିଲା ପାଖାପାଖି ୧ଟନ। ବିସ୍ଫୋରଣରେ ଅନ୍ୟୁନ ୧୦ଟି କୋଠା ଭାଙ୍ଗିରୁଜି ଯିବା ସହିତ ଛୋଟ ଛୋଟ ଦୋକାନ ଜଳିଯାଇଥିଲା।

**୧**୯୮୪ ଫେବୃୟାରୀ ୩ରେ ସ୍ପେସ୍ ଶଟଲ୍ ଚ୍ୟାଲେଞ୍ଜର ଦ୍ୱାରା ଏସ୍‌ଟିଏସ୍ ୪୧-ବି ଲଞ୍ଚ୍ କରାଯାଇଥିଲା। ସ୍ପେସ୍ ଶଟଲ୍ ଚ୍ୟାଲେଞ୍ଜର ହେଉଛି ନାସାର ସ୍ପେସ୍ ଶଟଲ୍ ପ୍ରୋଗ୍ରାମ୍‌ର ଦ୍ୱିତୀୟ ଅର୍ବିଟର। ଉକ୍ତ ଚ୍ୟାଲେଞ୍ଜରକୁ କାଲିଫର୍ନିଆସ୍ଥିତ ରକ୍‌ୱେଲ୍ ଇଣ୍ଟରନ୍ୟାଶନାଲ୍‌ସ ସ୍ପେସ୍ ଟ୍ରାନ୍ସପୋର୍ଟେଶନ୍ ସିଷ୍ଟମ ଡିଭିଜନ୍ ଦ୍ୱାରା ନିର୍ମାଣ କରାଯାଇଥିଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୦ | ୧୧.୪ |
| ଚାନ୍ଦବାଲି | ୨୯.୩ | ୧୩.୧ |
| କଟକ | ୨୯.୬ | ୧୧.୬ |
| ପାରାଦ୍ୱୀପ | ୨୭.୬ | ୧୪.୦ |
| ଭୁବନେଶ୍ୱର | ୩୧.୫ | ୧୧.୭ |
| ଗୋପାଳପୁର | ୨୯.୨ | ୧୪.୮ |
| ପୁରୀ | ୨୭.୬ | ୧୪.୬ |
| ଅନୁଗୋଳ | ୩୦.୧ | ୮.୦ |
| ବାରିପଦା | ୨୯.୦ | ୧୧.୬ |
| ଝାରସୁଗୁଡ଼ା | ୩୦.୦ | ୧୦.୨ |
| କେନ୍ଦୁଝର | ୨୭.୩ | ୯.୭ |
| ସମ୍ବଲପୁର | ୩୦.୨ | ୧୦.୫ |
| ସୁନ୍ଦରଗଡ଼ | --- | ୧୧.୦ |
| ହୀରାକୁଦ | ୨୯.୬ | ୧୧.୩ |
| ତାଳଚେର | ୩୧.୮ | ୧୦.୫ |
| ଭବାନୀପାଟଣା | ୨୯.୦ | ୧୧.୦ |
| ବଲାଙ୍ଗୀର | ୩୦.୦ | ୧୧.୦ |
| କୋରାପୁଟ | ୨୭.୪ | ୯.୪ |
| ଫୁଲବାଣୀ | --- | ୭.୩ |
| ଟିଟିଲାଗଡ଼ | --- | ୧୦.୫ |
| ମାଲକାନଗିରି | ୩୩.୪ | ୧୦.୮ |
| ସୋନପୁର | ୩୦.୨ | ୧୨.୨ |
| ଦାରିଙ୍ଗିବାଡ଼ି | ୨୫.୫ | ୯.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଅନୁରାଗଙ୍କ ଫିଲ୍ମରେ ସାନ୍ୟା

**ମୁମ୍ବାଇ:** ନିର୍ଦ୍ଦେଶକ ଅନୁରାଗ ବସୁଙ୍କ ଆଗାମୀ ଫିଲ୍ମରେ ଅଭିନେତ୍ରୀ ସାନ୍ୟା ମାଲହୋତ୍ରା ଖୁବ୍‌ଶୀଘ୍ର ଶୁଟିଂ ଆରମ୍ଭ କରିବାକୁ ଯାଉଛନ୍ତି। ରହସ୍ୟୋଦ୍ଦୀପକ ତଥା ରୋମାଞ୍ଚକର ଏହି ଫିଲ୍ମ ବହୁ ବିଶିଷ୍ଟ କଳାକାରଙ୍କୁ ନେଇ ନିର୍ମାଣ ହେଉଥିବା ବେଳେ ସେପ୍ଟେମ୍ବର ୬ରେ ଏହା ରିଲିଜ ହେବ। ତେବେ ଏହି ଫିଲ୍ମର ଟାଇଟଲ୍ ଏ ଯାଏ ପ୍ରସ୍ତୁତ ହୋଇନାହିଁ। ଟି-ସିରିଜ୍ ନିର୍ମାତା ଭୂଷଣ କୁମାରଙ୍କ ଦ୍ୱାରା ଉକ୍ତ ଫିଲ୍ମ ନିର୍ମାଣ ହେଉଥିବା ବେଳେ ଏଥିରେ ଅଭିଷେକ ବଚ୍ଚନ, ରାଜକୁମାର ରାଓ, ଫତିମା ସାନା ଶେଖ୍, ଆଦିତ୍ୟ ରଏ କପୁର ଏବଂ ପଙ୍କଜ ତ୍ରିପାଠୀ ପ୍ରମୁଖ ଅଭିନୟ କରୁଛନ୍ତି। ସାନ୍ୟା ମଧ୍ୟ ରିତେଶ ବାତ୍ରାଙ୍କ 'ଫଟୋଗ୍ରାଫ୍'ରେ ଅଭିନୟ କରି ବେଶ୍ ଉତ୍ସାହିତ ଅଛନ୍ତି। ଏଥିରେ ତାଙ୍କ ସହ ଅଭିନୟ କରିଛନ୍ତି ନୱାଜୁଦ୍ଦିନ ସିଦ୍ଦିକ୍। ଆମେରିକାରେ ଚାଲୁଥିବା ସନ୍‌ଡ୍ୟାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଉକ୍ତ ଫିଲ୍ମର ପ୍ରିମିୟର ପ୍ରଦର୍ଶନୀ ହୋଇଥିଲା। ଦୁଇଦିନ ତଳେ ସାନ୍ୟା ଉକ୍ତ ଉତ୍ସବରୁ ଫେରିଥିଲେ। ତେବେ 'ଫଟୋଗ୍ରାଫ୍'ର ପ୍ରଥମ ପ୍ରଦର୍ଶନ ପରେ ଏହାକୁ ଦର୍ଶକ ବେଶ୍ ପସନ୍ଦ କରିଥିବା ସାନ୍ୟା ଜଣାଇଛନ୍ତି।



**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

# ସର୍ବନିମ୍ନ ଆୟ ପ୍ରସ୍ତାବ



ଆକାର ପଟେଲ

କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବାର୍ଷିକ ୬୦୦୦ ଟଙ୍କା ସହାୟତା ଦେବା ଲାଗି କେନ୍ଦ୍ର ସରକାର ଯେଉଁ ଘୋଷଣା କରିଛନ୍ତି, ତାହା ଆସନ୍ତା ମେ ମାସରେ ରାଜନୈତିକ ସ୍ୱାର୍ଥ ହାସଲ ଲାଗି ଏକ ବଢ଼ିଆ ପଦକ୍ଷେପ। ତେବେ ଅନ୍ୟ ଦୁଇଟି ଘଟଣାକ୍ରମ ପରେ ବଜେଟରେ ଏହି ଯୋଜନା ଘୋଷଣା କରାଯାଇଛି। ପ୍ରଥମଟି ହେଉଛି ସରକାର ଏକ ରିପୋର୍ଟକୁ ଚପାଇ ଦେଇଥିଲେ, ଯେଉଁ ରିପୋର୍ଟ କହୁଛି ଯେ ୪୫ ବର୍ଷ ଭିତରେ ଭାରତରେ ବେକାରି ସମସ୍ୟା ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଦ୍ୱିତୀୟଟି ହେଉଛି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କଂଗ୍ରେସ କ୍ଷମତାକୁ ଆସିଲେ ସର୍ବନିମ୍ନ ଆୟ ଗ୍ୟାରେଣ୍ଟି ଦେବ ବୋଲି କହୁଛନ୍ତି।

ତେବେ ଏ ଯୋଜନା ପ୍ରଥମ ନୁହେଁ, ତେଲେଙ୍ଗାନାର କୃଷକମାନଙ୍କୁ ରାଜ୍ୟ ସରକାର ବାର୍ଷିକ ଏକର ପିଛା ୮୦୦୦ ଟଙ୍କା ଦେଇଛନ୍ତି। ମୋଦି ସରକାରଙ୍କ ଯୋଜନା ଅନୁସାରେ ୨ ହେକ୍ଟର ବା ପ୍ରାୟ ୫ ଏକରରୁ କମ୍ ଜମି ଥିବା କୃଷକଙ୍କୁ ଉକ୍ତ ସହାୟତା ମିଳିବ। ସେହି କୃଷକଟି ଯଦି ତେଲେଙ୍ଗାନାର ହୋଇଥିବ, ତେବେ ସେ ଏହା ପୂର୍ବରୁ ୪୦,୦୦୦ ଟଙ୍କା ପାଇସାରିଥିବ। ଓଡ଼ିଶାରେ ପ୍ରତ୍ୟେକ କୃଷକଙ୍କୁ ୫୦୦୦ ଟଙ୍କା ନଗଦ ରାଶି ଦିଆଯାଉଛି। ତା' ସହ ପ୍ରତି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୫ଟି ଖରିଫ ଓ ରବି ଋତୁ ପାଇଁ ୨୫,୦୦୦ ଟଙ୍କା ଏବଂ ପ୍ରତ୍ୟେକ ଭୂମିହୀନ ପରିବାରକୁ ତିନୋଟି ପର୍ଯ୍ୟାୟରେ ୧୨,୫୦୦ ଟଙ୍କା ମିଳିବ। ଉଭୟ ଯୋଜନାର ସମାଲୋଚକ ଅଛନ୍ତି। ସେମାନଙ୍କ ମତରେ ଏଭଳି ଯୋଜନା କାର୍ଯ୍ୟକାରୀ କରିବା ଅତ୍ୟନ୍ତ କଷ୍ଟକର କାରଣ କିଏ କ୍ଷୁଦ୍ରଚାଷୀ ଓ କିଏ ଭୂମିହୀନ, ସରକାର କେମିତି ଜାଣିବେ? ତା'ଛଡ଼ା ଏତେ ଟଙ୍କା ବାଣ୍ଟିବା ପାଇଁ ସରକାରଙ୍କ ପାଖରେ ସମ୍ବଳ ଆସିବ କେଉଁଠୁ?

ଡାଇରେକ୍ଟ କ୍ୟାଶ୍ ଟ୍ରାନ୍ସଫର ଯୋଜନା କେବଳ ଭାରତରେ ସୀମିତ ନୁହେଁ, ଏଭଳି ଚିନ୍ତାଧାରାର ମୂଳ ଆସିଛି ବିଦେଶରୁ। ଇଂଲଣ୍ଡରେ ବେକାର ଦମ୍ପତିଙ୍କୁ ସରକାର ସାପ୍ତାହିକ ୧୧୪ ପାଉଣ୍ଡ (ମାସିକ ୪୨୦୦୦ ଟଙ୍କା) ଦେଉଛନ୍ତି। ଯେଉଁ ପରିବାରଗୁଡ଼ିକର ରହିବା ପାଇଁ ଘର ନାହିଁ ବା ଯେଉଁମାନେ ଅତି ସଂକୀର୍ଣ୍ଣ ଜାଗାରେ ରହୁଛନ୍ତି, ସେମାନଙ୍କୁ ଅତ୍ୟନ୍ତ ରିହାତି ମୂଲ୍ୟରେ କାଉନ୍‌ସିଲ ଘର ଯୋଗାଇ ଦିଆଯାଉଛି। ଆମେରିକାରେ ମଧ୍ୟ ବେକାରଙ୍କୁ ବିଭିନ୍ନ ସୁବିଧା ଓ ଖାଦ୍ୟ ଷ୍ଟାମ୍ପ (ଯେଉଁ ଷ୍ଟାମ୍ପ ଦେଖାଇ ସେମାନେ ମାଗଣାରେ ଖାଦ୍ୟ ପାଇପାରିବେ) ଦିଆଯାଉଛି।

୨୦୧୬ ଜୁନ୍ ମାସରେ ସ୍ୱିଜରଲାଣ୍ଡର ଭୋଟରମାନେ ସୁନିଶ୍ଚିତ ମୌଳିକ ଆୟ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏକ ଜନମତରେ ସ୍ୱିଜରଲାଣ୍ଡର ୭୭ ପ୍ରତିଶତ ଭୋଟର ପ୍ରସ୍ତାବ ବିପକ୍ଷରେ ମତ ଦେଇଥିଲେ। ପ୍ରସ୍ତାବର ସମର୍ଥକମାନେ ପ୍ରତ୍ୟେକ ବୟସ୍କ ନାଗରିକଙ୍କୁ ମାସିକ ୨୫୦୦ ସ୍ୱିସ୍ ଫ୍ରାଙ୍କ (୧.୮ ଲକ୍ଷ ଟଙ୍କା) ଏବଂ ପ୍ରତ୍ୟେକ ଶିଶୁଙ୍କୁ ମାସିକ ୬୨୫ ଫ୍ରାଙ୍କ (୪୫,୦୦୦ ଟଙ୍କା) ଦେବାକୁ ଦାବି କରିଥିଲେ। ଏ ପ୍ରସ୍ତାବର ସମର୍ଥକମାନଙ୍କ ଯୁକ୍ତି ଥିଲା ଯେ କଳକାରଖାନାରେ ସ୍ୱୟଂକ୍ରିୟ ବ୍ୟବସ୍ଥାର ବହୁଳ ପ୍ରଚଳନ ଯୋଗୁ ଲୋକମାନେ ଆଉ କାମ ପାଇବେ ନାହିଁ। ତେଣୁ ସେମାନଙ୍କ ବଞ୍ଚିବା ପାଇଁ ମାସିକ ଭତ୍ତା ଦିଆଯିବା ଦରକାର। ବିରୋଧୀଙ୍କ ଯୁକ୍ତି ଥିଲା ଯେ, ଏପରି ଯୋଜନା ପ୍ରବର୍ତ୍ତନ ହେଲେ ସ୍ୱିଜରଲାଣ୍ଡକୁ ଲକ୍ଷ ଲକ୍ଷ ଆପ୍ରବାସୀ ଆକର୍ଷିତ ହୋଇ ଆସିବେ। ତେବେ ସ୍ୱିଜରଲାଣ୍ଡର କୌଣସି ରାଜନେତା କିମ୍ବା କୌଣସି ରାଜନୈତିକ ଦଳ ଏ ପ୍ରସ୍ତାବକୁ ସମର୍ଥନ କରୁ ନ ଥିଲେ। କିନ୍ତୁ ଭାରତ କଥା ପୂରା ଅଲଗା। ସ୍ୱିଜରଲାଣ୍ଡ ପରି ଆମ ପାଖରେ ବେଶି ଟଙ୍କା ନ ଥିଲେ ମଧ୍ୟ ସବୁ ଦଳ ଚାହୁଁଛନ୍ତି ଲୋକଙ୍କୁ ମାଗଣାରେ ନଗଦ ଟଙ୍କା ବାଣ୍ଟିବା ପାଇଁ।

କିଛିଦିନ ତଳେ ଫିନ୍‌ଲାଣ୍ଡରେ ଏକ ଦୁଇବର୍ଷିଆ ଅନୁଧ୍ୟାନ ଶେଷ ହୋଇଛି, ଯେଉଁଥିରେ ୨୮ରୁ ୫୮ ବର୍ଷୀୟ ୨୦୦୦ ବେକାରଙ୍କୁ ମାସିକ ୫୬୦ ୟୁରୋ (୪୫,୦୦୦ ଟଙ୍କା) ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ କିଛି ଲୋକ ପରେ ଚାକିରି ପାଇଲେ ମଧ୍ୟ ଏ ଟଙ୍କା ସେମାନଙ୍କୁ ଦିଆଚାଲିଲା। ଏ ସୁନିଶ୍ଚିତ ଆୟ ସେମାନଙ୍କ ଉପରେ କି ପ୍ରଭାବ ପକାଉଛି, ଜାଣିବା ଥିଲା ଅନୁଧ୍ୟାନର ଉଦ୍ଦେଶ୍ୟ। ସ୍ପେନ୍‌ର ବାର୍ସିଲୋନା ନଗରୀ (ଯେଉଁଠି ବେକାରି ସମସ୍ୟା ଉତ୍କଟ) ଏବଂ ନେଦରଲାଣ୍ଡର ଉଟ୍ରେକ୍ଟ ନଗରୀ ମଧ୍ୟ ଅନୁରୂପ ଅନୁଧ୍ୟାନ ଚଳାଇଛନ୍ତି। ଭାରତରୁ ୟୁରୋପ ପର୍ଯ୍ୟନ୍ତ ସାରା ବିଶ୍ୱରେ ସାର୍ବଜନୀନ ମୌଳିକ ଆୟକୁ ନେଇ ଉତ୍କଣ୍ଠା ପ୍ରକାଶ ପାଇଛି। ବାମପନ୍ଥୀ ଓ ଉଦାରବାଦୀମାନେ ଭାବୁଛନ୍ତି ଏହାଦ୍ୱାରା ଦାରିଦ୍ର୍ୟ ଓ ଅସମାନତା ଦୂର ହୋଇପାରିବ। ଦକ୍ଷିଣପନ୍ଥୀମାନେ ଭାବୁଛନ୍ତି ଏହା ଲୋକଙ୍କ ପାଖରେ କଲ୍ୟାଣ ପହଞ୍ଚାଇବା ପାଇଁ ଅଧିକ ଦକ୍ଷ ଓ କମ୍ ଅମଲାତାନ୍ତ୍ରିକ ପଦ୍ଧତି।

ନରେନ୍ଦ୍ର ମୋଦି ମନରେଗା ଯୋଜନାର ଅନ୍ତ ଘଟାଇବା ପାଇଁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଲେ ଏବଂ ଏହି ଯୋଜନା ମନମୋହନ ସିଂଙ୍କ ବିଫଳତାର ନିଦର୍ଶନ ବୋଲି ସେ ଅଭିଯୋଗ ବାଢ଼ିଥିଲେ। କିନ୍ତୁ ବଜେଟରେ ମୋଦି ମନରେଗା ଯୋଜନା ପାଇଁ ପ୍ରାୟ ୧୦ ପ୍ରତିଶତ ଅଧିକ ଅର୍ଥ ମଞ୍ଜୁର କରିଛନ୍ତି। ଏଥିରୁ ଜଣାପଡୁଛି ସେ ତାଙ୍କର ମତ ବଦଳାଇ ଦେଇଛନ୍ତି। ବାସ୍ତବତା ହେଉଛି, ସାରା ବିଶ୍ୱରେ କର୍ମନିଯୁକ୍ତି ହ୍ରାସ ପାଉଛି ଏବଂ ଏହା ହ୍ରାସ ପାଇଚାଲିବ। ବିଶେଷତଃ ଯେଉଁଭଳି ନିଯୁକ୍ତି ଲୋକମାନେ ଚାହୁଁଛନ୍ତି, ସେଭଳି ନିଯୁକ୍ତି ମିଳିବ ନାହିଁ। ଅନେକ ବିଶେଷଜ୍ଞଙ୍କ ମତରେ ଅଧିକାଂଶ ସମୃଦ୍ଧ ଅର୍ଥନୀତିର ଦେଶରେ ଆସନ୍ତା ୧୫ ବର୍ଷ ଭିତରେ ଗଣ ବେକାରି ଦେଖାଯିବ। ଅର୍ଥାତ୍ ସାର୍ବଜନୀନ ମୌଳିକ ଆୟ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଭାରତରେ ଏହି ସମସ୍ୟା ପାଶ୍ଚାତ୍ୟ ଦେଶଠାରୁ ଅଧିକ। ମୁଣ୍ଡ ପିଛା ଆୟ ଦୃଷ୍ଟିରୁ ପାଶ୍ଚାତ୍ୟ ଦେଶଠାରୁ ଆମେ ବହୁତ ପଛରେ ଅଛୁ (ସ୍ୱିଜରଲାଣ୍ଡର ମୁଣ୍ଡ ପିଛା ଆୟ ଭାରତର ୩୦ ଗୁଣ)। ତେଣୁ ଲୋକଙ୍କୁ ଆର୍ଥିକ ସହାୟତା ଦେବାର ଆବଶ୍ୟକତା ଏଠାରେ ଅଧିକ।

Email: aakar.patel@gmail.com

## su|do|ku ସୁ–ଡୋ–କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# ନିର୍ବାଚନମୁଖୀ ବଜେଟ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗତ ଶୁକ୍ରବାର କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ନିଜର ଶେଷ ବଜେଟକୁ ସଂସଦରେ ଉପସ୍ଥାପିତ କରିଛନ୍ତି। ଯେହେତୁ ସରକାରର କାର୍ଯ୍ୟକାଳ ସରିବାକୁ ଆଉ ଦୁଇମାସ ବାକି ରହିଛି ଏବଂ ଆଗାମୀ ମେ' ସୁଦ୍ଧା ନୂତନ ସରକାର ଗଠନ ହେବାର ଅଛି, ତେଣୁ ସ୍ୱାଭାବିକ ଭାବେ ବଡ଼ ବଡ଼ ନିଷ୍ପତ୍ତି ଏବଂ ଯୋଜନା ଘୋଷଣା କରିବାକୁ ଆଗାମୀ ସରକାର ପାଇଁ ଛାଡ଼ିଦେବା ଉଚିତ ଥିଲା। କିନ୍ତୁ ସରକାରଙ୍କ କାମଚଳା ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲଙ୍କ ବଜେଟ ଭାଷଣକୁ ଦେଖିଲେ ଯେ କେହି ମୋଦି ସରକାର ଦ୍ୱାରା ଏହି ପରମ୍ପରାର ଖୋଲାଖୋଲି ଉଲ୍ଲଂଘନ ବୋଲି ସ୍ୱୀକାର କରିବେ। ଏକ କାମଚଳା ମଧ୍ୟବର୍ତ୍ତୀ ବଜେଟ ବଦଳରେ ନିର୍ବାଚନକୁ ଆଖିରେ ରଖି ସରକାର ବଡ଼ ବଡ଼ ଯୋଜନାର ବର୍ଷା କରି ଦେଇଛନ୍ତି ବୋଲି କୁହାଯାଇପାରେ।

ଚଳିତ ବଜେଟରେ ବିଭିନ୍ନ ଚିରାଚରିତ ଭାଷଣବାଜିକୁ ଛାଡ଼ିଦେଲେ ସରକାରଙ୍କ ସବୁଠାରୁ ବଡ଼ ତିନୋଟି ଘୋଷଣା ଦେଖିବାକୁ ମିଳେ। ସେଗୁଡ଼ିକ ମଧ୍ୟରେ କୃଷକମାନଙ୍କୁ ବାର୍ଷିକ ଛଅ ହଜାର ଟଙ୍କାର ନଗଦ ସହାୟତା, ଅସଙ୍ଗଠିତ ଶ୍ରମିକମାନଙ୍କୁ ଷାଠିଏ ବର୍ଷ ପରେ ମାସିକ ତିନି ହଜାର ଟଙ୍କାର ପେନ୍‌ସନ ଏବଂ ବ୍ୟକ୍ତିଗତ ଆୟ ଉପରେ ଆୟକର ଛାଡ଼ର ସୀମାକୁ ପାଞ୍ଚଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଆଦି ରହିଛି। ଉପରୋକ୍ତ ଘୋଷଣାଗୁଡ଼ିକ ନିଶ୍ଚିତରୂପେ ଶୁଣିବାକୁ ଭଲ ଲାଗୁଛି, କିନ୍ତୁ ନିର୍ବାଚନ ପାଇଁ ଲୋକଙ୍କୁ ଲୋଭାନ୍ୱିତ କରିବାକୁ ଉଦ୍ଦିଷ୍ଟ ତଥା ଆବଶ୍ୟକ ବଜେଟ ବ୍ୟବସ୍ଥା ବିନା ଏସବୁ ଘୋଷଣା କେତେଦୂର ପ୍ରଭାବଶାଳୀ ହେବ, ତାହା ବିଶ୍ଳେଷଣ କଲେ ହିଁ ସ୍ପଷ୍ଟ ହୋଇପାରିବ। କାରଣ ଅତୀତରେ ଦେଶର ୫୦ କୋଟି ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଦାବି କରୁଥିବା ସରକାରଙ୍କ ବହୁ ପ୍ରଚାରିତ 'ଆୟୁଷ୍ମାନ ଭାରତ' ଯୋଜନା ବାବଦରେ ମାତ୍ର ୨୦୦୦ କୋଟି ହିଁ ବ୍ୟୟବରାଦ କରିବା ଦେଖିବାକୁ ମିଳୁଛି। ଏପରି କି ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଦିଲ୍ଲୀ ପରି ରାଜ୍ୟ ସରକାରମାନେ ଏହାକୁ ଲାଗୁ କରିବାକୁ ସ୍ପଷ୍ଟ ଭାବେ ମନା କରିବା ସହ ନିଜସ୍ୱ ଯୋଜନା ଆରମ୍ଭ କରିଛନ୍ତି।

ଗତ କିଛିବର୍ଷ ମଧ୍ୟରେ ଦେଶରେ କୃଷି ସଙ୍କଟ ଉତ୍କଟ ହୋଇ ବହୁ ସଂଖ୍ୟାରେ କୃଷକ ଆତ୍ମହତ୍ୟା କରିବା ଦେଖାଯାଇଛି। କୃଷକମାନଙ୍କ ବର୍ଦ୍ଧିତ ଋଣଭାର ସାଙ୍ଗକୁ କୃଷି ଖର୍ଚ୍ଚରେ ବୃଦ୍ଧି, ଫସଲର ଉଚିତ ଦାମ୍ ନ ପାଇବା ଆଦି କାରଣରୁ ସୃଷ୍ଟ ଏହି ସଙ୍କଟ ଯୋଗୁ ଦେଶରେ କୃଷକ ଅସନ୍ତୋଷ ବଢ଼ିବାରେ ଲାଗିଛି। ନିକଟରେ ଅନୁଷ୍ଠିତ କେତେକ ରାଜ୍ୟର ବିଧାନସଭା ନିର୍ବାଚନରେ କ୍ଷମତାସୀନ ଦଳ କୃଷକମାନଙ୍କ ଅସନ୍ତୋଷର ଶିକାର ହେବା ଦେଖିବାକୁ ମିଳିଛି। ତେବେ ଦେଶର କୃଷକମାନେ ଏହି ସଙ୍କଟରୁ ଉଦ୍ଧାର ପାଇବା ପାଇଁ କୃଷିଋଣ ଛାଡ଼ କରିବା ସହିତ ଉତ୍ପାଦନ ଖର୍ଚ୍ଚକୁ କମାଇବା ଏବଂ ଫସଲର ଉପଯୁକ୍ତ ଦାମ୍ ଦେବାକୁ ଦାବି କରି ଆସିଛନ୍ତି। କିନ୍ତୁ ନିଜକୁ କୃଷକ ସପକ୍ଷବାଦୀ ଦାବି କରୁଥିବା କେନ୍ଦ୍ରର ଭାଜପା ସରକାର ଚଳିତ ବଜେଟରେ କୃଷକମାନଙ୍କ ଋଣଭାର କମାଇବା କିମ୍ବା ଫସଲର ଉପଯୁକ୍ତ ଦାମ୍ ଦେବା କିମ୍ବା ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବାକୁ କୌଣସି ଘୋଷଣା ନ କରି ଚୁପ୍ ରହିବା ଦେଖିବାକୁ ମିଳିଛି। ବଜେଟରେ ଜଳସେଚନ ପାଇଁ ଅନୁଦାନକୁ ହ୍ରାସ କରାଯାଇଛି।

ନିର୍ବାଚନ ପୂର୍ବରୁ ଦେଶରେ କୃଷକମାନଙ୍କ ଅସନ୍ତୋଷକୁ ଥଣ୍ଡା କରିବାକୁ ସରକାର ବଜେଟରେ 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି' (ପିଏମ୍–କିଷାନ) ନାଁରେ ଏକ ଯୋଜନା ଘୋଷଣା କରିଛନ୍ତି। ଏହା ଜରିଆରେ ସରକାର ଦୁଇ ହେକ୍ଟର ପର୍ଯ୍ୟନ୍ତ ଜମି ଥିବା କୃଷକଙ୍କୁ ତିନୋଟି କିସ୍ତିରେ ବାର୍ଷିକ ୬୦୦୦ (ମାସିକ ୫୦୦ ଏବଂ ଦୈନିକ ମାତ୍ର ୧୭) ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବେ। ତେବେ ଏହାର ଲାଭ ସବୁ କୃଷକ ନୁହନ୍ତି, କେବଳ ଦୁଇ ହେକ୍ଟର ପର୍ଯ୍ୟନ୍ତ ଜମି ଥିବା କୃଷକମାନେ ହିଁ ପାଇବେ। ଆମ ଦେଶର କୃଷିରେ ନିୟୋଜିତ ମୋଟ ଶ୍ରମଶକ୍ତିର ୫୫% ଭାଗଚାଷୀ ଓ କୃଷିଶ୍ରମିକ ଏଥିରୁ ବଞ୍ଚିତ ହେବେ। ଏହି ଘୋଷଣାଟି ମୂଳତଃ ତେଲେଙ୍ଗାନା ସରକାରଙ୍କ 'ରଇତୁ ବନ୍ଧୁ' ଯୋଜନା ଏବଂ ନିକଟ ଅତୀତରେ ଓଡ଼ିଶା ସରକାରଙ୍କ ବହୁ ପ୍ରଚାରିତ 'କାଳିଆ' ଯୋଜନାର ଅନୁକରଣରେ କରାଯାଇଛି। ତେବେ ଗତ ପାଞ୍ଚବର୍ଷ ମଧ୍ୟରେ କୃଷକଙ୍କ ପାଇଁ କିଛି କରି ନ ଥିବା ମୋଦି ସରକାର ଏବେ ନିର୍ବାଚନ ପୂର୍ବରୁ ଦେଶର କୃଷକମାନଙ୍କୁ ପ୍ରଲୋଭିତ କରିବାକୁ ଏହି ଯେଉଁ ଯୋଜନାଟି କରିଛନ୍ତି, ତାହା ଉପରୋକ୍ତ ଦୁଇ ରାଜ୍ୟ ସରକାରଙ୍କ ଯୋଜନାଠାରୁ ଭଲ ନୁହେଁ। କାରଣ 'ରଇତୁ ବନ୍ଧୁ' ଯୋଜନାରେ ଜମିର କୌଣସି ସୀମା ନ ଥିବା ବେଳେ ସରକାର ଏକର ପିଛା ବର୍ତ୍ତମାନ ଆଠ ହଜାର ଟଙ୍କା ଦେଉଛନ୍ତି। ନିକଟରେ ସେଠାକାର ମୁଖ୍ୟମନ୍ତ୍ରୀ ଏହି ସହାୟତା ରାଶିକୁ ଦଶ ହଜାର ଟଙ୍କାକୁ ବୃଦ୍ଧି କରାଯିବ ବୋଲି ଘୋଷଣା କରିଛନ୍ତି। ସେହିଭଳି 'କାଳିଆ' ଯୋଜନାରେ କେବଳ ଜମି ମାଲିକ ନୁହନ୍ତି ବରଂ ଛୋଟ, ନାମମାତ୍ର ଚାଷୀ ଏବଂ ଭାଗଚାଷୀଙ୍କୁ ମଧ୍ୟ ଦୁଇଟି କିସ୍ତିରେ ବାର୍ଷିକ ୧୦ ହଜାର ଟଙ୍କା ପାଇବାର ବ୍ୟବସ୍ଥା ରହିଛି। ଦେଶରେ କୃଷକ ଅସନ୍ତୋଷ ବୃଦ୍ଧି ପରିପ୍ରେକ୍ଷୀରେ କୃଷକଙ୍କୁ ଏଭଳି ନାମମାତ୍ର ସହାୟତା ସେମାନଙ୍କ ସମସ୍ୟାର ତ ସମାଧାନ କରିବନି ବରଂ ସେମାନଙ୍କ ପ୍ରତି ସରକାରଙ୍କ ସମ୍ବେଦନହୀନତାକୁ ହିଁ ପ୍ରଦର୍ଶିତ କରୁଛି।

ସେହିଭଳି ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ମାସିକ ୩୦୦୦ ଟଙ୍କା ପେନ୍‌ସନ ଦେବାକୁ ବଜେଟରେ ଘୋଷଣା କରାଯାଇଛି। ଏହା ଏକ ସହଭାଗିତାମୂଳକ ପେନ୍‌ସନ ଯୋଜନା, ଯେଉଁଥିରେ ସମ୍ପୃକ୍ତ ହିତାଧିକାରୀକୁ ୬୦ ବର୍ଷ ପର୍ଯ୍ୟନ୍ତ ମାସିକ ଶହେ ଟଙ୍କା ଲେଖାଏଁ ଜମା କରିବାକୁ ହେବ। ଜଣେ ୩୦ ବର୍ଷର ଶ୍ରମିକ ପ୍ରତିମାସରେ ଶହେ ଟଙ୍କା ଲେଖାଏଁ ଜମା କରି ୩୦ ବର୍ଷ ପରେ ଯଦିବା ୩୦୦୦ ଟଙ୍କା ପେନ୍‌ସନ ପାଇବ, ସେଥିରେ ତା'ର କ'ଣ ଲାଭ ହେବ? ସରକାର ବର୍ତ୍ତମାନ ନିଜର ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଏବଂ କୃଷକମାନଙ୍କୁ ୬୦ ବର୍ଷ ପରେ ପେନ୍‌ସନ ବାବଦରେ ମାତ୍ର ଦୁଇଶହ ଟଙ୍କା ପ୍ରଦାନ କରୁଛନ୍ତି। ୨୦୦୭ ମସିହାରୁ ଅର୍ଥାତ୍ ଦୀର୍ଘ ୧୨ ବର୍ଷ ଧରି ଦରଦାମ୍ ବୃଦ୍ଧି ଏବଂ ସରକାରୀ କର୍ମଚାରୀ ତଥା ସାଂସଦ–ବିଧାୟକଙ୍କ ଦରମା ବୃଦ୍ଧି ସତ୍ତ୍ୱେ ତାହା ମାସିକ ୨୦୦ ଟଙ୍କାରେ ସ୍ଥିର ରହିବା ଲଜ୍ଜାଜନକ। ଏହା ସମାଜର ସବୁ ଗରିବ ଲୋକଙ୍କୁ ବି ମିଳିପାରୁନି। ବୃଦ୍ଧାବସ୍ଥାରେ ସମ୍ମାନର ସହ ବଞ୍ଚିବା ପାଇଁ ପେନ୍‌ସନ ଏକ ଅଧିକାର। ଅତଏବ ସରକାର ସମ୍ପୂର୍ଣ୍ଣ ରୂପେ ନିଜସ୍ୱ ପାଣ୍ଠିରୁ ଦେଶର ସବୁ ଶ୍ରମିକ ଓ କୃଷକଙ୍କୁ ୬୦ ବର୍ଷ ପରେ ମାସିକ ସର୍ବନିମ୍ନ ୩୦୦୦ ଟଙ୍କା ପେନ୍‌ସନ ଦେବାକୁ ଘୋଷଣା କରିବା ଜରୁରୀ ଥିବାବେଳେ ବଜେଟରେ ଏଭଳି ଯେଉଁ ଲୋକଦେଖାଣିଆ ଘୋଷଣା କରିଛନ୍ତି, ତାହା ଏକ ପ୍ରବଞ୍ଚନା ବୋଲି କୁହାଯାଇପାରେ।

ସରକାର ମଧ୍ୟବିତ୍ତ ଶ୍ରେଣୀକୁ ଆକୃଷ୍ଟ କରିବାକୁ ବ୍ୟକ୍ତିଗତ ଆୟ ଉପରେ ଆୟକର ଛାଡ଼ ସୀମାକୁ ୨.୫ରୁ ୫ ଲକ୍ଷକୁ ବୃଦ୍ଧି କରିଛନ୍ତି। ମୋଦିଙ୍କ ଗତ ପାଞ୍ଚବର୍ଷର ଶାସନକାଳରେ ପେଟ୍ରୋଲ, ଡିଜେଲଠାରୁ ଆରମ୍ଭ କରି ରନ୍ଧନ ଗ୍ୟାସ୍ ପର୍ଯ୍ୟନ୍ତ ସବୁଥିରେ ମୂଲ୍ୟବୃଦ୍ଧିର ବୋଝକୁ ସହି ଆସୁଥିବା ଦେଶର ମଧ୍ୟବିତ୍ତ ଶ୍ରେଣୀଟିକୁ ସରକାର ନିର୍ବାଚନ ପୂର୍ବରୁ ମନେ ପକାଇବା ନିଶ୍ଚିତ ରୂପେ ଭଲକଥା। କିନ୍ତୁ ଏହି ଆୟକର ଛାଡ଼ରେ କେବଳ ୨.୫ରୁ ୫ ଲକ୍ଷ ପର୍ଯ୍ୟନ୍ତ ଆୟ କରୁଥିବା ଲୋକେ ହିଁ ଲାଭାନ୍ୱିତ ହେବେ। ତେବେ ବଜେଟରେ ସବୁଠାରୁ ବେଶି ଲାଭାନ୍ୱିତ ହୋଇଛନ୍ତି ଦେଶର ଧନାଢ୍ୟ ବର୍ଗ। ନିକଟରେ ପ୍ରକାଶିତ ବିଶ୍ୱ ଅସମାନତା ରିପୋର୍ଟରେ ଭାରତରେ ସମ୍ପତ୍ତି ଓ ଆୟରେ ଅସମାନତାରେ ତୀବ୍ର ବୃଦ୍ଧି ଲକ୍ଷ୍ୟ କରାଯାଇଛି। ଦେଶର ନଅଜଣ ସର୍ବୋଚ୍ଚ ଧନୀଙ୍କ ସମ୍ପତ୍ତିର ପରିମାଣ ଦେଶର ପଚାଶ ଭାଗ ଲୋକଙ୍କ ସମ୍ପତ୍ତିଠାରୁ ଅଧିକ। ଏଭଳି ପରିସ୍ଥିତିରେ ରାଜସ୍ୱ ବୃଦ୍ଧି ପାଇଁ ଦେଶର ଏହି ସୁପର ଧନୀଙ୍କ ଉପରେ ବଜେଟରେ ସରକାର ସମ୍ପତ୍ତି କିମ୍ବା ଅନ୍ୟାନ୍ୟ ପ୍ରତ୍ୟକ୍ଷ ଟିକସ ଘୋଷଣା କରିବାର ସୁଯୋଗ ଥିଲେ ମଧ୍ୟ ତାହା କରିବାକୁ ସାହସ କରିନାହାନ୍ତି।

ଦେଶରେ ବେକାରି ସମସ୍ୟା ବଢ଼ି ଚାଲିଥିବା ବେଳେ ମୋଦି ସରକାର ସମୟରେ ଏହା ଉତ୍କଟ ରୂପ ଧାରଣ କରିଛି। ପ୍ରତିବର୍ଷ ଏକ କୋଟି ରୋଜଗାର ସୃଷ୍ଟି କରିବାକୁ ମୋଦିଙ୍କ ନିର୍ବାଚନୀ ପ୍ରତିଶ୍ରୁତି ଉପହାସରେ ପରିଣତ ହୋଇଛି। ଅର୍ଥମନ୍ତ୍ରୀ ନିଜ ବଜେଟ ଭାଷଣରେ ବାରମ୍ବାର ଅର୍ଥ ବ୍ୟବସ୍ଥା ମଜଭୁତ ହେବା କଥା କହିଛନ୍ତି। ସରକାରଙ୍କ ମୁଦ୍ରା, ଷ୍ଟାର୍ଟଅପ୍ ଇଣ୍ଡିଆ, ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଆଦି ଜରିଆରେ ରୋଜଗାରର କଳ୍ପନା ବଦଳିଯାଇଛି ବୋଲି କହିଛନ୍ତି। ଅଥଚ ରୋଜଗାର ସମ୍ପର୍କରେ ତଥ୍ୟ ଦେବାକୁ ସମର୍ଥ ହୋଇ ନାହାନ୍ତି। ଯଦି ଅର୍ଥ ବ୍ୟବସ୍ଥା ଏତେ ମଜଭୁତ, ତା'ହେଲେ ଗତ ପାଞ୍ଚବର୍ଷ ମଧ୍ୟରେ ଦେଶରେ ବେରୋଜଗାରି ହାର ଗତ ୪୫ ବର୍ଷ ମଧ୍ୟରେ ସର୍ବାଧିକ କାହିଁକି?

ଆମ ଦେଶ ଶିକ୍ଷା, ସ୍ୱାସ୍ଥ୍ୟସେବା, ମହିଳା ଓ ଶିଶୁ ବିକାଶ ପରି ସାମାଜିକ କ୍ଷେତ୍ରରେ କମ୍ ପୁଞ୍ଜି ନିବେଶ ଯୋଗୁ ବିଶ୍ୱରେ ମାନବ ବିକାଶର ବିଭିନ୍ନ ସୂଚକାଙ୍କରେ ଅନ୍ୟ ଦେଶମାନଙ୍କଠାରୁ ଲଗାତର ପଛରେ ରହିଆସିଛି। ସରକାରଙ୍କ ବହୁ ପ୍ରଚାରିତ 'ବେଟି ବଚାଓ, ବେଟି ପଢ଼ାଓ' ଯୋଜନାର ୫୬% ବ୍ୟୟ ବିଜ୍ଞାପନ ବାବଦରେ ବିନିଯୋଗ ହୋଇଥିବା ବେଳେ 'ନିର୍ଭୟା' ପାଣ୍ଠିର ସିଂହଭାଗଟି ବିନିଯୋଗ ନ ହୋଇ ପଡ଼ିରହିଛି। ଚଳିତ ବଜେଟରେ ସରକାର ପୂର୍ବ ବର୍ଷ ତୁଳନାରେ ଖାଦ୍ୟ ସୁରକ୍ଷା ଏବଂ ସାର ସବ୍‌ସିଡ଼ିକୁ ମଧ୍ୟ ହ୍ରାସ କରିଛନ୍ତି। ମନରେଗାରେ ପୂର୍ବ ବର୍ଷ ତୁଳନାରେ ଅଧିକ ବ୍ୟୟବରାଦ କରିବା କଥା କହିଥିଲେ ମଧ୍ୟ ଗତବର୍ଷର ସଂଶୋଧିତ ବ୍ୟୟ ହିସାବ ତୁଳନାରେ ଉପରୋକ୍ତ ରାଶି କମ୍। ଏଭଳି ପରିସ୍ଥିତିରେ ସରକାର ଦେଶର ସାମାଜିକ କ୍ଷେତ୍ରରେ ବ୍ୟୟବରାଦକୁ ବୃଦ୍ଧି କରିବା ବଦଳରେ ପ୍ରତିବର୍ଷ କମାଇବା ଦେଖାଯାଇଛି। ଚଳିତ ବଜେଟରେ ବି ସରକାର ସେହି ଧାରାକୁ ଅବ୍ୟାହତ ରଖିବା ସହିତ ଉଜାଲା, ସ୍ୱଚ୍ଛ ଭାରତ ଅଭିଯାନ ପରି ଯୋଜନାରେ ମଧ୍ୟ ବ୍ୟୟ ବରାଦ ହ୍ରାସ କରିଛନ୍ତି।

ଶେଷରେ ଚଳିତ ବଜେଟର ତଥ୍ୟ ଆଧାରରେ ଏତିକି କୁହାଯାଇପାରେ ଯେ, ଦେଶର କୃଷିକୁ ସଙ୍କଟରୁ ଉଦ୍ଧାର କରିବାରେ ତଥା ରୋଜଗାରି ସୃଷ୍ଟି କରିବାରେ ଓ ସାମାଜିକ କ୍ଷେତ୍ରରେ ଅଧିକ ବ୍ୟୟ ବରାଦ କରି ଲୋକଙ୍କୁ ସର୍ବନିମ୍ନ ସୁବିଧା ଯୋଗାଇବାରେ ମୋଦି ସରକାରଙ୍କ ଚଳିତ ବଜେଟ ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଛି।

ମୋ– ୯୪୩୭୧୬୬୩୯୧,
bhalachandra.odisha@gmail.com

# ସିବିଆଇର ସର୍ବେସର୍ବା

ଗୋଇନ୍ଦା ସଂସ୍ଥା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗତ କିଛି ମାସ ହେବ ଅନ୍ତର୍ବିବାଦ ଯୋଗୁ ସାଧାରଣରେ ନିନ୍ଦିତ ହୋଇଛି। ଏହାର ଦୁଇ ଶୀର୍ଷ ଅଧିକାରୀ ଆଲୋକ ବର୍ମା ଓ ରାକେଶ ଅସ୍ଥାନା ପରସ୍ପର ବିରୋଧରେ କଳି କରି ଅଦାଲତ ଯାଏ ଯିବାର କାହାଣୀ ହାଟରେ ପଡ଼ି ଦାଣ୍ଡରେ ଗଡ଼ିଛି। ଏପରି କି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଓ ବିଚାରପତି ଏ.କେ. ସିକ୍ରିଙ୍କ ଭୂମିକାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଆଲୋକ ବର୍ମା ନିର୍ଦ୍ଦେଶକ ପଦରୁ ଯିବା ପରେ ଏମ୍. ନାଗେଶ୍ୱର ରାଓଙ୍କୁ ସିବିଆଇର ଅନ୍ତରୀଣ ମୁଖ୍ୟ କରାଯାଇଥିଲା। ତେବେ ଏହି ସଂସ୍ଥା ବିଶ୍ୱସନୀୟତା ହରାଉଥିବାରୁ ତୁରନ୍ତ ଏହାର ବିଧିବଦ୍ଧ ନିର୍ଦ୍ଦେଶକ ନିଯୁକ୍ତି ନେଇ ଚାରିଆଡୁ ଚାପ ସୃଷ୍ଟି ହୋଇଥିଲା। ସୁପ୍ରିମକୋର୍ଟ ମଧ୍ୟ ତୁରନ୍ତ ଏହାର ମୁଖ୍ୟଙ୍କ ନିଯୁକ୍ତି ନେଇ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୧ ଫେବୃୟାରୀ ୨୦୧୯ରେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ନରେନ୍ଦ୍ର ମୋଦିଙ୍କ ସମେତ ପ୍ରଧାନ ବିଚାରପତି ଗୋଗୋଇ ଏବଂ ଲୋକ ସଭାରେ ସର୍ବବୃହତ୍ ବିରୋଧୀ ଦଳ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ବୈଠକରେ ଆଲୋଚନା କରିଥିଲେ। ଶେଷରେ ଚୟନ କମିଟି କ୍ଷୁଦ୍ର ତାଲିକାଭୁକ୍ତ ନାମ ମଧ୍ୟରୁ ମଧ୍ୟପ୍ରଦେଶର ପୂର୍ବତନ ପୋଲିସ ମୁଖ୍ୟ ଋଷି କୁମାର ଶୁକ୍ଲାଙ୍କୁ ନିର୍ଦ୍ଦେଶକ ଲାଗି ବାଛିଛନ୍ତି।

## ବ୍ୟକ୍ତିତ୍ୱ



ଋଷି କୁମାର ଶୁକ୍ଲା

ଋଷି ୨୩ ଅଗଷ୍ଟ ୧୯୬୦ରେ ମଧ୍ୟପ୍ରଦେଶର ଗୋୱାଲିୟରଠାରେ ଜନ୍ମଗ୍ରହଣ କରିଥିଲେ। ବାଣିଜ୍ୟରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିବା ଋଷି ପରବର୍ତ୍ତୀ ସମୟରେ ଭାରତୀୟ ପୋଲିସ ସେବା (ଆଇପିଏସ୍)ରେ ଯୋଗ ଦେଇଥିଲେ। ୧୯୮୩ ବ୍ୟାଚ ମଧ୍ୟପ୍ରଦେଶ କ୍ୟାଡରର ଏହି ଅଧିକାରୀ ସେଠାରେ ପୋଲିସ ମହାନିର୍ଦ୍ଦେଶକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହୋଇଥିଲେ। ଏବେ ସିବିଆଇର ନିର୍ଦ୍ଦେଶକ ପଦ ଧାରଣ କରିବାକୁ ଯାଉଥିବାରୁ ତାଙ୍କ ଭୂମିକା ଉପରେ ସବୁଆଡୁ ନଜର ରହିବା ସ୍ୱାଭାବିକ। ଋଷିଙ୍କ ପୋଲିସ କ୍ୟାରିୟର ଦେଖିଲେ ତାଙ୍କ ନାମରେ ସେଭଳି ଅଭିଯୋଗ ନ ଥିବା କୁହାଯାଉଛି। ତାଙ୍କର ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ସହ ସମ୍ପୃକ୍ତି ଥିବା ନେଇ ତଥ୍ୟ ପ୍ରକାଶ ପାଇନାହିଁ। କେବଳ ଖାର୍ଗେ ତାଙ୍କୁ ସିବିଆଇ ନିର୍ଦ୍ଦେଶକ ପଦରେ ଅବସ୍ଥାପିତ କରାଯିବା ନେଇ ଅସମ୍ମତ ଥିବା ଚୟନ କମିଟିରୁ ଜଣାପଡ଼ିଛି। ସେ ଅଭିଯୋଗ କରିଛନ୍ତି ଯେ, ଦୁର୍ନୀତି ସଂକ୍ରାନ୍ତ ମାମଲାରେ ଋଷିଙ୍କ ସେଭଳି ଅଭିଜ୍ଞତା ନାହିଁ। ତଥାପି ଏହି ଅଧିକାରୀଙ୍କ ବିରୋଧରେ ସିଧାସଳଖ ଅଭିଯୋଗ ନ ଥିବାରୁ ବିଶ୍ୱାସର ସଙ୍କଟ ଦେଇ ଗତି କରୁଥିବା ସିବିଆଇକୁ ସେ ନୂଆ ଦିଗ ଦେଖାଇବେ ବୋଲି ଆଶା କରାଯାଉଛି। ତେବେ ତାଙ୍କ ପାଇଁ ନୂଆ ଚ୍ୟାଲେଞ୍ଜ ଭାବେ ଅଗୁସ୍ତା ୱେଷ୍ଟଲାଣ୍ଡ, ୨ଜି ସ୍କାମ୍, କୋଲ୍ ସ୍କାମ୍, ଏୟାର ଇଣ୍ଡିଆ ସ୍କାଣ୍ଡାଲ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ନାମରେ ମାମଲା, ଉତ୍ତରପ୍ରଦେଶ ବାଲି ଓ ଖଣି ଦୁର୍ନୀତି, ଶାରଦା ଓ ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ, ଆଇସିଆଇସିଆଇର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଚନ୍ଦା କୋଚ୍ଚରଙ୍କ ନାମରେ ରହିଥିବା ମାମଲା ଆଦି ରହିଛି। ଋଷି ତାଙ୍କ ୨ ବର୍ଷର କାର୍ଯ୍ୟକାଳ ମଧ୍ୟରେ ନିରପେକ୍ଷତା ଅବଲମ୍ବନ କରି ତଦନ୍ତ ଦିଗରେ କେତେଦୂର ନୂତନ ବାଟ ଦେଖାଇପାରୁଛନ୍ତି, ଦେଖିବାକୁ ବାକି ରହିଲା।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଦୁନିଆରେ ଅନେକ ରହସ୍ୟ ଏ ପର୍ଯ୍ୟନ୍ତ ବିଜ୍ଞାନ ଦ୍ୱାରା ଉନ୍ମୋଚିତ ହୋଇପାରିନାହିଁ। ସେଭଳି ଏକ ମନ୍ଦିର ରହିଛି ଭାରତରେ, ଯେଉଁଠି ମା' କାଳୀଙ୍କ ବକ୍ରପ୍ରତିମା ଆପେ ଆପେ ସିଧା ହୋଇଥାଏ। ମଧ୍ୟପ୍ରଦେଶ ରାୟସେନ ଜିଲା ଗଡୱାଲ ଗାଁରେ ରହିଛି ଏହି ପୁରାତନ କାଳୀ ମନ୍ଦିର। ଏହା କଙ୍କାଳୀ ମନ୍ଦିର ଭାବେ ପରିଚିତ। ଏଠାରେ ମାନସିକ କଲେ ଶ୍ରଦ୍ଧାଳୁଙ୍କ ସମସ୍ତ ବାଧାବିଘ୍ନ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଆସି ମା'ଙ୍କ ଦର୍ଶନ କରିଥାନ୍ତି। ମନ୍ଦିରରେ ବର୍ଷକୁ ଥରେ ମା' କାଳୀଙ୍କ ବକ୍ରପ୍ରତିମା ଆପେ ଆପେ ସିଧା ହୋଇଯାଏ ବୋଲି ଲୋକେ କୁହନ୍ତି। ମନ୍ଦିରରେ ସ୍ଥାପିତ ମା' କାଳୀଙ୍କ ମୂର୍ତ୍ତିର ବେକ ବଙ୍କା। ତେବେ ଦଶହରା ଦିନ ମା'ଙ୍କ ପ୍ରତିମା କିଛି ସମୟ ପାଇଁ ଆପେ ଆପେ ସିଧା ହୋଇଯାଏ। ଶ୍ରଦ୍ଧାଳୁମାନେ ମା'ଙ୍କୁ ଏହି ରୂପରେ ଦର୍ଶନ କଲେ ସୌଭାଗ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି।

## ଚିରନ୍ତନୀ

ଅଶ୍ରୁ ଶତଦଳ ଘେନି
ହେବାକୁ ତୁମରି ଅଘର୍ଯ୍ୟ
ପୂଜିବାକୁ ଲଭେଁ ଅଧିକାର,
ଏ ଜୀବନ ରଚୁ ଅଭିସାର।
(ଆସ୍ତିକର ଆକୁତି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩ ଫେବୃୟାରୀ ୧୯୯୪

- ବ୍ୟାଙ୍କ ବିନିୟମ ଆଇନ ୧୯୪୯ର ସଂଶୋଧନ ପାଇଁ ରାଷ୍ଟ୍ରପତିଶଙ୍କରଦୟାଳଶର୍ମାଏକଅଧ୍ୟାଦେଶଜାରିକରିଛନ୍ତି।
- କଟକ ଜିଲାର ବାଙ୍କୀଠାରେ ଦୈନିକ ୨୫୦୦ ଟନ୍ ଆଖୁ ପେଡିବା କ୍ଷମତା ବିଶିଷ୍ଟ ଏକ ଚିନି ଶିଳ୍ପ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଋଣଂ କୃତ୍ୱା ଘୃତଂ ପିବେତ୍

ମହାଶୟ,

ଗତ ଜାନୁୟାରୀ ପହିଲା ସୁଦ୍ଧା ଭାରତର ଋଣ ବୋଝ ୮୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଜାତୀୟ ସ୍ତରରେ ପ୍ରତି ଭାରତୀୟଙ୍କ ମୁଣ୍ଡପିଛା ଋଣ ଭାର ୬୨,୦୦୦ ଟଙ୍କା। କେବଳ ଗତ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ମୁଣ୍ଡ ପିଛା ଋଣ ଭାର ବଢ଼ିଛି ୨୪୪୮ ଟଙ୍କା। ବର୍ତ୍ତମାନ ନିର୍ବାଚନ ଋତୁ ଚାଲିଥିବାରୁ କେନ୍ଦ୍ର ସରକାର ଅଧିକ ଋଣ କରି ଆହୁରି ଲୋକପ୍ରିୟ ଯୋଜନା କାର୍ଯ୍ୟକାରୀ କରିପାରନ୍ତି। 'ଅନୁରୂପ ଭାବେ ଓଡିଶା ସରକାରଙ୍କର ଏହି ସମୟ ସୁଦ୍ଧା ଋଣଭାର ୯୨ ହଜାର କୋଟି ଟଙ୍କାରେ ପହଞ୍ଚିଛି। ପ୍ରତି ରାଜ୍ୟବାସୀଙ୍କ ମୁଣ୍ଡପିଛା ଋଣ ଭାର ୨୧,୦୦୦ଟଙ୍କାରୁ ଅଧିକ। ପ୍ରଚଳିତ ନିୟମ ଅନୁସାରେ ରାଜ୍ୟର ଋଣ ଭାର ଜିଡିପିର ୨୦ ପ୍ରତିଶତ ମଧ୍ୟରେ ରହିବା କଥା। ମାତ୍ର ଏହା ୨୩ ପ୍ରତିଶତରେ ପହଞ୍ଚିଲାଣି। କେନ୍ଦ୍ର ହେଉ ବା ରାଜ୍ୟ ଋଣ କରିବାରେ କିଛି ଅସୁବିଧା ନାହିଁ। ମାତ୍ର ଋଣଂ କୃତ୍ୱା ଘୃତଂ ପିବେତ୍ ନୀତି ଆପଣେଇ ସରକାର ଋଣ ଅର୍ଥକୁ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ବିଦ୍ୟୁତ୍ ଉତ୍ପାଦନ ଓ ଜଳସେଚନ ପରି ଭିତ୍ତିଭୂମିର ଉନ୍ନୟନ ଓ ରଚନାତ୍ମକ କ୍ଷେତ୍ରରେ ବିନିଯୋଗ ନ କରି କେବଳ ଶସ୍ତା ଲୋକପ୍ରିୟତା ପାଇଁ ରିହାତି ପ୍ରଦାନକାରୀ ଯୋଜନାରେ ବ୍ୟୟ କରିଚାଲିଛନ୍ତି। ଏହାଦ୍ୱାରା ଦେଶର ବିକାଶ ବଦଳରେ ବିନାଶ ହେବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ମହାପ୍ରଭୁଙ୍କ ପ୍ରତି ଅବହେଳା କାହିଁକି

ନିକଟରେ ଖବର ପ୍ରକାଶିତ ହୋଇଥିଲା, ଶ୍ରୀଜଗନ୍ନାଥଙ୍କର 'ବନକ ଲାଗି' ନୀତି ଦିନ ମହାପ୍ରଭୁଙ୍କର ଶୃଙ୍ଗାର ପାଇଁ ଆବଶ୍ୟକ ସାମଗ୍ରୀ ଠିକ୍ ସମୟରେ ପହଞ୍ଚିପାରିଲା ନାହିଁ। ଏପରି କି ମହାପ୍ରଭୁଙ୍କ ନିକଟରେ ଭୋଗ ଲାଗି ହେବା ପାଇଁ 'ଦହିପଖାଳ' ସନ୍ଧ୍ୟା ୭ଟା ୨୫ ମିନିଟ ପର୍ଯ୍ୟନ୍ତ ପହଞ୍ଚିପାରିଲା ନାହିଁ। ଫଳରେ ନୀତିକାନ୍ତିରେ ବିଳମ୍ବ ହେଲା। ଅଥଚ ସରକାର 'କାଳିଆ' ଯୋଜନା ଶୁଭାରମ୍ଭ କରି କହିଲେ ଚାଷୀଙ୍କ ଉତ୍ପାଦିତ ଧାନରୁ ପ୍ରସ୍ତୁତ ଚାଉଳରୁ 'ମହାପ୍ରସାଦ' ଓ ଉତ୍ପନ୍ନ ପନିପରିବାରୁ ମହାପ୍ରଭୁଙ୍କ ବ୍ୟଞ୍ଜନ ପ୍ରସ୍ତୁତ ହେଉଛି। ମୋର ପ୍ରଶ୍ନ ମହାପ୍ରଭୁଙ୍କ ପାଇଁ ଲାଗିହେବା 'ଦହି ପଖାଳ' ଯୋଗାଇବାରେ ବିଳମ୍ବ ହେଲା କାହିଁକି? ଯେଉଁମାନେ ଦାୟିତ୍ୱରେ ଅଛନ୍ତି, ସେମାନେ କୈଫିୟତ୍ ଦେବା ଉଚିତ।

କହ୍ନେଇଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମହିଳାଙ୍କୁ ହତ୍ୟା

ନବରଙ୍ଗପୁର,୨।୨(ବି.ପ୍ର)-ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଆଉଁଲୀ ଗାଁର ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା କୋଷାଗୁମୁଡା ଥାନାରେ ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ହେଲେ ରାନୁ ବଘେଲ। ଆଉଁଲୀ ଗାଁର ବଳରାମ ଭତରା ଛତିଶଗଡ ରାଜ୍ୟ ଜଗଦଲପୁର ଥାନା ଅଧୀନ ଉମର ଗାଁର ରାନୁ ବଘେଲଙ୍କୁ ବିବାହ କରିଥିଲେ। ବଳରାମଙ୍କ ପରିବାର ଲୋକ ଶୁକ୍ରବାର ରାନୁ ଆତ୍ମହତ୍ୟା କରିଥିବା ତାଙ୍କ ବାପ ଘରକୁ ଜଣାଇଥିଲେ। ରାନୁଙ୍କ ବାପା ଚୁନୁ ବଘେଲ ପହଞ୍ଚି ଝିଅକୁ ହତ୍ୟା କରାଯାଇଥିବା ସନ୍ଦେହ କରି କୋଷାଗୁମୁଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ଥାନାରେ ନଂ.୧୨/୧୯ରେ ମାମଲା ରୁଜୁ କରିଛି।

### ଆପୋଲୋ ହସ୍ପିଟାଲରେ ନିଆଁ

ଭୁବନେଶ୍ୱର,୨।୧ (ବ୍ୟୁରୋ)
ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଶନିବାର ଅଗ୍ନିକାଣ୍ଡ ଘଟିଛି। ନିଆଁ ଭୟଙ୍କର ରୂପ ନେବା ପୂର୍ବରୁ ତାହାକୁ ଆୟତ୍ତ କରାଯାଇଛି। ହସ୍ପିଟାଲର ପଞ୍ଚମ ମହଲାରେ ଥିବା ନ୍ୟୁରୋ ଆଇସିୟୁ ନିକଟ ବ୍ୟାଟେରୀ ଓ ଇଲେକ୍ଟ୍ରୋନିକ୍ ରୁମ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। ଚାରିଆଡେ ଧୂଆଁ ବ୍ୟାପିଯିବାରୁ ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ରୋଗୀଙ୍କୁ ଧରି କର୍ମଚାରୀ ଓ ସମ୍ପର୍କୀୟମାନେ ବାହାରକୁ ନେଇ ଆସିଥିଲେ। କେତେଜଣ ରୋଗୀ ନିଜେ ମଧ ଭୟରେ ଚାଲିଆସିଥିଲେ। ଆଉ କେତେଜଣ ରୋଗୀଙ୍କୁ ଝରକା କାଚ ଭାଙ୍ଗି ଉଦ୍ଧାର କରାଯାଇଥିଲା। ହସ୍ପିଟାଲ ବାହାରେ ରୋଗୀମାନେ ଦୀର୍ଘ ସମୟ ଧରି ପଡ଼ି ରହିଥିବା ଦେଖିବାକୁ ମିଳିଥିଲା। ତେବେ ଅଗ୍ନିକାଣ୍ଡ ଯୋଗୁ ବିଦ୍ୟୁତ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅଚଳ ହୋଇପଡିଥିବାରୁ ଆଇସିୟୁରେ ଚିକିତ୍ସିତ ହେଉଥିବା ୨୬ଜଣ ଗୁରୁତର ରୋଗୀଙ୍କୁ ଏମ୍ସ, କେୟାର ଓ କିମ୍ସ ହସ୍ପିଟାଲରେ ପଠାଇ ଦିଆଯାଇଥିଲା। ପୋଡ଼ା ଗନ୍ଧଯୁକ୍ତ ଧୂଆଁକୁ ନେଇ ନାନା ଆଶଙ୍କା ପ୍ରକାଶ ପାଇଥିଲା। ଖବର ପାଇ କଳ୍ପନା ଓ ଚନ୍ଦ୍ରଶେଖରପୁରର ଅଗ୍ନିଶମ କର୍ମଚାରୀ ପହଞ୍ଚି ଅପରେଶନ ଆରମ୍ଭ କରିଥିଲେ। ଦେଢ଼ ଘଣ୍ଟାର ଏହି ଅପରେଶନରେ ୩ ଦମକଳ ଗାଡି ସହ ଗୋଟିଏ ପ୍ରୋଟୋ ସ୍କାଏ ନିୟୋଜିତ ହୋଇଥିଲା। ଘଟଣାସ୍ଥଳରେ ପୋଲିସ କମିଶନର, ଭୁବନେଶ୍ୱର ଡିସିପି, ଜିଲାପାଳ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ନିଆଁ ଲାଗିବା ସମୟରେ ରୋଗୀଙ୍କୁ ଠିକ୍ ଭାବେ ସ୍ଥାନାନ୍ତର କରାଯାଇ କି ନାହିଁ ଓ ପରବର୍ତ୍ତୀ ଚିକିତ୍ସା କିଭଳି ରହିଛି ତାହାର ଅନୁଧ୍ୟାନ କରିଛନ୍ତି। ଅନ୍ୟପକ୍ଷରେ ଅଗ୍ନିକାଣ୍ଡର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଅଗ୍ନିଶମ ଡିଜି ବି.କେ ଶର୍ମା।

ଚାଷୀଙ୍କ କାଳିଆ ଟଙ୍କା ନେଇଯାଉଛି ବ୍ୟାଙ୍କ




■ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସ ଛାଡ଼

# ରିଟର୍ନ ଦାଖଲରୁ ମୁକ୍ତି ମିଳିବନି

ନୂଆଦିଲ୍ଲୀ,୨।୨




ଅନ୍ତରୀଣ ବଜେଟରେ ବାର୍ଷିକ ଟିକସ ଛାଡ଼ ସୀମା ୫ ଲକ୍ଷ ଟଙ୍କା ବୃଦ୍ଧି କରାଯାଇଛି। ଏଥିଯୋଗୁ ଆୟକର ବିଭାଗର ଅଧିକାରୀଙ୍କଠାରୁ ମୁକ୍ତି ମିଳିଗଲା ବୋଲି ଯଦି କିଏ ଭାବୁଥାଆନ୍ତି, ତେବେ ସେ ଭୁଲ୍ କରୁଛନ୍ତି ମନେ କରିବାକୁ ହେବ। ଟିକସଦାତା ଶୂନ ଟିକସର ଫାଇଦା ନେଇପାରିବେ ସତ, କିନ୍ତୁ ତାଙ୍କୁ ନିଜର ଆୟ ଦର୍ଶାଇ ରିଟର୍ନ ଦାଖଲ କରିବାକୁ ହେବ। ଏଥିରୁ ନିସ୍ତାର ମିଳିବ ନାହିଁ। ୬୦ ବର୍ଷରୁ କମ୍ ଆୟକାରୀଙ୍କ ଲାଗି ମୂଳ ଟିକସ ଛାଡ଼ ସୀମା ୨.୫ ଲକ୍ଷ ଟଙ୍କା ପୂର୍ବରୁ ଧାର୍ଯ୍ୟ ହୋଇଛି। ବରିଷ୍ଠ ନାଗରିକଙ୍କ ଲାଗି ଏହି ସୀମା ୩ ଲକ୍ଷ ଟଙ୍କା ରହିଛି। ଏଣୁ ଏହି ସୀମା ବାହାରେ ଆୟ କରୁଥିଲେ ଆୟକର ରିଟର୍ନ ଦାଖଲ କରିବାକୁ ପଡ଼ିବ। ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଟିକସ ଦେବାକୁ ପଡ଼ିବ ନାହିଁ ଭାବି ଚୁପ୍ ହୋଇ ବସିଗଲେ ଅସୁବିଧାରେ ପଡ଼ିବା ନିଶ୍ଚିତ। କାରଣ ରିଟର୍ନ ଦାଖଲ କରି ନ ଥିବା ଦର୍ଶାଇ ଆୟକର ବିଭାଗ ପକ୍ଷରୁ ନିଶ୍ଚିତ ଭାବେ ନୋଟିସ ପଠାଯିବ। ଏହାର ଉତ୍ତର ଦେବାକୁ ଆୟକାରୀ ବାଧ୍ୟ ରହିବେ। ୨୦୧୯-୨୦ ଆର୍ଥିକ ବର୍ଷଲାଗି ଅନ୍ତରୀଣ ବଜେଟ ଉପସ୍ଥାପନ ହୋଇଛି। ଏହା ଆସନ୍ତା ଏପ୍ରିଲରୁ ଲାଗୁ ହେବ। ଅର୍ଥାତ୍ ନୂଆ ଆର୍ଥିକ ବର୍ଷରେ ଟିକସଦାତାଙ୍କୁ ନିଜ ଆୟ ସମ୍ପର୍କରେ ଜଣାଇବା ଲାଗି ରିଟର୍ନ ଦାଖଲ କରିବାକୁ ହେବ। ଉଦାହରଣ ସ୍ୱରୂପ, ଜଣେ ଟିକସଦାତା ନିଜର ମୋଟ ଆୟରେ ବାର୍ଷିକ ଦରମା, ସଞ୍ଚୟ ଉପରେ ମିଳୁଥିବା ସୁଧ, ସ୍ଥାୟୀ ଜମା ଉପରେ ମିଳୁଥିବା ସୁଧ ଆଦିକୁ ସାମିଲ କରି ରିଟର୍ନରେ ଦର୍ଶାଇବେ। ଏହାପରେ ଆୟକର ଧାରା ୮୦ସି ଏବଂ ୮୦ଡି ଅଧୀନରେ ଘର ଭଡ଼ା(ଏଚ୍ଆରଏ) ସମେତ ସମସ୍ତ ପ୍ରକାର ରିହାତିକୁ ଦର୍ଶାଇବେ। ସମସ୍ତ ପ୍ରକାର ରିହାତି ଦର୍ଶାଇବା ପରେ ଯଦି ଆୟ ୫ ଲକ୍ଷ ଟଙ୍କା ହୁଏ, ତେବେ ଆୟକର ଆଇନର ଧାରା ୮୭ଏ ଅଧୀନରେ ଟିକସ ଛାଡ଼ ସୁବିଧା ପାଇବା ଲାଗି ରିଟର୍ନରେ ଦର୍ଶାଇପାରିବେ।

# ଆଜି ଆସିବେ ଅମିତ ଶାହ

ପୁରୀ ଅଫିସ,୨।୨
ପୁରୀରେ ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚାର ୨ ଦିନିଆ ରାଷ୍ଟ୍ରୀୟ ମହାଅଧିବେଶନ ଶନିବାର ଉଦ୍‌ଘାଟିତ ହୋଇଛି। ଏହି ଅଧିବେଶନ ରବିବାର ଅପରାହ୍ନ ପ୍ରାୟ ୧ଟା ପର୍ଯ୍ୟନ୍ତ ଚାଲିବ। ଏହାପରେ ଆରମ୍ଭ ହେବ ଆଦିବାସୀ ଅଧିକାର ରାଲି। ଏଥିରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଯୋଗଦେବେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ୍ ମଧ୍ୟ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରାୟ ଏକ ଲକ୍ଷ ଆଦିବାସୀ ଏଥିରେ ସାମିଲ ହୋଇ ନିଜ ଅଧିକାର ସୁରକ୍ଷା ପାଇଁ ଦାବି କରିବେ। ଏଥିସହ ଓଡ଼ିଶା ସରକାରଙ୍କ ଜନଜାତି ନୀତିକୁ ବିରୋଧ କରିବେ। ତେବେ ସମସ୍ତଙ୍କ ନଜର ରହିବ ଶାହଙ୍କ ଉପରେ। ଗତ ୨୯ ତାରିଖରେ ଶାହ ସାଲେପୁର ଆସି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ବିଜେଡି ଓ କଂଗ୍ରେସ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ କହି ଦୁଇ ଦଳକୁ ଟାର୍ଗେଟ କରିଥିଲେ। ୪ ଦିନ ବ୍ୟବଧାନରେ ପୁଣି ଓଡ଼ିଶା ଆସୁଛନ୍ତି ଶାହ। କ'ଣ ରହିବ ତାଙ୍କ ଆଭିମୁଖ୍ୟ ତାହାକୁ ନେଇ ଆଲୋଚନା ଚାଲିଥିବାବେଳେ ଶାହ ଆଦିବାସୀ କାର୍ଡ ଖେଳିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ଓଏସ୍‌ଏସ୍ କ୍ୟାଡର ନିଯୁକ୍ତି, ସର୍ତ୍ତାବଳୀ ବଦଳିଲା

ଭୁବନେଶ୍ୱର,୨।୨(ବ୍ୟୁରୋ)



**କ୍ୟାବିନେଟ୍ ନିଷ୍ପତ୍ତି**
■ ବିଭାଗୀୟ ପଦୋନ୍ନତି କମିଟିର ପୁନର୍ଗଠନ
■ ସୃଷ୍ଟି ହେବ ହେଡ୍ ଡ୍ରାଇଭର ପଦବୀ

ଓଡ଼ିଶା ସଚିବାଳୟ ସେବା(ଓଏସ୍ଏସ୍)(ନିଯୁକ୍ତି ପ୍ରଣାଳୀ ଓ ଚାକିରି ସର୍ତ୍ତାବଳୀ) ନିୟମ-୨୦୧୬ରେ ପରିବର୍ତ୍ତନ ଅଣାଯାଇଛି। ଏ ସଂକ୍ରାନ୍ତ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ସଚିବାଳୟରେ ବସିଥିବା କ୍ୟାବିନେଟ୍ ବୈଠକରେ ନିଆଯାଇଛି। ସହାୟକ ଉପ ବିଭାଗ ଅଧିକାରୀ(ଏଏସ୍ଓ)ରୁ ଉପବିଭାଗ ଅଧିକାରୀ(ଏସ୍ଓ) ପଦବୀକୁ ପଦୋନ୍ନତି ପାଇଁ ଚାକିରି ଅଭିଜ୍ଞତା ସର୍ତ୍ତକୁ ୧୨ରୁ ୮ ବର୍ଷକୁ ହ୍ରାସ କରାଯାଇଛି। ଅନୁଶାସନ ସଚିବ ପଦବୀରୁ ଉପଶାସନ ସଚିବ ଏବଂ ଉପଶାସନ ସଚିବ ପଦବୀରୁ ଯୁଗ୍ମ ଶାସନ ସଚିବ ପଦବୀକୁ ପଦୋନ୍ନତି ପାଇଁ ଚାକିରି ସମୟସୀମାକୁ ୩ ବର୍ଷରୁ ଏକ ବର୍ଷକୁ ହ୍ରାସ କରାଯାଇଛି। ଅପରପକ୍ଷରେ ଯୁଗ୍ମ ଶାସନ ସଚିବ ପଦବୀରୁ ଅତିରିକ୍ତ ଶାସନ ସଚିବ ପଦବୀକୁ ପଦୋନ୍ନତି ପାଇଁ ଥିବା ୩ ବର୍ଷ ଚାକିରି ଅଭିଜ୍ଞତା ସର୍ତ୍ତକୁ ଉଠାଇଛନ୍ତି। ଏଣିକି ଯୁଗ୍ମ ଶାସନ ସଚିବ ପଦବୀରୁ ଅତିରିକ୍ତ ଶାସନ ସଚିବ ପଦବୀକୁ ପଦୋନ୍ନତି କେବଳ ଯୋଗ୍ୟତା ଓ ବରିଷ୍ଠତା ଭିତ୍ତିରେ କରାଯିବ।

ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଏଏସ୍ଓରୁ ଏସ୍ଓକୁ ପଦୋନ୍ନତି ପାଇଁ ମୂଳ ଅଭିଜ୍ଞତାକୁ ୯ ବର୍ଷରୁ ୧୨ ବର୍ଷକୁ ବୃଦ୍ଧି କରାଯାଇଥିଲା। ଉପଶାସନ ସଚିବ, ଯୁଗ୍ମ ଶାସନ ସଚିବ ଓ ଅତିରିକ୍ତ ଶାସନ ସଚିବ ପଦବୀକୁ ପଦୋନ୍ନତି ପାଇଁ ଠିକ୍ ପୂର୍ବ ପଦବୀ ଯଥାକ୍ରମେ-ଅନୁଶାସନ ସଚିବ, ଉପଶାସନ ସଚିବ ଓ ଯୁଗ୍ମ ଶାସନ ସଚିବ ପାହ୍ୟାରେ ୩ ବର୍ଷର ଅଭିଜ୍ଞତା ରଖାଯାଇଥିଲା। ହେଲେ ଉକ୍ତ ପଦବୀଗୁଡ଼ିକରେ ପଦୋନ୍ନତି ପାଇଁ ପୁରୁଣା କ୍ୟାଡର ରୁଲ୍‌ରେ କୌଣସି ସର୍ତ୍ତାବଳୀ ନ ଥିଲା। ଏଏସ୍ଓରେ ଆବଶ୍ୟକ ଚାକିରି ଅଭିଜ୍ଞତା ବୃଦ୍ଧି ଏବଂ ଗ୍ରୁପ୍-ଏ ବର୍ଗରେ ପଦୋନ୍ନତି ପାଇଁ ଏହାର ପୂର୍ବ ପଦବୀରେ ଚାକିରି ଅଭିଜ୍ଞତା ସର୍ତ୍ତ ରଖାଯାଇଥିଲା। ହେଲେ ଏହା ଦ୍ୱାରା ବହୁସଂଖ୍ୟକ ପଦବୀ ଖାଲି ପଡିଥିଲା। ସଚିବାଳୟ ସେବା ବର୍ଗର ବହୁ ଅଧିକାରୀ ସମୟାନୁସାରେ ପଦୋନ୍ନତି ପାଇଲେ ନାହିଁ। ତନ୍ମଧ୍ୟରୁ କେତେଜଣ ଅଧିକାରୀ ବିନା ପଦୋନ୍ନତିରେ ଅବସର ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ। ଏହା ଦ୍ୱାରା ସଚିବାଳୟ ସେବା ବର୍ଗରେ ଅସନ୍ତୋଷ ଦେଖାଦେଇଥିଲା। ଏହାକୁ ପ୍ରଶମିତ କରିବା ପାଇଁ ରାଜ୍ୟ ସରକାର ନିୟମରେ ପରିବର୍ତ୍ତନ ଆଣିଛନ୍ତି।

ଓଡ଼ିଶା ସରକାରୀ ଡ୍ରାଇଭର(ହାଲୁକା ମୋଟର ଯାନ) ବର୍ଗ 'ଗ'(ନିଯୁକ୍ତି ଓ ସେବା ସର୍ତ୍ତ) ନିୟମାବଳୀ-୨୦୧୩ରେ ମଧ୍ୟ ସଂଶୋଧନ କରାଯାଇଛି। ସରକାରଙ୍କ ବିଭାଗ, ମୁଖ୍ୟ ବିଭାଗୀୟ ଦପ୍ତର ଏବଂ ଜିଲା ଓ ଅଧୀନସ୍ଥ କାର୍ଯ୍ୟାଳୟର ହାଲୁକା ମୋଟରଯାନ ଡ୍ରାଇଭରଙ୍କ ସୁବିଧା ପାଇଁ ଆବଶ୍ୟକ ସଂଶୋଧନ କରାଯାଇଛି। ଯେଉଁ ପ୍ରତିଷ୍ଠାନରେ ଡ୍ରାଇଭର ଓ ବରିଷ୍ଠ ଡ୍ରାଇଭର ସମୂହଙ୍କୁ ନେଇ ୪ ଗୋଟି ପଦବୀ ରହିଛି, ସେଠାରେ ଗୋଟିଏ ହେଡ୍ ଡ୍ରାଇଭର ପଦବୀ ସୃଷ୍ଟି କରି ମୋଟର ଡ୍ରାଇଭରଙ୍କୁ ଅତିରିକ୍ତ ପଦୋନ୍ନତି ଦେବା ପାଇଁ ଅର୍ଥ ବିଭାଗୀୟ ସ୍ତରରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଓଡ଼ିଶା ପୋଲିସ ସେବା ଏବଂ ଓଡ଼ିଶା ସଶସ୍ତ୍ର ପୋଲିସ ସେବା ଅଧିକାରୀମାନଙ୍କ ପଦୋନ୍ନତି ପାଇଁ ବିଭାଗୀୟ ପଦୋନ୍ନତି କମିଟିର ପୁନର୍ଗଠନ କରାଯାଇଛି।

ଅପରପକ୍ଷରେ ନଗର ଉନ୍ନୟନ ଏବଂ ପାନୀୟ ଜଳ ସଂକ୍ରାନ୍ତ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ୟାବିନେଟ୍‌ର ବିଚାରାଧୀନ ରହିଛି। ହେଲେ କେତେକ ପ୍ରଶାସନିକ ବାଧା କାରଣରୁ ତାହାକୁ ଅନୁମୋଦନ ମିଳିନାହିଁ।

# ଚିଟଫଣ୍ଡ କମିଶନଙ୍କ କାର୍ଯ୍ୟକାଳ ୬ ମାସ ବୃଦ୍ଧି

କଟକ ଅଫିସ, ୨।୨
ଚିଟଫଣ୍ଡ ଘଟଣାର ନ୍ୟାୟିକ ତଦନ୍ତ କରୁଥିବା ଜଷ୍ଟିସ ମଦନ ମୋହନ ଦାସ କମିଶନଙ୍କ କାର୍ଯ୍ୟକାଳକୁ ଆଉ ୬ମାସ ବୃଦ୍ଧି କରାଯାଇଛି। ଫେବୃୟାରୀ ୪ରେ କମିଶନଙ୍କ କାର୍ଯ୍ୟକାଳ ଶେଷ ହେବାର ଥିଲା। ଏଥିପୂର୍ବରୁ ସରକାର ଏହି ଅବଧିକୁ ଆଉ ୬ମାସ ବର୍ଦ୍ଧିତ କରିଛନ୍ତି। ସୂଚନାଥାଉ କି, ରାଜ୍ୟରେ ହୋଇଥିବା ବହୁ କୋଟି ଟଙ୍କାର ଚିଟଫଣ୍ଡ ଦୁର୍ନୀତିର ନ୍ୟାୟିକ ତଦନ୍ତ ନିମନ୍ତେ ସରକାର ୨୦୧୩ରେ ଏହି କମିଶନ ଗଠନ କରିଥିଲେ। ୬ମାସ ପାଇଁ କମିଶନଙ୍କ କାର୍ଯ୍ୟକାଳ ନିର୍ଦ୍ଧାରିତ ହୋଇଥିଲା। ମାତ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରର୍ଯ୍ୟାୟରେ କମିଶନଙ୍କ କାର୍ଯ୍ୟକାଳକୁ ବର୍ଦ୍ଧିତ କରାଯାଇଛି। ସମ୍ପ୍ରତି କମିଶନଙ୍କ କାର୍ଯ୍ୟାଳୟରେ ବହୁସଂଖ୍ୟକ ଆବେଦନ ପଡ଼ି ରହିଥିବା ବେଳେ ସେଗୁଡିକର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି।

■ କନ୍ଧମାଳରେ ଆଉ ଏକ ଲଜ୍ଜା

# ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୨।୨(ଡି.ଏନ.ଏ)
କନ୍ଧମାଳ ଜିଲାରେ ନାବାଳିକା ଯୌନ ନିର୍ଯାତନା ଦିନକୁ ଦିନ ବଢିବାରେ ଲାଗିଛି। କିଛିଦିନ ମଧ୍ୟରେ ଜିଲାର ବିଭିନ୍ନ ସ୍ଥାନରେ ଏକାଧିକ ନାବାଳିକା ଗର୍ଭବତୀ ହେବା ଘଟଣା ସାମ୍ନାକୁ ଆସିଛି। ଏହା ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି କରିଥିବାବେଳେ ପୁଣି ଏଭଳି ଏକ ଘଟଣା ଘଟିଛି ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ। ଜଣେ ନବମ ଶ୍ରେଣୀ ଛାତ୍ରୀ (୧୫ବର୍ଷ) ଗର୍ଭବତୀ ହୋଇଥିବା ଜଣାପଡିଛି। ଏନେଇ ଶନିବାର ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ପରିବାର ଲୋକେ ଶନିବାର ଗଜପତି ଜିଲା ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ତାଙ୍କୁ ନେଇଥିଲେ। ସେଠାରେ ଡାକ୍ତର ପରୀକ୍ଷା କରିବା ପରେ ନାବାଳିକା ଜଣକ ୬ ମାସର ଗର୍ଭବତୀ ଥିବା ଜଣାପଡିଥିଲା। ଏନେଇ ଡାକ୍ତର ମୋହନା ଥାନାକୁ ଲିଖିତ ଭାବେ ଅବଗତ କରାଇଥିଲେ। ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ନାବାଳିକାଙ୍କ ବୟାନ ରେକର୍ଡ କରିଥିଲା। ଘଟଣାଟି ବ୍ରାହ୍ମଣୀଗାଁ ଥାନା ଅଞ୍ଚଳର ହୋଇଥିବାରୁ ମୋହନା ପୋଲିସ ବ୍ରାହ୍ମଣୀଗାଁ ଥାନାକୁ ଚିଠି କରି ମାମଲା ପଞ୍ଜୀକୃତ କରିବାକୁ ଜଣାଇଥିଲେ। ପରେ ନାବାଳିକା ଏବଂ ତାଙ୍କ ପରିବାର ଲୋକେ ବ୍ରାହ୍ମଣୀଗାଁ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା (ନଂ.୮/୧୯)ରେ ରୁଜୁ କରି ତଦନ୍ତ ଚଳାଇଥିବା ଏସ୍ଆଇ ସଂଗ୍ରାମ ଜେନା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ନାବାଳିକା ଜଣକ ଜିଲା ବାହାରେ ଏକ ବିଦ୍ୟାଳୟରେ ରହି ନବମ ଶ୍ରେଣୀରେ ପଢୁଥିଲେ। ଗତବର୍ଷ ଗ୍ରୀଷ୍ମ ଛୁଟିରେ ଘରକୁ ଆସି ଆଉ ଯାଇନାହାନ୍ତି। ସେ ଗତବର୍ଷ ଜୁନ ମାସରେ ତାଙ୍କ ସମ୍ପର୍କୀୟ ମଉସାଙ୍କ ଘରକୁ ଯାଇ ସେଠାରେ କିଛିଦିନ ରହିଥିଲେ। ପୋଲିସ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ଅଣ-ବ୍ୟାଙ୍କିଙ୍ଗ ପର୍ଯ୍ୟବେକ୍ଷଣ ବିଭାଗ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
www.rbi.org.in

**ସାର୍ବଜନୀନ ସୂଚନା**

ମେସର୍ସ ମଧୁକନ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍‌କୁ ଅଣ-ବ୍ୟାଙ୍କିଙ୍ଗ ବିତ୍ତୀୟ ସଂସ୍ଥାର କାରବାର ପାଇଁ ପ୍ରଦାନ କରା ଯାଇଥିବା ପଞ୍ଜିକରଣ ପ୍ରମାଣ ପତ୍ରର ରଦ୍ଦିକରଣ

ଏତଦ୍ ଦ୍ୱାରା ଜନସାଧାରଣଙ୍କୁ ସୂଚିତ କରାଯାଉଅଛି ଯେ ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ଅଧିନିୟମ, ୧୯୩୪ ଖଣ୍ଡ ୪୫- ଆଇଏ (୬) ଦ୍ୱାରା ପ୍ରଦତ୍ତ କ୍ଷମତା ଅନୁଯାୟୀ ତା. ୧୬.୦୮.୨୦୦୦ ରିଖ ରେ ମେସର୍ସ ମଧୁକନ ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍ (CIN No. U85999OR1993PTC003386) କୁ ଅଣ-ବ୍ୟାଙ୍କିଙ୍ଗ ବିତ୍ତୀୟ ସଂସ୍ଥା ରୂପେ କାର୍ଯ୍ୟ କରିବା ପାଇଁ ପ୍ରଦାନ କରାଯାଇଥିବା ପଞ୍ଜିକରଣ ପ୍ରମାଣପତ୍ରର ସଂ. ବି-୦୪-୦୦୦୧୮ କୁ ତା ୧୯.୧୧.୨୦୧୮ ରିଖ ର ଆଦେଶ ଅନୁସାରେ ରଦ୍ଦ କରିଅଛି । ଏହି କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟ ପ୍ଲଟ ନଂ ୫୬୬/୫୬୭, ମଧୁକନ ହାଉସ୍, କଲରାପୁଟ, ଶବର ସାହି, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦, ଓଡିଶା ଠାରେ ଅବସ୍ଥିତ । ଏହି ଆଦେଶ ଅନୁଯାୟୀ ଉପରୋକ୍ତ କମ୍ପାନୀ ରିଜର୍ଭ ବ୍ୟାଙ୍କ ଅଧିନୀୟମ, ୧୯୩୪ ଖଣ୍ଡ ୪୫-ଆଇ ଧାରା (ଏ) ଅନୁସାରେ ଅଣ-ବ୍ୟାଙ୍କିଙ୍ଗ ବିତ୍ତୀୟ ସଂସ୍ଥାର କାରବାର କରିପାରିବ ନାହିଁ।

ଏହା ଜନହିତରେ ଜାରି କରାଯାଉଅଛି।
ଭୁବନେଶ୍ୱର
ତା. ୦୩.୦୨.୨୦୧୯

ସ୍ୱା/-
(ସୁମନ ନାଥ)
ମହାପ୍ରବନ୍ଧକ




**DRAFT**

**IN THE COURT OF THE ADDITIONAL, CIVIL JUDGE (SENIOR DIVISION) DHENKANAL**
CIVIL SUIT NO. 143 / 2004 (F.D.)
**Smt. Anupama Sathpathy** and others .....Plaintiffs
*Versus*
**Ranjeet Rout** and others ....Defendants
**To**
**6 (a) Jhumpei Rout,** W/o- late Chandrasekhar Rout of Village/P.O.- Govindpur, P.S.- Sadar, District- Dhenkanal. **(b) Hadibandhu Rout,** S/o- Late Chandrasekhar Rout, Proprietor OMFED Parlour, At- Dhenkanal College Road, Dhenkanal Town, P.S.- Town, PO/District- Dhenkanal. **(d) Basanti Mohanty,** W/o- Gouranga Mohanty (D/o- Late Chandrasekhar Rout) of Village/ PO- Totapada, PS- Athagar, District- Cuttack. **(e) Sabitri Sahoo,** W/o- Pandaba Charan Sahoo (D/o- Late Chandrasekhar Rout), At- Housing Board Colony, Retired Police Habildar, Dhenkanal Town, PS- Town, PO/District- Dhenkanal. **9- Ulash Rout,** W/o- Mayadhar Rout. **10- Simarana Rout,** D/o- Late Mayadhar Rout both are of Village/PO- Govindpur, PS- Sadar, District- Dhenkanal. **16- Gourahari Rout,** S/o- Kapileswar Rout of Village/PO- Govindpur, PS- Sadar, District- Dhenkanal At present- Qr. No.- BL/49, VSS Nagar, Bhubaneswar, District- Khurda. **17- Parsuram Pradhan,** S/o- Late Puri Pradhan of Village- Barabanka, PO- Govindpur, PS- Sadar, District- Dhenkanal. **19- Satyaban Rout,** Son of Late Rama Rout. **20-** Beda Rout, S/o- Late Ram Rout both are of village/PO- Govindpur, PS- Sadar, District- Dhenkanal. **24(e) Bishnupriya Nayak,** W/o- Kishore Chandra Nayak (D/o- Late Pramod Kumar Debata) of Village/PO- Sarakantara, Bhubaneswar, District- Khurda. **24(f) Rashmi Parida,** W/o- Prabhat Kumar Parida (D/o- Late Pramod Kumar Debata) of Flat No.- C-2094, Western highest Block- C-2, 9th Floor, Akshaya Nagar, Main Road, Bangalore, Karnataka. **24(g) Lily Bai,** W/o- Hemanta Kumar Bai (D/o- Late Pramod Kumar Debata) of Village/ PO- Kantamal, District- Boudh. **26- Bidhan Chandra Debata,** S/o- Late Prafulla Debata At present- Partner Harison Associates Company Secretories 102, Dheepamanaion Bhawani Nagar, Street No.-1, Mecheram, Hyderabad, 500076 (Andhra Pradesh). **28- Janaki @ Jamini Debata,** D/o- Late- Prafulla Debata, W/o- Akshaya Kumar Nayak of Village/ PO- Siminai, PS- Sadar, District- Dhenkanal. **30(e) Jyostnamayee Behera,** W/o- Ramesh Chandra Behera (D/o- Trailokya Kumar Debata) of Village/PO- Jamunakote, Kamakhyanagar, District- Dhenkanal. **30(g) Jayashree Guru,** W/o- Sudhir Kumar Guru (D/o- Late Trailokya Kumar Debata) of Village- Balikiari, PS- Rasol District- Dhenkanal.

Whereas the plaintiff above named has filed the above noted suit against the defendants Ranjeet Rout and others for partition of suit land. Despite issuance of repeated summons you all failed to appear before this court. Hence you are directed to appear before this court in person or through pleader on this the 27th day of February 2019 at about 10.30AM positively failing which the case will be determined in your absence.

Given under my hand and seal of this court this the 17th day of January 2019.

*Sd./- Additional Civil Judge (Senior Division) Dhenkanal*

**ସମ୍ବଲପୁରୀ ବସ୍ତ୍ରାଳୟ**
**ସରସ୍ୱତୀ ପୂଜା**
ଉପଲକ୍ଷେ ସମିତିର ଅଗଣିତ ଗ୍ରାହକ ଓ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ



**ବିଶେଷ ସରକାରୀ ରିହାତି**
**10%+20%**
ଅବଧି
ତା.୦୧.୦୨.୨୦୧୯ ରୁ ତା.୧୦.୦୨.୨୦୧୯ ପର୍ଯ୍ୟନ୍ତ

ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ସିଟ, ସୁଟ ସେଟ
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର କେବଳ ଅନ୍‌ଲାଇନ ମାଧ୍ୟମରେ ବିକ୍ରୟ କରୁଥିବା ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧି ଓ ନିମ୍ନୋକ୍ତ ପ୍ରଦର୍ଶନୀମାନଙ୍କରେ ଉପଲବ୍ଧ ଅଟେ।
୧. ରେଢାଖୋଲ ପ୍ରଦର୍ଶନୀ, ଖଣ୍ଡାଡିପ ଛକ, ରେଢାଖୋଲ
୨. ରାମପୁର ପ୍ରଦର୍ଶନୀ, ବସ୍‌ଷ୍ଟାଣ୍ଡ ପାଖ, ରାମପୁର

# ପେନ୍‌ସନ ଆକାଉଣ୍ଟରୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ

## ପୂର୍ବତନ ବ୍ୟାଙ୍କ୍ ମ୍ୟାନେଜର ଗିରଫ

ଭୁବନେଶ୍ୱର, ୨।୨(ବ୍ୟୁରୋ)
ଜାଲିଆତି କରି ଦୁଇଜଣ ମୃତ ବ୍ୟକ୍ତିଙ୍କ ପେନ୍‌ସନ ଆକାଉଣ୍ଟରୁ ୧ କୋଟି ୩୨ ଲକ୍ଷ ଟଙ୍କା ହଡ଼ପ କରିଥିବା ଜଣେ ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଗୌରାଙ୍ଗ ଚରଣ ପଣ୍ଡାଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଶନିବାର ଗିରଫ କରିଛି। ଗୌରାଙ୍ଗ ୨୦୧୩ରୁ ୨୦୧୭ ପର୍ଯ୍ୟନ୍ତ ବାଲେଶ୍ୱର ରେମୁଣାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆର ମ୍ୟାନେଜର ଥିଲେ। ଏହି ଠକେଇ ଘଟଣାରେ ବ୍ୟାଙ୍କ୍‌ର ବିଜ୍‌ନେସ୍ କରେସ୍‌ପଣ୍ଡେଣ୍ଟ ପ୍ରଭାତ କୁମାର ଦାସଙ୍କୁ ଗତ ଡିସେମ୍ବର ୧୪ରେ ଗିରଫ କରାଯାଇଥିଲା। ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ରେମୁଣା ଶାଖାରେ ପୁରୁଷୋତ୍ତମ ଗିରି ଓ ସାବିତ୍ରୀ ଦାସଙ୍କ ନାମରେ ଦୁଇଟି ପେନ୍‌ସନ ଆକାଉଣ୍ଟ ଥିଲା। ୨୦୧୪ରେ ଉଭୟ ପେନ୍‌ସନଧାରୀଙ୍କର ମୃତ୍ୟୁ ହୋଇଥିଲା। ମାତ୍ର ଉଭୟଙ୍କ ମୃତ୍ୟୁ ସାର୍ଟିଫିକେଟ ବ୍ୟାଙ୍କରେ ଜମା କରିବା ପରିବର୍ତ୍ତେ ଏମାନଙ୍କ ନାମରେ ବ୍ୟାଙ୍କ ମ୍ୟାନେଜର ଗୌରଙ୍ଗ ଓ ସହଯୋଗୀ ପ୍ରଭାତ ଏଟିଏମ ଜରିଆରେ ଆକାଉଣ୍ଟରେ ଥିବା ଟଙ୍କା ଉଠାଇ ଚାଲିଥିଲେ।



# ପାଚିକା ସହାୟିକା ସଂଘର ଦାବିପତ୍ର

ମାଲକାନଗିରି,୨।୨(ଡି.ଏନ.ଏ.)

ମଧ୍ୟାହ୍ନ ଭୋଜନ ପାଚିକା ସହାୟିକାମାନଙ୍କୁ ମାସକୁ ୧୮ ହଜାର ଟଙ୍କା ଦରମା ପ୍ରଦାନ, ଚାକିରିର ସ୍ଥାୟିତ୍ୱ, କାର୍ଯ୍ୟରୁ ଅନ୍ତର ହୋଇଥିବା ପାଚିକାଙ୍କୁ ପୁନଃ ନିଯୁକ୍ତି ସମେତ ୧୫ ଦଫା ଦାବି ନେଇ ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା, ସହାୟିକା ସଂଘ, ମାଲକାନଗିରି ଜିଲା କମିଟି ପକ୍ଷରୁ ଶନିବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସଂଘ ସମ୍ପାଦିକା ଦୟାମଣି ମାଝିଙ୍କ ନେତୃତ୍ୱରେ ଶତାଧିକ ପାଚିକା ସହାୟିକା ସ୍ଥାନୀୟ ବସଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ । ବିଦ୍ୟାଳୟଗୁଡ଼ିକର ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ସଠିକ ପରିଚାଳନା କରିବା ସତ୍ତ୍ୱେ ସେମାନଙ୍କୁ ସର୍ବନିମ୍ନ ମଜୁରିରୁ ବଞ୍ଚିତ କରାଯାଉଛି। ସେମାନଙ୍କ ପାଇଁ ସାମାଜିକ ନିରାପତ୍ତା ବ୍ୟବସ୍ଥା ନାହିଁ ବୋଲି ଅଭିଯୋଗ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟବ୍ୟସ୍ତତା ଯୋଗୁ ସହକାରୀ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଜରିଆରେ ରାଜ୍ୟ ସ୍କୁଲ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି କମଳ ଷଣ୍ଢ, ଜିଲା ସଙ୍ଗଠକ ଉତ୍ତମ ମଲ୍ଲିକ, କୋରାପୁଟ ଜିଲା ସଙ୍ଗଠକ ପର୍ବତ ମହାନ୍ତି, ଜମାକାରୀ ମିଳିତ ମଞ୍ଚର ରାଜ୍ୟ ସହ ସମ୍ପାଦକ ପ୍ରଦୀପ କୁମାର ମହାରଣାଙ୍କ ସମେତ ଜିଲାର ଶତାଧିକ ପାଚିକା ଓ ସହାୟିକା ଅଂଶଗ୍ରହଣ କରିଥିଲେ ।



ପାଚିକା ସହାୟିକାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ସଂକ୍ଷେପରେ

### ଘାଟିରେ ଦୁର୍ଘଟଣା, ୨ ଗୁରୁତର

ବାଲିମେଳା,୨।୨(ଡି.ଏନ.ଏ.): କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା-ଚିତ୍ରକୋଣ୍ଡା ରାସ୍ତାରେ ଶନିବାର ବାଇକ୍ କାର ମୁହାଁମୁହିଁ ହୋଇ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଏହି ବ୍ଲକ ଚିତାପାରି-୩ ପଞ୍ଚାୟତ ସଦାଶିବପୁର ଗ୍ରାମର ଘାସିରାମ ସେଠୀ(୨୨) ଏବଂ ତାଙ୍କ ପିଉସୀ ନିଳ ଖରା(୫୦)। ଖବରରୁ ଜଣାପଡିଛି ଚିତ୍ରକୋଣ୍ଡା ପଟୁ ଏକ କାର (ଡିଏଲ-୧ ସିଏନ-୩୧୮୩) ଆସୁଥିବା ବେଳେ ବିପରୀତ ଦିଗରୁ ଘାସିରାମ ବାଇକ୍‌ରେ ଆସୁଥିଲେ। ଚିତ୍ରକୋଣ୍ଡା ଘାଟିର ଏକ ବୁଲାଣିଠାରେ ବାଇକ୍ ଓ କାର ମୁହାଁମୁହିଁ ହୋଇଥିଲେ। ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏନେଇ ଓରକେଲ ଥାନାରେ ଏକ ମାମଲା ରୁଜୁ ହୋଇଛି। ଦୁର୍ଘଟଣା ପରେ କାର ଚାଳକ ଫେରାର ହୋଇଯାଇଛନ୍ତି।

### ଗଞ୍ଜେଇ କାରବାରରେ ସମ୍ପୃକ୍ତ ଟ୍ରକ ମାଲିକ ଗିରଫ

ବାଲିମେଳା,୨।୨(ଡି.ଏନ.ଏ.): ଗଞ୍ଜେଇ କାରବାରରେ ସମ୍ପୃକ୍ତ ଥାଇ ଫେରାର ଥିବା ଜଣେ ଟ୍ରକ୍ ମାଲିକ୍‌ଙ୍କୁ ବାଲିମେଳାରୁ ଓର୍କେଲ ପୋଲିସ ଗିରଫ କରିଛି। ତାଙ୍କ ନାମ ରାମନାଥ ପାଲ (୪୫) । ଗତ ୫।୧୧।୧୮ରେ ଟ୍ରକ (ୟୁପି-୭୮ସିଟି ୭୩୫୩)ରୁ ୨୦୩ କି.ଗ୍ରା. ୯ଶହ ଗ୍ରାମ ଜବତ ହୋଇଥିଲା। ସେତେବେଳେ ଡ୍ରାଇଭର ରାମ ନରେଶ ପାଲ ଏବଂ ମାଲିକଙ୍କ ସମ୍ପର୍କୀୟଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ସେସମୟରେ ଗାଡି ମାଲିକଙ୍କୁ ପୋଲିସ ଧରିବାକୁ ସକ୍ଷମ ହୋଇ ନ ଥିଲା। ତେବେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ରାମନାଥଙ୍କୁ ଗିରଫ କରିଛି ବୋଲି ଥାନା ଅଧିକାରୀ ଜଗଦୀଶ ବାରା କହିଛନ୍ତି।

### ବିଜେଡି ଓ୍ୱାର୍ଡସ୍ତରୀୟ ବୈଠକ

ବାଲିମେଳା, ୨।୨ (ଡି.ଏନ୍.ଏ.): ମାଲକାନଗିରି ଜିଲା କୋରକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳାରେ ଶନିବାର ବିଜେଡି ପକ୍ଷରୁ ଓ୍ୱାର୍ଡସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଦ୍ଧେଶ୍ୱର ମନ୍ଦିର ପରିସରରେ ହୋଇଥିବା ଏହି ବୈଠକ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା ଯୋଗ ଦେଇଥିଲେ। ଶିଶା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରି କାଳିଆ ଯୋଜନାରେ କିପରି ଚାଷୀମାନେ ସିଧାସଳଖ ଲାଭ ଉଠାଇପାରିବେ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ଉପକୃତ ହେବେ ସେନେଇ ଅବଗତ କରିଥିଲେ। ଆଗକୁ ନିର୍ବାଚନ ଥିବାରୁ ଓ୍ୱାର୍ଡସ୍ତରୀୟ କର୍ମୀମାନେ ନିଜ ବୁଥ୍‌କୁ ମଜଭୁତ୍ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ସରପଞ୍ଚ ସୋମନାଥ ବାର୍ସେ, ସଞ୍ଜୟ ପଟ୍ଟନାୟକ, ରାଜେଶ ଚନ୍ଦ୍ରନ, ପୂର୍ଣ୍ଣଚନ୍ଦ୍ର ଭାତରା, ମଣ୍ଟୁ ପାତ୍ର, ମଦନ ଖୋସଲା ଉପସ୍ଥିତ ଥିଲେ।

■ ପକ୍ଷାଘାତ ରୋଗରେ ବରିଷ୍ଠ ଖବରଦାତା

# ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ମାଲକାନଗିରି,୨।୨(ଡି.ଏନ.ଏ.)

ମାଲକାନଗିରି ଜିଲାର ଜଣେ ବରିଷ୍ଠ ଖବରଦାତା ସୁଧାକର ପକ୍ଷାଘାତ ରୋଗରେ ଗୁରୁତର ହୋଇ ଚିତ୍ରକୋଣ୍ଡାସ୍ଥିତ ନିଜ ବାସଗୃହରେ ପଡି ରହିଛନ୍ତି। ତାଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି । ରାଜ୍ୟ ସରକାର ସାମ୍ବାଦିକ ସ୍ୱାସ୍ଥ୍ୟ ବୀମାକାର୍ଡ ଗତ ପ୍ରେସ୍ ଦିବସରେ ମାଲକାନଗିରି ଜିଲାର ୭ ଜଣ ଖବରଦାତାଙ୍କୁ ଦେଇଥିଲେ। ଦାସଙ୍କୁ ମଧ୍ୟ ଏହି କାର୍ଡ ମିଳିଛି । ମାତ୍ର ଚିତ୍ରକୋଣ୍ଡାଠାରୁ ରାଜ୍ୟ ବାହାର କିମ୍ବା ବ୍ରହ୍ମପୁର, କଟକ ଯିବାପାଇଁ ଅର୍ଥ ବାଧକ ସାଜିଛି । ତାଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ଉତ୍କଳ ସାମ୍ବାଦିକ ସଂଘର ସଭାପତି ମନୋଜ ମହାନ୍ତି, କୋଷାଧ୍ୟକ୍ଷ ଶ୍ରୀନିବାସ ପାତ୍ର, ପ୍ରଭାକର ସୁନା, ଟୁଟୁ ସେଠୀଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି। ମାଲକାନଗିରି ଜିଲାରେ ୯୦ରୁ ଊର୍ଦ୍ଧ୍ୱ ଖବରଦାତା ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରୁଥିଲେ ମଧ୍ୟ ସରକାର କେବଳ ୭ ଜଣଙ୍କୁ ସ୍ୱାସ୍ଥ୍ୟ ବୀମା କାର୍ଡ ଯୋଗାଇ ଦେଇଛନ୍ତି। ଅନ୍ୟମାନଙ୍କୁ ଏପର୍ଯ୍ୟନ୍ତ କାର୍ଡ ମିଳିନାହିଁ। ଏନେଇ ଖବରଦାତାମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ଭାରପ୍ରାପ୍ତ ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଡ. ଗୁଣନିଧି ନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ଜିଲାରେ କାର୍ଯ୍ୟରତ ଅନ୍ୟାନ୍ୟ ଖବରଦାତାଙ୍କ ସ୍ୱାସ୍ଥ୍ୟ ବୀମାକାର୍ଡ ଯେପରି ଶୀଘ୍ର ଆସିବ ସେନେଇ ତାଙ୍କ ବିଭାଗର ନିର୍ଦ୍ଦେଶକଙ୍କୁ ଅବଗତ କରାଯାଇ କାର୍ଡ ବାଣ୍ଟିବା ବ୍ୟବସ୍ଥା କରାଯିବ ।

## ବାଲ୍ୟ ବିବାହରେ ମାଲକାନଗିରି ଜିଲା ରାଜ୍ୟରେ ପ୍ରଥମ

ମାଲକାନଗିରି,୨।୨(ଡି.ଏନ.ଏ.)

ରାଜ୍ୟରେ ମାଲକାନଗିରିର ଜିଲା ପ୍ରଥମ ସ୍ଥାନରେ ରହିଛି । ରାଜ୍ୟ ସମନ୍ୱିତ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶକ ତଥା ବାଲ୍ୟ ବିବାହ ନିଷେଧ ମୁଖ୍ୟ ଅଧିକାରୀ ରଘୁ ଜି ଏ ସମ୍ପର୍କରେ ମାଲକାନଗିରି ଜିଲାପାଳଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଲୋକଙ୍କୁ ସଚେତନ କରି ଏକ ଖସଡ଼ା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି। ଛାତ୍ରୀଙ୍କୁ ବିଦ୍ୟାଳୟକୁ ପଠାଇବା, ଅଧାରୁ ପାଠ ବନ୍ଦ କରୁଥିବା ଛାତ୍ରୀଙ୍କୁ ବିଦ୍ୟାଳୟକୁ ପଠାଇବା, ଜୀବନଜୀବିକା, କୌଶଳ ବିକାଶ ତାଲିମ ପ୍ରଦାନ, ମିଶନ ଶକ୍ତି ଓ ବିଜୁ ଯୁବ ବାହିନୀରେ ସେମାନଙ୍କୁ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି।। ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି, ବାଲ୍ୟ ବିବାହ ସମ୍ପର୍କିତ ଖବର ସଂଗ୍ରହ ପ୍ରକ୍ରିୟାକୁ ସୁଦୃଢ଼ କରିବା, ବେସରକାରୀ ସଂସ୍ଥା, ବୁଦ୍ଧିଜୀବୀଙ୍କୁ ସାମିଲ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

## ସରିଲା ତାଲିମ୍ ଶିବିର

ମାଲକାନଗିରି,୨।୨(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମା ଶିକ୍ଷା ଭାରତୀ ଟ୍ରଷ୍ଟ ପରିସରରେ ଜିଲା ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଚାଲିଥିବା ଶିଳ୍ପଭିତ୍ତିକ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଜିଲାର ୩୦ ଜଣ ଆଦିବାସୀ ଯୁବତୀଙ୍କୁ ଏହି କ୍ରମରେ ୨ମାସ ସିଲେଇ ତାଲିମ୍ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ ଯୋଗଦେଇ ଛାତ୍ରୀଙ୍କୁ ଉନ୍ନତ ଭବିଷ୍ୟତ ଗଢିବାକୁ ପରାମର୍ଶ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୧୦ ଜଣ ଛାତ୍ରୀ ଚେନ୍ନାଇସ୍ଥିତ ଅତୁଲ ଟେକ୍ସ ଷ୍ଟାଇଲ୍‌ରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ସେମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟତମ ବକ୍ତା ରୂପେ ଏକ୍ସିସ୍ ବ୍ୟାଙ୍କ ପରିଚାଳକ ଆଶିଷ ଦାସ୍, ଟ୍ରଷ୍ଟ ପରିଚାଳକ ସୁଷାନ୍ତ ଦାସ, ସଂଯୋଜକ ସନ୍ତୋଷ ବାଘ, ପ୍ରଶିକ୍ଷକ ଦୈମନ୍ତ ମଣ୍ଡଳ, ଉପସ୍ଥାପିକା ପ୍ରିୟଦର୍ଶିନୀ ଦାସ, ଶ୍ରୀନିବାସ ରାଓ ଉପସ୍ଥିତ ଥିଲେ।

# ବିଜ୍ଞାନ ମେଳାରେ ୪୨ ପ୍ରକଳ୍ପ


ବିଜ୍ଞାନମେଳାରେ ୨ ଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

କୋରୁକୋଣ୍ଡା,୨।୨

କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଏମଭି-୩୭ ଗ୍ରାମର ବୀଣାପାଣି ବିଦ୍ୟା ମନ୍ଦିରରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଣିଶଙ୍କର ମଜୁମଦାର ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ ୪୨ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। କନିଷ୍ଠ ଓ ବରିଷ୍ଠ ବର୍ଗରେ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

ଗୋବିନ୍ଦପାଲି, ୨।୨

ଗୋବିନ୍ଦପାଲି ଏକ୍ସ-ବୋର୍ଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ମୋ ସ୍କୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରଥ ପରିଚାଳନା କରିଥିଲେ । ଏଥିରେ ବହୁ ପୁରୁଣା ଛାତ୍ରୀଛାତ୍ର ଯୋଗଦେଇ ସ୍କୁଲର ଉନ୍ନତି ନିମନ୍ତେ ନିଜ ମତ ରଖି ବିଦ୍ୟାଳୟ ପାଇଁ ପାଣ୍ଠି ଯୋଗାଡ଼ରେ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ସମୂହ ଭାବେ ୨୫ହଜାର ଟଙ୍କା ଏବଂ ପୂର୍ବତନ ଛାତ୍ରୀଛାତ୍ରମାନେ ୩୦ହଜାର ଟଙ୍କା ପ୍ରଦାନ କରିଥିଲେ । ବିପିନ ବିହାରୀ ଭୁକ୍ତା,ଦୁର୍ଯ୍ୟୋଧନ ଅନୁଗୁଳିଆ, ତ୍ରିନାଥ ପରିଛା, ପଦ୍ମ ପାଣିଗ୍ରାହୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଡ୍ଗୁ ଭଲ କରି ମାଜ
ତାଡ ଭଲ କରି ମାଜ
ରଜା ଜାଣିଲେ ପରଜା ଜାଣିଲେ
ଆଉ କାହିଁ ପାଇଁ ଲାଜ ।**

କଥା ଥରେ ଫୁଟି ଚାରିଆଡ଼େ ପ୍ରଘଟ ହୋଇଗଲେ ଆଉ ଯେତେ ଲୁଚେଇଲେ ବି ଲୁଚି ପାରି ନ ଥାଏ। ସେତେବେଳେ ତାକୁ ଲୁଚାଇ ରଖିବା ନେଇ ପ୍ରୟାସ କଲେ ଭଗାରିହସା ହେବା ସାର ହୋଇଥାଏ। ଏପରିସ୍ଥଳେ ଆଉ କଥାକୁ ଲୁଚାଇ ନ ରଖି ନିଜ ବାଟରେ ଯାହା କରିବା କଥା ତାହା କରିବା ହିଁ ଉଚିତ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଖୋଳ ପରବତ ମାର ମୂଷା
ସବୁ ମେହନତ ଫସର ଫଟା ।**

ଅଯଥା ପରିଶ୍ରମର ଫଳ ନାସ୍ତି। ମୂଷା ଭଳି ସାମାନ୍ୟ ଜୀବକୁ ମାରିବା ପାଇଁ ପର୍ବତ ଖେଳିବାରେ କୌଣସି ଯଥାର୍ଥତା ରହି ନ ଥାଏ। ସାମାନ୍ୟ ଫଳପ୍ରାପ୍ତି ପାଇଁ ବହୁ ପରିଶ୍ରମ କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ


ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ଗୋବିନ୍ଦପାଲି,୨।୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଖେଳପଡିଆଠାରେ ତୃତୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ମନୋଜ କୁମାର ସାହୁ ଉଦ୍‌ଘାଟନ କରିଥିଲେ । ପରେ ବିଭିନ୍ନ ଇଭେଣ୍ଟରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା । ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ମୁଦୁଲିପଡା ଥାନା ଅଧିକାରୀ ଶଶିଭୂଷଣ ମିଶ୍ର ଯୋଗଦେଇ ଭଲ ପାଠପଢି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପୂର୍ବରୁ ହୋଇଥିବା ମାତୃ କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ମାଆମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ପ୍ରଧାନଆଚାର୍ଯ୍ୟ କୁରୁକ୍ଷେତ୍ର ଧାଙ୍ଗଡା ମାଝି ପରିଚାଳନା କରିଥିଲେ। ସମସ୍ତ ଗୁରୁମାଗୁରୁଜୀମାନେ ସହଯୋଗ କରିଥିଲେ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ଜମି ବିକ୍ରି
ପିପିଲି, ନିମାପଡ଼ା ରାସ୍ତାରେ ଖେଲାର ଛକଠାରେ ବାଣିଶ୍ରୀ ମହାବିଦ୍ୟାଳୟ ନିକଟସ୍ଥ ପିଚୁ ରାସ୍ତାକୁ ଲାଗି ୨ ଏକର ଜାଗା ବିକ୍ରି ହେବ।
ଯୋଗାଯୋଗ:- 9937734734, 9348293607

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ ।
ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା । ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ
Email- sixdocuments@gmail.com
B-19, Moti Bagh, New Delhi
7064382081
8658167603

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722, 7718760748
Bukaro malepur, jamui Bihar-811313

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

BALAJI FINANCE LTD.
(SINCE 1986)
GOLD MEDALIST
ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ଶିକ୍ଷା, ଗୃହ ଋଣ ଆଦି ସବୁ ପ୍ରକାର ଋଣର ସୁବିଧା ନିଅନ୍ତୁ।
୨୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଯୋଗାଯୋଗ କରନ୍ତୁ
9458728306
9458728290
LIG36, HARIPURA, Haripura Ward, ITARSI Tehsil, ITARSI, Distt.- Hoshangabad (M.P.)-461115

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାକ୍ସର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହିଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୂଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୂଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

T.F. FINANCE
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ୍, ଗୃହ ଋଣ, ସମସ୍ତ ଋଣ ୬ ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ସରକାରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
8126568293
8126592819
SCO-106, Second Floor, Vishal Tower, Connaught Place, Delhi.

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ମନୁଷ୍ୟ ହୁଏତ ଉଡ଼ି ଶିଖରକୁ ଉଠିଯିବ, କିନ୍ତୁ ସେଠାରେ ସେ ବହୁଦିନ ପର୍ଯ୍ୟନ୍ତ ରହି ନ ପାରେ।

- ବର୍ଣ୍ଣାଡ ଶ

## ସଂକ୍ଷେପରେ

### ସହକାରୀ ଯନ୍ତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା



କୋରାପୁଟ,୨।୨(ସ୍ୱ.ପ୍ର.): କ୍ଷୁଦ୍ର ଜଳସେଚନ ବିଭାଗର କୋରାପୁଟ ଉପଖଣ୍ଡର ସହକାରୀ ଯନ୍ତ୍ରୀ ଶୁଭେନ୍ଦୁ କୁମାର ପାତ୍ରଙ୍କୁ ଅବସର ସମ୍ବର୍ଦ୍ଧନା ଦିଆଯାଇଛି। ଶନିବାର ସ୍ଥାନୀୟ କୋରାପୁଟ କ୍ଷୁଦ୍ର ଜଳସେଚନ ଉପଖଣ୍ଡର କାର୍ଯ୍ୟାଳୟରେ ଆୟୋଜିତ ସଭାରେ ନୂତନ ଭାରପ୍ରାପ୍ତ ସହକାରୀ ଯନ୍ତ୍ରୀ ବିଘ୍ନେଶ୍ୱର ଦାସ, ବିଭାଗୀୟ ଯନ୍ତ୍ରୀ ରାମଚନ୍ଦ୍ର ମୁର୍ମୁ, ଯନ୍ତ୍ରୀ ବିରାମ ହାଁସଦା, ଯନ୍ତ୍ରୀ ରୋହିତ ଅଗ୍ରୱାଲ, ଜଗନ୍ନାଥ ଗୋମ୍ପା ଉପସ୍ଥିତ ଥିଲେ। ଶ୍ରୀ ପାତ୍ରଙ୍କ ଦ୍ୱାରା ଜିଲାର ବହୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଥିବା ବେଳେ ଚାକିରି ଜୀବନରେ ତାଙ୍କର କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲା। ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ଅବସର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

### ନାଲ୍କୋ ପାଇପ୍ ଲାଇନ କାର୍ଯ୍ୟକୁ ବାସିନ୍ଦାଙ୍କ ବିରୋଧ

ସେମିଲିଗୁଡ଼ା,୨।୨(ସ୍ୱ.ପ୍ର.): କୋରାପୁଟ ଜିଲା କୋଟିଆଗୁଡ଼ାଠାରୁ ଦାମନଯୋଡ଼ି ପର୍ଯ୍ୟନ୍ତ ନାଲ୍କୋ ପାଇପ୍ ଲାଇନ କାର୍ଯ୍ୟକୁ ବିରୋଧ କରି ନେଇ ସ୍ଥାନୀୟ ଗ୍ରାମବାସୀ ଏକାଠି ହୋଇ ସୁନାବେଡ଼ା ଆଇଆଇସିଙ୍କୁ ଅଭିଯୋଗପତ୍ର ଦେଇଛନ୍ତି। ନାଲ୍କୋକୁ ପାଣି ଯୋଗାଣ ହେବାକୁ ଥିବା ଉକ୍ତ ୭ କି.ମି. ପାଇପ୍ ଲାଇନ କାର୍ଯ୍ୟ ଠିକାଦାର ସ୍ଥାନୀୟ ଲୋକଙ୍କୁ ନ ଦେଇ ବାହାର ଲୋକଙ୍କୁ ନେଇ କାମ କରୁଥିବା ୫ଟି ଗ୍ରାମର ବାସିନ୍ଦା ଅଭିଯୋଗ କରିଛନ୍ତି। ଏଥିପାଇଁ ଉକ୍ତ କାମ ବନ୍ଦ କରିବାକୁ ଗ୍ରାମବାସୀ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଶହେରୁ ଊର୍ଦ୍ଧ୍ୱ ଗ୍ରାମବାସୀ ସୁନାବେଡ଼ା ଥାନା ଘେରାଉ କରିବା ସହିତ ଯଥାଶୀଘ୍ର ପଦକ୍ଷେପ ଦାବି କରିଛନ୍ତି। ସ୍ଥାନୀୟ ଲୋକଙ୍କୁ କାମ ନ ଦେଇ ଠିକାଦାର ବାହାର ଲୋକଙ୍କୁ ଦେଇଥିବା ପଦମ୍ପୁର ସରପଞ୍ଚ ଲକ୍ଷ୍ମୀ ହଞ୍ଜରିଆ ଅଭିଯୋଗ କରିଛନ୍ତି। ସୁନାବେଡ଼ା ଆଇଆଇସି ମମତା ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଛନ୍ତି, ନାଲ୍କୋକୁ ପାଣି ଯୋଗାଣ ପାଇପ ଲାଇନକୁ ନେଇ ଠିକାଦାର ଏବଂ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ରହିଛି। ଉଭୟ ପକ୍ଷ ଏତଲା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ବୁଝାମଣା ପାଇଁ ଆଲୋଚନା ହୋଇଛି। ଦାବି ପୂରଣ ନ ହେଲେ କୋରାପୁଟ ଏସ୍‌ପିଙ୍କୁ ଭେଟିବେ ବୋଲି ପଦମ୍ପୁର, କୋଟିଆଗୁଡ଼ା, ଚଉଗାଁ, ବରଗୁଡ଼ା, ଡୁମୁରିପୁଟ, ମୋହନପଡ଼ା ଗ୍ରାମବାସୀ କହିଛନ୍ତି।

### ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ



ଦାମନଯୋଡ଼ି,୨।୨(ସ୍ୱ.ପ୍ର.): ନାଲ୍କୋ ଟାଉନ୍‌ଶିପ ସରସ୍ୱତୀ ବିହାର ନିକଟସ୍ଥ ସାନ୍ତାଳୀ ସ୍କୁଲ ପରିସରସ୍ଥ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପୁଣ୍ୟତିଥି ପାଳିତ ହୋଇଛି। ଅଲଚିକି ଲିପିର ସ୍ରଷ୍ଟା ଭାବେ ପରିଚିତ ପଣ୍ଡିତ ରଘୁନାଥ ଅଲଗୁରୁ ଓ ଗୁରୁ ଗମକେ ଉପାଧୀରେ ଭୂଷିତ ହୋଇଛନ୍ତି। ତାଙ୍କ ପ୍ରଚେଷ୍ଟାରେ ଅଲଚିକି ଲିପି ସହାୟତାରେ ସାନ୍ତାଳୀ ଭାଷା ଓ ସଂସ୍କୃତି ଜାତୀୟସ୍ତରରେ ଲୋକଲୋଚନକୁ ଆସିପାରିଥିଲା। ସାନ୍ତାଳୀ ଭାଷା ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ମଧ୍ୟ ସ୍ଥାନ ପାଇଛି। ସାନ୍ତାଳୀ ଭାଷା ସମୃଦ୍ଧି ପାଇଁ ତାଙ୍କ ଅବଦାନ ଅତୁଳନୀୟ ବୋଲି ପୁଣ୍ୟତିଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ନାଲ୍କୋ ମହାପ୍ରବନ୍ଧକ ରାଜୀବ ମିଶ୍ର ମତବ୍ୟକ୍ତ କରିଛନ୍ତି। ପଣ୍ଡିତ ମୁର୍ମୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବକୁ ସେ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ ପ୍ରଶାନ୍ତ ଷଡ଼ଙ୍ଗୀ, ଉପମହାପ୍ରବନ୍ଧକ ସୁଦୀପ କୁମାର ବାରିକ, ନାଲ୍କୋ ଜାତି ଓ ଜନଜାତି ସଂଘ ସଭାପତି ଗୁରୁ ଟାକ୍ରୀ, ସମ୍ପାଦକ ମୋହନ ଦାସ ପ୍ରଧାନ, ସାନ୍ତାଳୀ ଶିକ୍ଷାନୁଷ୍ଠାନ ଅଧକ୍ଷା ଲୋପା ମାଣ୍ଡି, ପ୍ରଧାନଶିକ୍ଷକ ରାଇମୋହନ ଟୁଡୁ, ସମ୍ପାଦକ ଭି. ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାଭିତ୍ତିକ ନିଯୁକ୍ତି ଘୋଷଣା କରନ୍ତୁ ମୁଖ୍ୟମନ୍ତ୍ରୀ

ଜୟପୁର,୨।୨(ନି.ପ୍ର./ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ ତାରିଖ ଜୟପୁର ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ଜିଲା ଭିତ୍ତିକ ନିଯୁକ୍ତି ଘୋଷଣା କରନ୍ତୁ। ନଚେତ ବିଧାନସଭା ପରେ କୋରାପୁଟ ଜିଲାକୁ ୨ ଦିନ ବନ୍ଦ କରାଯିବ। ଜିଲା କଂଗ୍ରେସ ଭବନରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏହି ଚେତାବନୀ ଦେଇଛନ୍ତି। ଅବିଭକ୍ତ କୋରାପୁଟ ଜିଲାକୁ ମିଶାଇ ସ୍ୱତନ୍ତ୍ର ରାଜ୍ୟ ଘୋଷଣା କରିବା ପାଇଁ ମଧ୍ୟ ସେ ଦାବି ଉଠାଇଛନ୍ତି।

୨୦୦୯ ପରଠାରୁ ନବୀନ ସରକାର ଜିଲାଭିତ୍ତିକ ନିଯୁକ୍ତି ବନ୍ଦ କରିଥିବା ବେଳେ ବର୍ତ୍ତମାନ କିଛି ନିଯୁକ୍ତି ଆରମ୍ଭ ହୋଇଛି । ଜିଲାର ବିଭିନ୍ନ ବିଭାଗରେ ୪ର୍ଥ ଶ୍ରେଣୀ କର୍ମଚାରୀ ଏପରିକି ପିଅନ ଭାବେ ମଧ୍ୟ ବାହାର ଜିଲାର ଯୁବତୀ ଯୁବକ ନିଯୁକ୍ତି ପାଉଛନ୍ତି । କିନ୍ତୁ ଜିଲାର ଶିକ୍ଷିତ ଯୁବତୀ ଯୁବକଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଗତି କରୁଛି । ବେକାରୀ ସମସ୍ୟା ଯୋଗୁଁ ଏଠାକାର ଆଦିବାସୀ, ଗରିବ, ଶିକ୍ଷିତ ଯୁବତୀ ଯୁବତ ମାଓବାଦୀ ସଂଗଠନରେ ସାମିଲ ହେଉଛନ୍ତି। ବିଧାନସଭାରେ ଜିଲାଭିତ୍ତିକ ନିଯୁକ୍ତି ପାଇଁ ବାରମ୍ବାର ଦାବି ହୋଇଥିଲେ ମଧ୍ୟ କେହି ଶୁଣୁନାହାନ୍ତି। କଂଗ୍ରେସ ଅମଳରେ ଏଭଳି ନିଯୁକ୍ତି ଦିଆଯାଉଥିବା ବେଳେ ନବୀନ ସରକାର ଆସିବା ପରେ ଏହାକୁ ଉଠାଇ ଦେଇଛନ୍ତି । ୪ ତାରିଖ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଏହି ଦାବି ଜଣାଇବୁ। ୫ ତାରିଖ ଜୟପୁର ଗସ୍ତରେ ମୁଖ୍ୟମନ୍ତ୍ରୀ ଜିଲାଭିତ୍ତିକ ନିଯୁକ୍ତି ଘୋଷଣା କରନ୍ତୁ ବୋଲି ବାହିନୀପତି ଦାବି କରିଛନ୍ତି। ଏହି ପ୍ରତିଶ୍ରୁତି ଦେଲେ ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯୋଗଦେବେ, ନଚେତ୍ ବିରୋଧ କରିବେ। ଅନ୍ୟପକ୍ଷରେ ଜିଲା ଚିକିତ୍ସାଧିକାରୀ ବାହାର ଜିଲାର ଯୁବତୀ ଯୁବକଙ୍କୁ ଯେଉଁ ନିଯୁକ୍ତି ଦେଇଛନ୍ତି, ତାହା ତୁରନ୍ତ ବନ୍ଦ କରନ୍ତୁ, ନଚେତ ତାଙ୍କ କାର୍ଯ୍ୟାଳୟରେ ଆନ୍ଦୋଳନ ତେଜିବ ବୋଲି ବାହିନୀପତି ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ଭତ୍ରା, ନିହାର ବିଷୋୟୀ, ନରି ମହାନ୍ତି, ବସନ୍ତ ନାୟକ, ବ୍ରଜ ନାଗ ଉପସ୍ଥିତ ଥିଲେ।

**ତାରାଙ୍କ ଖବରଦାତା ସମ୍ମିଳନୀ**



ଖବରଦାତା ସମ୍ମିଳନୀରେ ବିଧାୟକ ସୂଚନା ଦେଉଛନ୍ତି।

# ଜନ୍ମଦିନରେ ଚାଲିଗଲା ଜୀବନ

■ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ସେମିଲିଗୁଡ଼ା/କୋରାପୁଟ,୨।୨(ସ୍ୱ.ପ୍ର.)

ଜନ୍ମଦିନରେ ଦେଓମାଳି ବୁଲିଲେ। ଜନ୍ମଦିନ ପାଳିବା ପାଇଁ ବ୍ୟାଗ୍‌ରେ କେକ୍ ଓ ଅନ୍ୟ ସାମଗ୍ରୀ ଧରି ମାଲକାନଗିରି ଘରକୁ ଫେରୁଥିଲେ ସନ୍ତୋଷ। ଭାଗ୍ୟ ତାଙ୍କୁ ଏମିତି ଏକ ଦୁଃଖଦ ସଂଯୋଗ ଭେଟିଦେବ ବୋଲି କେହି କଳ୍ପନା ସୁଦ୍ଧା କରି ନଥିବେ। ବାଇକ୍ ଦୁର୍ଘଟଣା ଯୋଗୁଁ ଜନ୍ମଦିନରେ ହିଁ ତାଙ୍କର ଜୀବନ ଦୀପ ଲିଭିଯାଇଛି।

ସୂଚନା ଅନୁଯାୟୀ, ମାଲକାନଗିରି ଜିଲା ସଦର ଧୋବାସାହିରେ ସନ୍ତୋଷ ବେହେରା (୨୫)ଙ୍କ ଘର। ଶନିବାର ତାଙ୍କ ଜନ୍ମଦିନ ଥିଲା। ତେଣୁ ସେ ବାଇକ୍ (ଓଡ଼ି୧୦ଜି ୫୪୧୭)ରେ କୋରାପୁଟ ଜିଲାର ଦେଓମାଳି ବୁଲିବାକୁ ଆସିଥିଲେ। ବୁଲିବା ସରିବା ପରେ ଅପରାହ୍ନରେ ସେ ଘରେ ଗାଁରେ ଜନ୍ମଦିନ ପାଳିବା ପାଇଁ ନିଜ ବ୍ୟାଗ୍‌ରେ କେକ୍ ଓ ଅନ୍ୟ ସାମଗ୍ରୀ ଧରି ମାଲକାନଗିରି ଫେରୁଥିଲେ। ତେବେ ବାଇକ୍ ଚଳାଇବା ବେଳେ ମୋବାଇଲରେ କଥାବାର୍ତ୍ତା ଯୋଗୁଁ ଅସାବଧାନତା ବଶତଃ ତାଙ୍କ ବାଇକ୍ ଆଗରେ ଯାଉଥିବା ଏକ ଟ୍ରକ୍ (ସିଜି୧୭ କେଏନ ୯୪୦୦) ପଛକୁ ଧକ୍କା ହୋଇଥିଲା। ସେମିଲିଗୁଡ଼ା ଥାନା ଡୋଲିଆମ୍ବ ଗ୍ରାମ ନିକଟ ୨୬ ନଂ ଜାତୀୟ ରାଜପଥରେ ଦୁର୍ଘଟଣା ଘଟିଥିଲା। ଏଥିରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସେମିଲିଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ କୋରାପୁଟ ମେଡିକାଲ ପଠାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# ସାଉଥ୍‌କୋ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

ସୁନାବେଡ଼ା,୨।୨

ଦୀର୍ଘଦିନ ହେଲା ନନ୍ଦପୁର ବ୍ଲକ୍ ଦାନବିର , ପରଜା, ବେଡ଼ାପଦର ଆଦି ଗ୍ରାମରେ ବିଦ୍ୟୁତ୍ ନ ଥିବାରୁ ଗ୍ରାମବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ଶୀଘ୍ର ସମାଧାନ ପାଇଁ କୀଟ୍ ଅଧ୍ୟକ୍ଷ ଅଶୋକ ପାଙ୍ଗିଙ୍କ ନେତୃତ୍ୱରେ ସୁନାବେଡ଼ାସ୍ଥିତ ସାଉଥ୍‌କୋ କାର୍ଯ୍ୟାଳୟ ଘେରାଉ କରାଯାଇଛି। ସ୍ଥାନୀୟ ଜେ.ଇ. ଗ୍ରାମଗୁଡ଼ିକରେ ବୁଲି ଅର୍ଥ ମାଗୁଛନ୍ତି। କିନ୍ତୁ ସ୍ଥାନୀୟ ଅଞ୍ଚଳରେ ଟ୍ରାନ୍ସଫରମର ପୋଡ଼ିଯାଇଥିଲେ ମଧ୍ୟ ତାହା ସଜାଡ଼ିବା ପାଇଁ କୌଣସି ପଦକ୍ଷେପ ନେଉ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାକୁ ଯଥାଶୀଘ୍ର ସଜାଡ଼ିବା ପାଇଁ ଦାବି ହୋଇଛି। ଘେରାଉରେ ଏମ୍‌ପିଙ୍କ ପ୍ରତିନିଧି ଶଶି ପଟ୍ଟନାୟକ, ନନ୍ଦପୁର ବିଜେଡି ସମ୍ପାଦକ ଯୋଗେଶ୍ୱର ଖେମୁଣ୍ଡୁ, ନନ୍ଦପୁର ଅବଜରଭର ଜାମି ଜେନା, ସୁନାବେଡ଼ା ପୌରପରିଷଦର ୨ ନମ୍ବର ୱାର୍ଡ କାଉନସିଲର ପ୍ରକାଶ ଚନ୍ଦ୍ର ବେନିଆ ଏବଂ ପାତ୍ତୁଆ ବିଜେଡି ବ୍ଲକ୍ ସଭାପତି ସାମିଲ ଥିଲେ। ଏସ୍‌ଡିଓ ନ ଥିବାରୁ ସାଉଥ୍‌କୋ କାର୍ଯ୍ୟାଳୟ କର୍ମଚାରୀ ପ୍ରଣବ ପଣ୍ଡାଙ୍କୁ ଦାବିପତ୍ର ଦିଆଯାଇଛି।



ଗ୍ରାମବାସୀ ସାଉଥ୍‌କୋ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

## ସ୍ୱାବଲମ୍ବୀ କାରିଗର ନୂତନ କର୍ମକର୍ତ୍ତା ମନୋନୀତ

ଜୟପୁର,୨।୨(ଡି.ଏନ୍.ଏ.):

ସ୍ଥାନୀୟ ଟାଉନ ହଲରେ ଜିଲା ସ୍ୱାବଲମ୍ବୀ କାରିଗରଙ୍କ ବୈଠକରେ ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି । ଏଥିରେ ସଭାପତି ଭାବେ ବାଲା ରାୟ, କାର୍ଯ୍ୟକାରୀ ସଭାପତି ଶୋଭାଚନ୍ଦ୍ର ଦାସ, ଉପ ସଭାପତି ନରସିଂହ ଲାଲ, ସାଧାରଣ ସଂପାଦକ ଭାବେ ଗୋପାଳ ନାୟକ, ଲକ୍ଷ୍ମୀପୁର ବ୍ଲକର କର୍ମକର୍ତ୍ତା ସଞ୍ଜୀବ ସାଉନ୍ତା, କାର୍ତ୍ତିକ ଦଣ୍ଡାସି, ଜୟପୁର ବ୍ଲକ ଘାସି ଖିଲ, ବୈଦ୍ୟନାଥ ନାୟକ, ବୋରିଗୁମ୍ମା ବ୍ଲକ ତାରକ ଖୋରା, ରାମଦାସ ମୁଦୁଲି ମନୋନୀତ ହୋଇଥିଲେ। ସେହିପରି ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ଯୋଗ ଦେଇଥିଲେ।

# ବିଏସ୍‌ପି ହାତ ଧରିବେ କୃଷ୍ଣ ସଗରିଆ

କୋରାପୁଟ,୨।୨(ସ୍ୱ.ପ୍ର.)



କୃଷ୍ଣ ସଗରିଆ।

କୋରାପୁଟର ପୂର୍ବତନ ବିଧାୟକ ତଥା କଂଗ୍ରେସରୁ ବହିଷ୍କୃତ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ବିଏସ୍‌ପିରେ ଯୋଗଦେବା ନେଇ ସୂଚନା ଦେଇଛନ୍ତି। ରବିବାର ଭୁବନେଶ୍ୱରରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ସେ ବହୁଜନ ସମାଜ ପାର୍ଟିରେ ସାମିଲ ହେବେ। ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ନିର୍ଦ୍ଦେଶକ୍ରମେ ରବିବାର ଭୁବନେଶ୍ୱର ଆସୁଥିବା ଉତ୍ତରପ୍ରଦେଶର ପୂର୍ବତନ କ୍ୟାବିନେଟ ମନ୍ତ୍ରୀ ତଥା ବିଏସ୍‌ପିର ବିଧାୟକ ଧରମବୀର ସିଂଙ୍କ ଉପସ୍ଥିତିରେ ସଗରିଆ ଓ ତାଙ୍କର ବହୁ ସମର୍ଥକ ଦଳରେ ଯୋଗଦେବେ। ଏହି ଅବସରରେ କଂଗ୍ରେସରୁ ବହିଷ୍କୃତ ଶ୍ରୀକାନ୍ତ ଜେନା ମଧ୍ୟ ଉପସ୍ଥିତ ରହିବେ ବୋଲି ସଗରିଆ କହିଛନ୍ତି।

# ପରୀକ୍ଷା କେନ୍ଦ୍ରକୁ ବିରୋଧ କରି ଧାରଣା

ବନ୍ଧୁଗାଁ,୨।୨(ଡି.ଏନ୍.ଏ.)

ବନ୍ଧୁଗାଁ ବ୍ଲକ୍ କୁମ୍ଭାରୀପୁଟ ସରକାରୀ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମହାବିଦ୍ୟାଳୟ ଛାତ୍ରୀଛାତ୍ର ନିଜ କଲେଜ ସମ୍ମୁଖରେ ଧାରଣା ଦେଇଛନ୍ତି। ଚଳିତ ବର୍ଷ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତଦୁଇ ପରୀକ୍ଷା କେନ୍ଦ୍ର କଲେଜଠୁ ୫୨ କି.ମି. ଦୂର ଲକ୍ଷ୍ମୀପୁର ମହାବିଦ୍ୟାଳୟରେ ପଡ଼ିଥିବାରୁ ଛାତ୍ରୀଛାତ୍ରମାନେ ପରୀକ୍ଷା ନ ଦେବା ପାଇଁ କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦେଇଛନ୍ତି। ପରୀକ୍ଷା କେନ୍ଦ୍ର କୁମ୍ଭାରପୁଟ କଲେଜରେ କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ୫ କି.ମି. ଭିତରେ ପରୀକ୍ଷା କେନ୍ଦ୍ର ହେବାର ବ୍ୟବସ୍ଥା ଥିବାବେଳେ ଚଳିତ ବର୍ଷ ଏହା କିପରି ୫୨ କି.ମି ଦୂରରେ କରାଯାଇଛି ବୋଲି ପିଲା ଏବଂ ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ଏଥିରେ ପରିଷଦ କର୍ତ୍ତୃପକ୍ଷ ହସ୍ତକ୍ଷେପ କରି ସମସ୍ୟା ସମାଧାନ କରନ୍ତୁ , ନଚେତ୍ ଆମେ ପରୀକ୍ଷା ଦେବୁ ନାହିଁ ବୋଲି ଛାତ୍ରୀଛାତ୍ରମାନେ ଚେତାବନୀ ଦେଇଛନ୍ତି। ଏନେଇ କଲେଜ ଅଧ୍ୟକ୍ଷ ସୁବାସ ବାଗଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଜିଲା ମଙ୍ଗଳ ଅଧିକାରୀ ଏବଂ ଜିଲାପାଳଙ୍କୁ ଅବଗତ ମଧ୍ୟ କରାଯାଇଛି।

■ ଅଭିଯୁକ୍ତଙ୍କୁ ଛାଡ଼ିଦେବା ଘଟଣାରେ ଥାନା ଘେରାଉ

# ଗାଁଲୋକଙ୍କ ସହ ଧାରଣାରେ ବସିଲେ ବିଧାୟକ

ଜୟପୁର,୨।୨(ଡି.ଏନ୍.ଏ./ନି.ପ୍ର.)

ଜଣେ ଅଭିଯୁକ୍ତଙ୍କୁ ପୋଲିସ ଛାଡ଼ିଦେବା ଘଟଣାରେ ଶନିବାର ଅପରାହ୍ନରେ ଗାଁଲୋକେ ଜୟପୁର ସଦର ଥାନା ଘେରାଉ କରିଛନ୍ତି। ସେମାନଙ୍କ ସହ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଥାନା ଆଗରେ ଧାରଣାରେ ବସିଛନ୍ତି। ଦୀର୍ଘ ଦେଢ଼ଘଣ୍ଟା ଥାନା ବାରଣ୍ଡାରେ ଧାରଣା ଦିଆଯାଇଛି।

ସୂଚନା ଅନୁଯାୟୀ, ଗତ ସୋମବାର ପଲକାପୁଟରେ ଭଲିବଲ୍ ମ୍ୟାଚ୍ ବେଳେ କୁନ୍ତରାଖାଲ ଓ ନୀଳାଗୁଡ଼ା ଗ୍ରାମର କେତେକ ଯୁବକ କମେଣ୍ଟ ମରାମରି ହୋଇଥିଲେ । ଗତ ଗୁରୁବାର ରାତିରେ ନୀଳାଗୁଡ଼ାର ୧୦ରୁ ଊର୍ଦ୍ଧ୍ୱ ଯୁବକ କୁନ୍ତରାଖାଲରେ ପହଞ୍ଚି ଗାଳିଗୁଲଜ କରିବାରୁ ସେମାନଙ୍କୁ ଘେରିବାକୁ ଉଦ୍ୟମ କରିଥିଲେ କୁନ୍ତରାଖାଲ ଗ୍ରାମବାସୀ। ନୀଳାଗୁଡ଼ାର ଅନ୍ୟ ଯୁବକମାନେ ସେଠାରୁ ଚମ୍ପଟ ମାରିଥିବା ବେଳେ ଅଭିଯୁକ୍ତ ରମାକାନ୍ତ ତୁରକ ଉକ୍ତ ଗ୍ରାମରେ ଥିବା ସମ୍ପର୍କୀୟ ମାମୁଙ୍କ ଘରେ ଲୁଚିଯାଇଥିଲେ । କୁନ୍ତରାଖାଲବାସୀ ଉକ୍ତ ଘରକୁ ଘେରାଉ କରିବା ଖବରପାଇ ସଦରଥାନା ପୋଲିସ ସେଠାରୁ ରମାକାନ୍ତଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ଥାନାରେ ଉଭୟ ଗ୍ରାମବାସୀ ଲିଖିତ ଏତଲା କରିଥିଲେ। ଶନିବାର ଆପୋଷ ବୁଝାମଣା ବୈଠକ ହେବାକୁ ଥିବାବେଳେ ଏହା ପୂର୍ବରୁ ଶୁକ୍ରବାର ରାତିରେ ପୋଲିସ ଅଭିଯୁକ୍ତଙ୍କୁ ଥାନାରୁ ଛାଡ଼ି ଦେଇଥିଲା। ରମାକାନ୍ତଙ୍କ ନାଁରେ ବହୁ ଅପରାଧିକ ମାମଲା ଥିବାବେଳେ ତାଙ୍କୁ ଗିରଫ କରିବା ଦାବିରେ କୁନ୍ତରାଖାଲ ଗ୍ରାମବାସୀ ଶନିବାର ଜୟପୁର ସଦର ଥାନା ଆଗରେ ଧାରଣା ଦେଇଥିଲେ। ବିଧାୟକ ବାହିନୀପତି ଥାନାରେ ପହଞ୍ଚି ପୋଲିସ ବିଜେଡିର ହାତବାରିଶି ହୋଇ କାର୍ଯ୍ୟ କରିବା ସହ ଅପରାଧୀଙ୍କୁ ସହାୟତା କରୁଛି ବୋଲି କହିଥିଲେ। ଧାରଣାରେ ତାଙ୍କ ସହ କଂଗ୍ରେସର ନରେନ୍ଦ୍ର ମହାନ୍ତି, ନିହାର ବିଶୋୟୀ, ପ୍ରଫୁଲ୍ଲ ଭତ୍ରା, ସୁକାନ୍ତ ପଟ୍ଟନାୟକ, ସତ୍ୟ ନାୟକ, ବସନ୍ତ ନାୟକଙ୍କ ସମେତ ଶତାଧିକ କୁନ୍ତରଖାଲ ବାସୀ ସାମିଲ ଥିଲେ। ଘଟଣାସ୍ଥଳରେ ଅତିରିକ୍ତ ଏସ୍‌ପି ଭି.ଆର. ରାଓ ଏବଂ ଏସଡିପିଓ ଟି. ଜଗନ୍ନାଥ ରେଡ୍ଡି ପହଞ୍ଚି ବୁଝାସୁଝା କରିଥିଲେ। ଅଭିଯୁକ୍ତ ଗିରଫ କରାଯିବାର ପ୍ରତିଶ୍ରୁତି ମିଳିବା ପରେ ଧାରଣା ହଟିଥିଲା।



ଧାରଣାରେ କୁନ୍ତରାଖାଲ ଗ୍ରାମବାସୀ।

## ‘ଆଦିବାସୀ ହେବା’, ‘ଆଦିବାସୀ ପ୍ରେମୀ ହେବା’ ଭିନ୍ନ କଥା

ସେମିଲିଗୁଡ଼ା,୨।୨(ସ୍ୱ.ପ୍ର.)

ସେମିଲିଗୁଡ଼ା ସହରସ୍ଥିତ ଜାନିଗୁଡ଼ା ଗ୍ରାମସ୍ଥ ଏସ୍‌ସିଆଇଆଇଏମ୍ କଲେଜ ପରିଦର୍ଶନ କରି ଭାରତ ଆଦିମ ଜନଜାତି ସେବକ ସଂଘ ସାଧାରଣ ସମ୍ପାଦକ ନୟନ ଚାନ୍ଦ ହେମ୍ବ୍ରମ୍ ଆଦିବାସୀ ହେବା ଏବଂ ଆଦିବାସୀ ପ୍ରେମୀ ହେବା ଦୁଇଟି ଭିନ୍ନ କଥା ବୋଲି ମତବ୍ୟକ୍ତ କରିଛନ୍ତି। ସେମାନଙ୍କର ଶିକ୍ଷା ଏବଂ ସଂସ୍କୃତିର ବିକାଶ ଉପରେ ଆଲୋଚନା କରି ସାଧାରଣ ସମ୍ପାଦକ ହେମ୍ବ୍ରମ୍ ଏପରି ମତବ୍ୟକ୍ତ କରିଛନ୍ତି। ସମୟ ହିଁ ଭଗବାନ। ଏହାର ସଦୁପୋଯୋଗ କଲେ ଅସମ୍ଭବ ସମ୍ଭବ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ମୟୂରଭଞ୍ଜର ଜଣେ ଆଦିବାସୀ ସର୍ବଭାରତୀୟ ସ୍ତରରେ ମଧ୍ୟ ଉଚ୍ଚ ପଦବୀରେ ରହି ଆଦିବାସୀଙ୍କ ବିକାଶ ପାଇଁ କାମ କରୁଛନ୍ତି ବୋଲି ସେ କହିଛନ୍ତି। ଏସ୍‌ସିଆଇଆଇଏମ୍ କଲେଜ ଅଧ୍ୟକ୍ଷ କୃଷ୍ଣ ସିଂହ, ଝାନ୍‌ସୀ ସିଂହ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଖାଦ୍ୟ ନିରାପତ୍ତା ଯୋଜନା ସମ୍ପର୍କିତ କର୍ମଶାଳା

କୋରାପୁଟ,୨।୨(ସ୍ୱ.ପ୍ର.)

ଜଳ ସଂପଦ ବିଭାଗ ଓ ନାବାର୍ଡର ମିଳିତ ସହଯୋଗରେ ଆଦିବାସୀ ଅଧ୍ୟୁଷିତ ୧୫ଟି ଜିଲାରେ ଭୂତଳ ଜଳ ସଂରକ୍ଷଣ ଓ ସୌରଶକ୍ତି ବିନିଯୋଗରେ ଖାଦ୍ୟ ନିରାପତ୍ତା ଯୋଜନା ଆରମ୍ଭ ହେବ। ଏହାର କାର୍ଯ୍ୟକାରିତା ନେଇ ଶନିବାର ଆଦିବାସୀ ସଂଗ୍ରହାଳୟରେ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି । ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଜିଲାରେ ଉତ୍କୃଷ୍ଟ ପରିବେଶ, ମାଟି ଓ ଜଳଭଣ୍ଡାର ଥିବାବେଳେ ଏହି ଅଞ୍ଚଳରେ ଚାଷୀଙ୍କ ଦ୍ୱାରା ଆବଶ୍ୟକ ଫସଲ ଉତ୍ପାଦନ ହୋଇପାରୁନି। ଏହି ଯୋଜନା ଦ୍ୱାରା ଲୋକେ ନିଜ ପୋଖରୀରେ ଜଳସ୍ତର ବୃଦ୍ଧି କରିବା ସହ ଏହାକୁ ଚାଷରେ ଲଗାଇଲେ ଜିଲାରେ ଖାଦ୍ୟ ନିରାପତ୍ତା ବଢ଼ିବ ଓ କୃଷକଙ୍କ ଆର୍ଥିକ ଅଭିବୃଦ୍ଧି ହୋଇପାରିବ ବୋଲି ସେ କହିଛନ୍ତି। କୋରାପୁଟସ୍ଥିତ ନାବାର୍ଡ ଏଜିଏମ୍ ମୁରଲି ମିଶ୍ର କର୍ମଶାଳାରେ ଅଧକ୍ଷତା କରି କହିଲେ, ୨୦୨୦ରୁ ୨୦୨୫ ଯାଏଁ ଆଦିବାସୀ ଅଧ୍ୟୁଷିତ ୧୫ଟି ଜିଲାରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନାରେ ୫ ବର୍ଷରେ ୧୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବା ଲକ୍ଷ୍ୟ ରଖାଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ କୋରାପୁଟ ଜିଲାର ଦଶମନ୍ତପୁର, କୋଟପାଡ଼, ବୋରିଗୁମ୍ମା, ଲକ୍ଷ୍ମୀପୁର ବ୍ଲକରେ ନାବାର୍ଡ ସର୍ଭେ କରିଛି। କର୍ମଶାଳାରେ ଜିଲା ପରିଷଦ ଉପାଧ୍ୟକ୍ଷା ତୁଳସି କିର୍ସାନି, ଜିଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଶଙ୍କର୍ଷଣ ରାଉତ, କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସେଠୀ, ଡିପିଏମ୍‌ୟୁର ଉପନିର୍ଦ୍ଦେଶକ ଲକ୍ଷ୍ମୀଧର ବିଶ୍ୱାଳ, ଗ୍ରାଉଣ୍ଡ ୱାଟର ଡିଭିଜନର ଜିଓଲୋଜିଷ୍ଟ ବି. ରମେଶ ଯୋଗ ଦେଇଥିଲେ।



କର୍ମଶାଳାରେ ମଞ୍ଚାସୀନ ଅତିଥି।

# ୫ରୁ ମଣ୍ଡିରେ ଧାନକିଣା ବନ୍ଦ, ଛନକାରେ ଚାଷୀ

କୁନ୍ଦୁରା,୨।୨(ଡି.ଏନ୍.ଏ.)

କୋରାପୁଟ ଜିଲାରେ ଖରିଫ ଋତୁ ମଣ୍ଡିରେ ଧାନକିଣା ଆସନ୍ତା ୪ ତାରିଖ ମଧ୍ୟରାତି ସୁଦ୍ଧା ଶେଷ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ଉକ୍ତ ନିର୍ଦ୍ଧାରିତ ସମୟରେ କୁନ୍ଦୁରା ବ୍ଲକ୍‌ରେ ଖରିଫ ଋତୁରେ ଖୋଲିଥିବା ୮ଟି ଧାନମଣ୍ଡିରେ ଧାନକିଣା ମଧ୍ୟ ଶେଷ ହେବ। ଆସନ୍ତା ୩ ତାରିଖ ସୁଦ୍ଧା ମଣ୍ଡିସ୍ଥଳକୁ ଧାନ ଆଣିବା ପାଇଁ ପୂର୍ବ ପଞ୍ଜୀକୃତ ଚାଷୀଙ୍କୁ ଡାକବାଜିଯନ୍ତ୍ର ମାଧ୍ୟମରେ ସୂଚନା ଦିଅ ବୋଲି ସ୍ଥାନୀୟ ଅଧିକାରୀଙ୍କୁ ଫୁଡସ୍ ସପ୍ଲାଇଜ୍ ଆଣ୍ଡ କଞ୍ଜୁମର ୱେଲ୍‌ଫେୟାର ଡିପାର୍ଟମେଣ୍ଟ ସଚିବ ଭି.ଭି. ଯାଦବଙ୍କ ଚିଠି ଅନୁସାରେ ଜିଲା ଏବଂ ବ୍ଲକ୍ ପ୍ରଶାସନକୁ ନିର୍ଦ୍ଦେଶ ଅଛି। ଏହାକୁ ଆଧାର କରି ଜିଲା ଯୋଗାଣ ଅଧିକାରୀ ସମସ୍ତ ବ୍ଲକ୍‌ର କ୍ରୟକାରୀ ସଂସ୍ଥା ଏବଂ ନିୟନ୍ତ୍ରିତ ବଜାର କମିଟିକୁ ନିର୍ଦ୍ଦେଶ ଜାରି କରିଛନ୍ତି।

ପୂର୍ବରୁ କୁନ୍ଦୁରା ବ୍ଲକର ସାପ୍ତାହିକ ଧାନମଣ୍ଡିରେ ୪୦ ଜଣ ଚାଷୀଙ୍କର ୩୯୯୨ କୁଇଣ୍ଟାଲ ଧାନ କ୍ରୟପାଇଁ ରହିଥିବାବେଳେ ତରବରରେ ମଣ୍ଡିକୁ ସାମୟିକଭାବେ ବନ୍ଦ କରାଯାଇଥିଲା। ଧାନଗଦା କରିଥିବା ଚାଷୀ ନାନା ହଇରାଣ ହରକତ ହୋଇଥିଲେ। ନଭେମ୍ବରରେ ଖୋଲିଥିବା ଧାନମଣ୍ଡିରେ ଧାନଗଦା ହୋଇଥିଲା। ଡିସେମ୍ବର ପ୍ରଥମ ସପ୍ତାହରେ ବାତ୍ୟା ହେବା ଫଳରେ ପ୍ରଶାସନ ତରବରିଆ ଭାବେ ମଣ୍ଡିରୁ ଧାନ କିଣିଥିଲା। ଅନେକ ଚାଷୀ ଧାନ ବିକି ନ ପାରି ନିରାଶ ହୋଇଥିଲେ। ଏବେ ପୁଣି କେଉଁ ପରିସ୍ଥିତିରେ ତରବରିଆଭାବେ ଆସନ୍ତା ୪ ତାରିଖରେ ଧାନକିଣା ଶେଷ କରିବାକୁ ପ୍ରଶାସନ ନିର୍ଦ୍ଦେଶ ଦେଇଛି ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ପ୍ରଶାସନର ଏପରି ନିର୍ଦ୍ଦେଶ ପରେ ଚାଷୀମାନେ ଛାନିଆ ହେବା ସହିତ ନିଜ ହାତରୁ ପରିବହନ ଖର୍ଚ୍ଚ କରି ଗାଁରୁ ମଣ୍ଡିସ୍ଥଳକୁ ଧାନ ନେଉଛନ୍ତି। ଦୁଇଦିନ ହେଲା ଚାଷୀ ହଜାର ହଜାର କୁଇଣ୍ଟାଲ ଧାନ ଅସ୍ଥାୟୀ ମଣ୍ଡିସ୍ଥଳରେ ଗଦା କରୁଥିବା ବେଳେ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ କିମ୍ବା ସଦସ୍ୟଙ୍କ ଦେଖା ମିଳୁ ନ ଥିବା ଅଭିଯୋଗ ହୋଇଛି। ଚାଷୀ ଶୀତ ରାତିରେ ଧାନ ଜଗୁଛନ୍ତି। ଅସ୍ଥାୟୀ ଧାନମଣ୍ଡିରେ ଶନିବାର ସନ୍ଧ୍ୟା ସୁଦ୍ଧା ପ୍ରାୟ ୭୦୦ କୁଇଣ୍ଟାଲ ଧାନ ଗଦା ହୋଇସାରିଛି। ଚାଷୀମାନେ ପାଳିକରି ଶୀତ କାକରରେ ରାତିରେ ଜଗିବାକୁ ବାଧ ହେଉଛନ୍ତି ।



ମଣ୍ଡିରେ ଗଦା ହୋଇଥିବା ଧାନବସ୍ତା ।

■୩ ସୁଦ୍ଧା ଧାନ ଆଣିବାକୁ ଚାଷୀଙ୍କୁ ଜଣାଅ

■ତରବରିଆ ନିଷ୍ପତ୍ତିକୁ ବିରୋଧ

■ବଜାର କମିଟି କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ଅଭିଯୋଗ

ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ୩ ଫେବୃୟାରୀ, ୨୦୧୯



ଜୀବନରେ ଭୟ କରିବାର କିଛି ନାହିଁ। କେବଳ ଜୀବନକୁ ବୁଝିପାରିଲେ ଭୟ ଆପେ ଆପେ ଦୂର ହୋଇଯିବ।
- ମେରି କ୍ୟୁରୀ



## ସଂକ୍ଷେପରେ

### ବିଭିନ୍ନ ପଦବୀ ଖାଲି: ଉପୁଜୁଛି ସମସ୍ୟା

କାଶୀନଗର, ୨।୨(ଡି.ଏନ.ଏ.): ଗଜପତି ଜିଲା କାଶୀନଗର ସହରରେ ବ୍ଲକ ଅଫିସ୍, ଏନ୍ଏସି କାର୍ଯ୍ୟାଳୟ, ଥାନା, ସ୍ୱାସ୍ଥ୍ୟକେନ୍ଦ୍ର ସମେତ ସ୍କୁଲ ଓ କଲେଜ ରହିଛି। ବ୍ଲକ ଅଫିସ ସମେତ ଅଧିକାଂଶ କାର୍ଯ୍ୟାଳୟରେ ମୁଖ୍ୟ ପଦବୀ ଖାଲିପଡ଼ିଛି। ଦାୟିତ୍ୱରେ ଥିବା (ଇନଚାର୍ଜ) ଅଧିକାରୀ ମାନଙ୍କ ଦ୍ୱାରା କାମ ଚାଲିଛି। ଏଥିଯୋଗୁ ଅନେକ କ୍ଷେତ୍ରରେ ନାନା ସମସ୍ୟା ଉପୁଜୁଛି। ଦୀର୍ଘମାସ ହେଲା ବିଡିଓ ଏବଂ ସବ୍‌ଟ୍ରେଜେରୀ ପଦବୀ ଖାଲିପଡ଼ିଥିବାରୁ ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର ଏକସଙ୍ଗେ ୩ଟି ଦାୟିତ୍ୱ ତୁଲାଉଛନ୍ତି। ସେହିପରି କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡିଡିଓ ସମେତ ୪ଟି ଯାକ ବିଶେଷଜ୍ଞ ପଦବୀ ଖାଲିପଡ଼ିଛି। ଫଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅବ୍ୟବସ୍ଥା ସୃଷ୍ଟି ହେଉଛି। ଚଳିତ ମାସ ଶେଷରେ କୃଷି ଓଭରସିୟର ଅବସର ନେବେ ବୋଲି ଶୁଣିବାକୁ ମିଳୁଛି। ସେ ଅବସର ନେଲେ ସେହି ପଦବୀ ମଧ ଖାଲିପଡ଼ିବ। ଶ୍ରୀରାମ ଯୁକ୍ତଦୁଇ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଅରୁଣ କୁମାର ପରିଚ୍ଛାଙ୍କ ଅକାଳ ବିୟୋଗ ପରେ ସ୍ଥାୟୀ ଅଧକ୍ଷ ନିଯୁକ୍ତି ପାଇପାରିନାହାନ୍ତି। କାଶୀନଗର ଡେଭଲପମେଣ୍ଟ ଫୋର୍ସ ପକ୍ଷରୁ କିଛିଦିନ ତଳେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ପଦବୀ ପୂରଣ ପାଇଁ ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଜିଲା ପ୍ରଶାସନର ଏଭଳି ନିଦାବିଷ୍ଟ ମନୋଭାବ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ଭିଭିପାଟ୍ ବ୍ୟବହାର ନେଇ ସଚେତନତା



ପାରଳାଖେମୁଣ୍ଡି, ୨।୨(ସ୍ୱ.ପ୍ର.): ଆଗାମୀ ନିର୍ବାଚନରେ ନୂତନ ଭାବେ ବ୍ୟବହାର ହେବାକୁ ଥିବା ଭିଭିପାଟ୍ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଗଜପତି ଜିଲା ପାରଳାଖେମୁଣ୍ଡି ପୌରପରିଷଦ ଅଧୀନ ୧୫ନମ୍ବର ୱାର୍ଡରେ ଶନିବାର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲୋକମାନଙ୍କୁ ଭିଭି ପାଟ ମେସିନ କାର୍ଯ୍ୟକାରିତା ଓ ବ୍ୟବହାର ସମ୍ପର୍କରେ ବୁଝାଇ ଦିଆଯିବା ସହ ଡେମୋ ଭୋଟିଂ ପ୍ରଦର୍ଶନ କରାଯାଇଥିଲା। ଭୋଟିଂ ପରେ ଭୋଟର ଯାହାକୁ ନିଜର ଭୋଟ ଦେଇଥାନ୍ତି ସେହି ଅନୁଯାୟୀ ଭିଭି ପାଟରୁ ସମାନ ଚିହ୍ନିତ ଏକ କାଗଜ ବା ଚିରିକୁଟ ବାହାରିଥାଏ। ସାଧାରଣ ଲୋକ ନିଜେ ଭୋଟିଂ ମେଶିନର ସୁଇଚ ଦବାଇ ଭୋଟ ଦେଇଥିଲେ ଏବଂ ସମାନ ରସିଦ ଭିଭିପାଟରୁ ବାହାରୁଛି କି ନାହିଁ ତାହା ପରିଖିଥିଲେ। ଏହି କାର୍ଯ୍ୟକ୍ରମକୁ ପୌରପରିଷଦର କନିଷ୍ଠ ଯନ୍ତ୍ରୀ ଡି. ଯୁଧିଷ୍ଠିର, ଡି. କିଶାନ ପ୍ରମୁଖ ପରିଚାଳନା କରିଥିଲେ।

### ଆନ୍ତଃ ରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ୩ୟ ମ୍ୟାଚରେ ଜିତିଲା ଜିଆଇଟିଏମ୍

ପାରଳାଖେମୁଣ୍ଡି, ୨।୨(ସ୍ୱ.ପ୍ର.): ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ଆଲୁରୀନଗରସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ଅଷ୍ଟମ ଓଡ଼ିଶା-ଆନ୍ଧ୍ର ଆନ୍ତଃ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ୩ୟ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗାନ୍ଧୀ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ମ୍ୟାନେଜମେଣ୍ଟ (ଜିଆଇଟିଏମ୍) ଦଳ ଏବଂ ପାରଳାଖେମୁଣ୍ଡି ଏସ୍‌କେସିଜି କଲେଜ ଦଳ ପରସ୍ପରକୁ ଭେଟିଥିଲେ। ଏସ୍.କେ.ସି.ଜି ଦଳ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ଜି.ଆଇ.ଟି.ଏମ୍ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୧୮୬ ରନ୍ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସି.ଏଚ୍. କଲ୍ୟାଣ ୧୯ ବଲ୍‌ରେ ୩୩ରନ୍ ସଂଗ୍ରହ କରିଥିଲେ। ଜବାବରେ ଏସ୍.କେ.ସି.ଜି ଦଳ ୧୬.୨ ଓଭରରେ ମାତ୍ର ୧୦୦ ରନ୍ କରି ଅଲ୍ ଆଉଟ୍ ହୋଇଯିବାରୁ ମ୍ୟାଚ୍‌ରେ ହାରିଯାଇଥିଲେ। ଏସ୍.କେ.ସି.ଜି ଦଳର ବୁଦ୍ଧଦେବ ପାଣିଗ୍ରାହୀ ୩୧ବଲ୍‌ରେ ୨୬ରନ୍ ସଂଗ୍ରହ କରିଥିବାବେଳେ ଜି.ଆଇ.ଟି.ଏମ୍ ଦଳର ନବୀନ ୨୧ ରନ୍ ବିନିମୟରେ ୪ଟି ଉଇକେଟ ଅକ୍ତିଆର କରିଥିଲେ।

# ଆଦିବାସୀ ଗ୍ରାମରେ ଆଦର୍ଶ ପାଲଟିଛି କୋଇଲାରୀ ବିଦ୍ୟାଳୟ

## ■ ସମସ୍ୟା ସତ୍ତ୍ୱେ ସ୍କୁଲ ପ୍ରତି କମୁନି ଛାତ୍ରୀଛାତ୍ରଙ୍କ ଆଗ୍ରହ

ଡାବୁଗାଁ,୨।୨(ଡି.ଏନ.ଏ.)



ଛାତ୍ରୀମାନେ ମଧାହ୍ନ ଭୋଜନ ଖାଉଛନ୍ତି।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କୋଇଲାରୀ ପଞ୍ଚାୟତ ସଦର ମହକୁମାସ୍ଥିତ କୋଇଲାରୀ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଏହି ବିଦ୍ୟାଳୟରେ ଶିକ୍ଷକ, ଶ୍ରେଣୀଗୃହ ଅଭାବ ସାଙ୍ଗକୁ ପାନୀୟଜଳ ଓ ବିଦ୍ୟୁତ ସମସ୍ୟା ରହିଛି। ଏହା ସତ୍ତ୍ୱେ ଆଦିବାସୀ ଗ୍ରାମରେ ଏହି ବିଦ୍ୟାଳୟ ପାଲଟିଛି ଏକ ଆଦର୍ଶ ବିଦ୍ୟାଳୟ। ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ଠାରୁ ୧୧ କିମି ଦୂରରେ ଦୁର୍ଗମ ବଣପାହାଡ ଘେରରେ ରହିଛି କୋଇଲାରୀ ଗାଁ। ଆଦିବାସୀ ଅଧୁଷିତ ଏହି ଗ୍ରାମରେ ୧୯୫୬ ମସିହାରେ ରାଜ୍ୟ ସରକାରଙ୍କ ତରଫରୁ ଏକ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ସେତେବେଳେ ଗ୍ରାମବାସୀଙ୍କ ସହାୟତାରେ ଝାଟିମାଟିରେ ନିର୍ମିତ ଏକ କୋଠରୀରେ ସର୍ବପ୍ରଥମେ ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇଥିଲା। ଆଖପାଖ ୫ କିମି.ଦୂରରୁ ପିଲାମାନେ ଏଠାକୁ ଆସି ପଢୁଥିଲେ। ୧୯୭୧ ମସିହାରେ ସରକାରଙ୍କ ତରଫରୁ ୩ କକ୍ଷ ବିଶିଷ୍ଟ ଏକ ବିଦ୍ୟାଳୟ ଗୃହ ନିର୍ମାଣ ହେବା ସହ ୩ ଜଣ ଶିକ୍ଷକଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଥିଲା। ପରେ ୧୯୮୦ ମସିହାରେ ଏହାକୁ ଉଚ୍ଚ ବିଦ୍ୟାଳୟକୁ ଉନ୍ନୀତ କରାଯାଇଥିଲା। ୨୦୦୮ ମସିହାରେ ଏହି ବିଦ୍ୟାଳୟ ପରିସରରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ଏଥିରେ ୧ମ ଶ୍ରେଣୀ ଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୩୯୦ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସେଭଳି ପିଲାଙ୍କ ପଢିବା ପାଇଁ ଏଠାରେ ୮ ଟି ଶ୍ରେଣୀଗୃହ ରହିଛି। ବର୍ତ୍ତମାନ ଏହି ବିଦ୍ୟାଳୟରେ ୧ମ ଶ୍ରେଣୀରେ ୧୯ ଜଣ ପିଲା ପାଠ ପଢୁଥିବା ବେଳେ ୨ୟ ଶ୍ରେଣୀରେ ୩୩ ଜଣ, ୩ୟ ଶ୍ରେଣୀରେ ୨୫, ୪ର୍ଥ ଶ୍ରେଣୀରେ ୨୪ଜଣ ପିଲା ପଢୁଛନ୍ତି। ୫ମ ଶ୍ରେଣୀରେ ୩୭ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ଯଥାକ୍ରମେ ୯୪, ୯୨ ଓ ୬୬ ଛାତ୍ରୀଛାତ୍ର ପଢୁଛନ୍ତି। ଏଠାରେ ଅନୁସୂଚିତ ଜାତି ଓ ଜନଜାତି ଶ୍ରେଣୀର ୨୬୪ ଛାତ୍ରୀ ଓ ୧୨୬ ଛାତ୍ର ଅଧ୍ୟୟନ କରୁଛନ୍ତି। ସରକାରଙ୍କ ନିୟମାନୁଯାୟୀ ୩୦ ପିଲାରେ ଜଣେ ଶିକ୍ଷକ ରହିବା ଦରକାର। ସେଥିପାଇଁ ୩୯୦ ପିଲାଙ୍କ ପାଇଁ ୧୫ ଶିକ୍ଷକ ଆବଶ୍ୟକ ଥିବାବେଳେ ଅଛନ୍ତି ମାତ୍ର ୮ ଶିକ୍ଷୟିତ୍ରୀ ଶିକ୍ଷକ। କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀଙ୍କ ରହିବା ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ନିର୍ମାଣ କରାଯାଇଛି। ଏହି ଛାତ୍ରୀ ନିବାସରେ ବର୍ଷାଦିନେ ସୋଲାର କାମ ନକରିବାରୁ ପାନୀୟଜଳ ସମସ୍ୟା ହୋଇଥାଏ। ଏହି ଛାତ୍ରୀ ନିବାସରେ ୯୩ ଜଣ ଛାତ୍ରୀ ରହି ଜୁନାପାଣି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ସାଇକେଲ ଯୋଗେ ଯାଇ ୯ମ ଓ ୧୦ମ ଶ୍ରେଣୀରେ ପାଠ ପଢୁଛନ୍ତି। ଏହି ବିଦ୍ୟାଳୟରୁ ୩ୟ ଓ ୫ମ ଶ୍ରେଣୀରୁ ୨ ଜଣ ଲେଖାଏଁ ଛାତ୍ରୀଛାତ୍ର ବୃତ୍ତି ପାଉଛନ୍ତି ଏବଂ ଗତ ୨ ବର୍ଷ ହେଲା ୧୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓଡିଶା ଆଦର୍ଶ ବିଦ୍ୟାଳୟ ଚୟନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡାବୁଗାଁ ଆଦର୍ଶ ବିଦ୍ୟାଳୟରେ ପାଠ ପଢୁଛନ୍ତି। ବିଦ୍ୟାଳୟରେ ୯ମ ଓ ୧୦ମ ଶ୍ରେଣୀ ଖୋଲାଯିବା ସହ ଶିକ୍ଷକ ନିଯୁକ୍ତି, ପାନୀୟଜଳ ଓ ବିଦ୍ୟୁତ ସମସ୍ୟାର ସମାଧାନ କରିବା ପାଇଁ ବିଦ୍ୟାଳୟ କମିଟି ସଭାପତି ଲଳିତ ମାଝୀ, ଭୈରବସିଂମାଝୀ, ନିଧି ମାଝୀ, ସୋମନାଥ ମାଝୀ, କର୍ଣ୍ଣ କଲାର, ବୈଶାଖୁ ଭତ୍ରା, ଦାମୁ ବଞ୍ଜାରା ଓ ଧନସିଂ ଗୌଡ ପ୍ରମୁଖ ଦାବି କରିଛନ୍ତି।

- ■ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଛନ୍ତି ୩୯୦ ଛାତ୍ରୀଛାତ୍ର
- ■ ଶିକ୍ଷାଦାନ ପାଇଁ ଅଛନ୍ତି ୮ ଶିକ୍ଷକ
- ■ ୯ମ ଓ ୧୦ ମ ଶ୍ରେଣୀ ଖୋଲିବାକୁ ଦାବି

### ସେମାନଙ୍କ ମତରେ



"ହଷ୍ଟେଲରେ ବର୍ଷା ଦିନେ ପାଣିର ଅଭାବ ହୋଇଥାଏ। ବିଶେଷ କରି ପାନୀୟ ଜଳ ପାଇଁ ଅସୁବିଧା ହୋଇଥାଏ।
- ରମିଳା ଭତ୍ରା, ୮ମ ଶ୍ରେଣୀ ଛାତ୍ରୀ



"ବିଦ୍ୟାଳୟରେ ଠିକ ସମୟରେ ପାଠ ପଢା ହେଉଛି। ଠିକ ସମୟରେ ଖାଇବା, ପଢିବା ସହ ବିଭିନ୍ନ ଖେଳ ଖେଳିଥାଉ। ପାଠ ପଢାରେ ଆମକୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ସାହାଯ୍ୟ କରିଥାନ୍ତି।
-ସନ୍ଧ୍ୟାରାଣୀ ଦାସ, ୮ମ ଶ୍ରେଣୀ ଛାତ୍ରୀ



"ବିଦ୍ୟାଳୟରେ ବିଦ୍ୟୁତ ସମସ୍ୟା ରହିଛି। ରାତିରେ ପାଠ ପଢିବାରେ ଅସୁବିଧା ହେଉଛି। ବିଦ୍ୟାଳୟର ୩ ଜଣ ଛାତ୍ରୀ ଏହି ବର୍ଷ ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଭାଗ ନେଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି।
-ଜୟମଣି ଗଣ୍ଡ, ଷଷ୍ଠ ଶ୍ରେଣୀଛାତ୍ରୀ



"କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ବିଭିନ୍ନ ଗ୍ରାମର ଅଧାରୁ ପାଠ ଛାଡି ଥିବା ଛାତ୍ରୀ ମାନେ ପାଠ ପଢୁଛନ୍ତି। ଆମେ ପାଠ ପଢିବା ସହ ବିଦ୍ୟାଳୟ ପରିସରରେ ବିଭିନ୍ନ ଫୁଲଗଛ ଲଗାଇ ଏକ ଛୋଟ ବଗିଚା କରି ଗଛର ଯତ୍ନ ନେଉଛୁ।
- ଦୁଶୀଳା କଲାର, ଷଷ୍ଠ ଶ୍ରେଣୀ ଛାତ୍ରୀ



"ଘର ଭଳି ବିଦ୍ୟାଳୟରେ ମଧ ସମସ୍ତ ପର୍ବ ପର୍ବାଣି ପାଳନ କରାଯାଇଥିବାରୁ ଏଠାରେ ରହି ପାଠ ପଢିବାକୁ ଭଲ ଲାଗୁଛି। ଭଲ ପାଠ ପଢି ବିଦ୍ୟାଳୟର ନାମ ରଖିବୁ।
- ସୁଷମା ଜାନୀ, ସପ୍ତମ ଶ୍ରେଣୀ ଛାତ୍ରୀ



"ବିଦ୍ୟାଳୟରେ ବିଦ୍ୟୁତ ଟ୍ରାନ୍ସଫର୍ମର ବସାଗଲେ ବିଦ୍ୟୁତ ଓ ପାନୀୟ ଜଳ ସମସ୍ୟା ଦୂର ହେବ। ବିଦ୍ୟାଳୟରେ ୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଜଣେ ଖେଳ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ବିଭିନ୍ନ ଅସୁବିଧା ସତ୍ତ୍ୱେ ମଧ ଆମେ ପାଠ ପଢା ଉପରେ ଅଧିକ ମନୋନିବେଶ କରୁଛୁ। ଯେପରି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ଷେତ୍ରରେ କୃତକାର୍ଯ୍ୟ ହେବେ ସେଥିପାଇଁ ଆମେ ସବୁବେଳେ ଚେଷ୍ଟା କରୁଛୁ।
-ବିଷ୍ଣୁପ୍ରିୟା ବେହେରା, ପ୍ରଧାନଶିକ୍ଷୟିତ୍ରୀ

# ପଲ୍ଲିଶ୍ରୀ ମେଳା ଆରମ୍ଭ: ଖୋଲିଲା ୨୨୦ ଷ୍ଟଲ

ପାରଳାଖେମୁଣ୍ଡି, ୨।୨(ସ୍ୱ.ପ୍ର.)



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଗଜପତି ଜିଲା ପ୍ରଶାସନ ଏବଂ ଓର୍‌ମାସ ମିଳିତ ଅନୁକୂଲ୍ୟରେ ପାରଳାଖେମୁଣ୍ଡି ସହରସ୍ଥ ଗଜପତି ଷ୍ଟାଡିୟମରେ ଶନିବାରଠାରୁ ପଲ୍ଲିଶ୍ରୀ ମେଳା ଅରମ୍ଭ ହେଇଛି। ଏହା ୬ତାରିଖ ପର୍ଯ୍ୟନ୍ତ ଚାଲିବ। ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ କେ.ସୂରିୟା ରାଓ, ମୋହନା ବିଧାୟିକା ବାସନ୍ତୀ ମଲ୍ଲିକ, ଜିଲାପରିଷଦ ଅଧକ୍ଷା ଅନିତାରାଣୀ ବେହେରା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲା ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ କୁମାର ଦାସ, ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଚଞ୍ଚଳ ରାଣାଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଗତ ତିତ୍‌ଲି ବାତ୍ୟାଜନିତ କ୍ଷୟକ୍ଷତି ଯୋଗୁ ଚଳିତବର୍ଷ ଗଜପତି ଉତ୍ସବ ବନ୍ଦ ରଖାଯାଇଛି। କେବଳ ପଲ୍ଲିଶ୍ରୀ ମେଳା ଆୟୋଜନ ହେଉଛି। ଏଥିରେ ୨୨୦ଟି ବିଭିନ୍ନ ଅସ୍ଥାୟୀ ଷ୍ଟଲ୍ ଖୋଲାଯାଇଛି। ଏଠାରେ ସ୍ୱୟଂସହାୟିକା ଗୋଷ୍ଠୀଗୁଡ଼ିକ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ କରିବା ସହ ବିକ୍ରି କରିବେ। ସେହିପରି ଖାଦ୍ୟମେଳାରେ ନାନା ପ୍ରକାରର ଖାଦ୍ୟ ଦ୍ରବ୍ୟ ବିକ୍ରି କରାଯିବ। ପଲ୍ଲିଶ୍ରୀ ମେଳା ଉଦ୍‌ଘାଟନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରତି ସନ୍ଧ୍ୟାରେ ସ୍ଥାନୀୟ ଓ ବାହାର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସୂଚନା ମିଳିଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପାପଡାହାଣ୍ଡି, ୨।୨(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମୋକିଆ ପଞ୍ଚାୟତ ସଦର ମହକୁମାରେ ଶନିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ଯୁବକଙ୍କ ନାମ ଶିବ ଶଙ୍କର ବିଷୋୟୀ। ଶୁକ୍ରବାର ଶିବ ଅତ୍ୟଧିକ ମଦ୍ୟ ପାନ କରି ସ୍ତ୍ରୀ ସହ ଝଗଡା କରିଥିଲେ। ଏଥିରେ ସ୍ତ୍ରୀ ଭୟଭୀତ ହୋଇ ନିଜ ସମ୍ପର୍କୀୟଙ୍କ ଘରକୁ ଚାଲି ଯାଇଥିଲେ। ଶନିବାର ସକାଳୁ କବାଟ ଫାଙ୍କରୁ ଶିବଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ପୋଲିସକୁ ଖବର ଦେବା ପରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଥାନାରେ ନଂ ୪/୧୯ରେ ପୋଲିସ ଏକ ମାମଲା ରୁଜୁ କରିଛି।

## ପ୍ରଶିକ୍ଷାର୍ଥୀଙ୍କୁ ମିଳିଲା ପ୍ରମାଣପତ୍ର

ପାରଳାଖେମୁଣ୍ଡି, ୨।୨(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହରସ୍ଥ ଆନ୍ଧ୍ରବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ରରେ ଗତ ୬ଦିନ ଧରି ଚାଲିଥିବା ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକ ନିମନ୍ତେ ଔଦ୍ୟୋଗିକ ବିକାଶ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ସ୍ଥାନରୁ ସ୍ୱୟଂସହାୟକ ଗୋଷ୍ଠୀର ୩୫ଜଣ ସଦସ୍ୟା ଯୋଗଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ ଦାମୋଦର ଉଗୁର୍‌ସାଣ୍ଡି, ଜିଲା ନାବାର୍ଡ ଅଧିକାରୀ ଏସ୍.ପାଲ ଓ ଜିଲା ଜୀବିକା ମିଶନର ଡିପିଏମ୍ ବିବେକ ବେହୁରିଆ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦନ କରିଥିଲେ। କାର୍ଯ୍ୟକ୍ରମକୁ କେନ୍ଦ୍ରର ପାଠ୍ୟକ୍ରମ ସଂଯୋଜକ ଦିଲ୍ଲୀପ କୁମାର ତନ୍ତୀ ପରିଚାଳନା କରିଥିବାବେଳେ ନିର୍ଦ୍ଦେଶକ ଚିନ୍ତାମଣି ଭୂୟାଁ ଧନ୍ୟବାଦ ଦେଇଥିଲେ।



ପ୍ରଶିକ୍ଷାର୍ଥୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

## 'ଶିଶୁଙ୍କୁ ଚାପ ନ ଦେଇ ପଢ଼ାଇବା ଉଚିତ'

ପାରଳାଖେମୁଣ୍ଡି, ୨।୨(ସ୍ୱ.ପ୍ର.): ଗଜପତି ଜିଲା ପାରଳାଖେମୁଣ୍ଡି ସହରର ଚିତ୍ରକାର ସାହି ଛକସ୍ଥିତ କିଡ୍‌ଜୀ ପ୍ଲେ ସ୍କୁଲର ୬ଷ୍ଠ ବାର୍ଷିକ ଉତ୍ସବ ଗତ ଦୁଇଦିନ ଧରି ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ କାର୍ଯ୍ୟକ୍ରମରେ ବିଦ୍ୟାଳୟ ନିର୍ଦ୍ଦେଶକ ଆଲୋକ କୁମାର ବୋଷଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଏସ୍‌କେସିଜି କଲେଜର ଇଂଲିଶ ଅଧାପକ ବିନାୟକ ପ୍ରସାଦ ପ୍ରଧାନ ଯୋଗଦେଇ ଶିକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଚିତ୍ରାନନ୍ଦ ବେବର୍ତ୍ତା, ସମ୍ମାନିତ ଅତିଥି ଭାବେ କିଡ୍‌ଜୀର ସଭାପତି ଡ. ସୁନୀଲ ସାହୁକାର ଏବଂ ଗୁଣୁପୁର କିଡ୍‌ଜୀର ମନୋଜ କୁମାର ପାଢୀ ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ଦ୍ୱିତୀୟ ଦିବସ ଉଦ୍‌ଯାପନୀ ଉତ୍ସବରେ ବିକାଶ ପରିଷଦର ଉପଦେଷ୍ଟା ପ୍ରଦୀପ କୁମାର ଦାସ, ମହିଳା ମହାବିଦ୍ୟାଳୟର ଅଧାପିକା କଲ୍ୟାଣୀ ମିଶ୍ର, ବିନୋଦନୀ କଲେଜର ଅଧାପକ ଗୋଷ୍ଠଚନ୍ଦ୍ର ପଣ୍ଡା, ଗୁଣୁପୁର ପ୍ଲେ ସ୍କୁଲର ଲିଲି ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପିଲାମାନଙ୍କୁ କୌଣସି ଚାପ ନ ଦେଇ ପାଠ ପଢାଇବା ଉଚିତ ଏବଂ ସେମାନଙ୍କୁ ସ୍ନେହ ଶ୍ରଦ୍ଧା କରି ଖେଳ ଓ ଖେଳଣା ମାଧମରେ ଶିକ୍ଷାଦେଲେ ସେମାନେ ଉତ୍ସାହିତ ହେବେ ବୋଲି ଅତିଥିମାନେ କହିଥିଲେ। ପ୍ଲେ ସ୍କୁଲର ଅଧକ୍ଷ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ କୁନି କୁନି ପିଲାମାନେ ସଙ୍ଗୀତ ପରିବେଷଣ କରିଥିଲେ। ଅରୂପାଞ୍ଜଳୀ ମହାନ୍ତି ଏବଂ ତନୁଜା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ■ ଜେଏମ୍‌ସିଟି ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ

# ଟିଟିଲାଗଡ଼ ରାଇଡର ଚାମ୍ପିୟନ

ଚନ୍ଦାହାଣ୍ଡି,୨।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଦଣ୍ଡାମୁଣ୍ଡାସ୍ଥିତ ଗଦାଧର ଷ୍ଟାଡିୟମ୍‌ଠାରେ ୨୦ଦିନ ଧରି ଚାଲିଥିବା ସ୍ୱର୍ଗତ ଯାଦବ ମାଝି ଆନ୍ତଃରାଜ୍ୟ ଟି-୨୦ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଫାଇନାଲ ମ୍ୟାଚରେ ଟିଟିଲାଗଡ ରାଇଡର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ହରାଇ ୨୫୩ ରନ୍ କରିଥିଲା। ଜବାବରେ ଉମରକୋଟ ବଜରଙ୍ଗ ଦଳ ୧୭ ଓଭର ଗୋଟିଏ ବଲ୍ ଖେଳି ସମସ୍ତ ଉଇକେଟ ହରାଇ ୧୯୪ ରନ୍ କରି ପରାଜୟବରଣ କରିଥିଲା। ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଯୋଗଦେଇ ବିଜୟୀ ଟିଟିଲାଗଡ ରାଇଡର ଦଳକୁ ୪୦ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଦଳ ଉମରକୋଟ ବଜରଙ୍ଗକୁ ୨୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ୍ ଅଫ ଦି ସିରିଜ ଉମରକୋଟ ଦଳର ପୂର୍ଣ୍ଣ ମାଝିଙ୍କୁ ସାଇକେଲ୍ ସହ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ମ୍ୟାନ୍ ଅଫ ଦି ମ୍ୟାଚ ବୁଲୁ, ବେଷ୍ଟ ବୋଲର ଅମିତ୍, ବେଷ୍ଟ ସିକ୍ସର ପୂର୍ଣ୍ଣ ଏବଂ ବେଷ୍ଟ ଫିଲ୍‌ଡର ରବୀନ୍ଦ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ମ୍ୟାଚର ବିଶିଷ୍ଟ ଅତିଥିଭାବେ ଜିଲା କ୍ରିକେଟ ସଂଘର ସଭାପତି ପ୍ରମୋଦ ପାଢ଼ୀ, ମନୋଜ ଶର୍ମା, ମନ୍ତ୍ରୀଙ୍କ ପ୍ରତିନିଧି ବୁଲୁ ଦାସ, ଏମ୍‌ପି ପ୍ରତିନିଧି ପ୍ରଶାନ୍ତ ପାରୀ, ଜିଲା ପରିଷଦ ସଭ୍ୟ ମୋହନ ନାୟକ, ଓବିସି ଜିଲା ସଭାପତି କାର୍ତ୍ତିକ ବାଘ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପଲ୍ଲୀଶ୍ରୀ ଯୁବକ ସଂଘ ସଭାପତି ଇଂ ପ୍ରକାଶ ଚନ୍ଦ୍ର ମାଝି, ସମ୍ପାଦକ ସଂଗ୍ରାମ କେଶରୀ ସାହୁ, ବସନ୍ତ ବିଷୋୟୀ, ସୌରୀ ରଞ୍ଜନ ସାହୁ, ନଳିନୀ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଭାଗନେଇ ଥିବା ବେଳେ ଛତିଶଗଡ ଜଗଦଲପୁର ଭୁବନେଶ୍ୱର, ଟିଟିଲାଗଡ, ନବରଙ୍ଗପୁର, ସେମିଳିଗୁଡା କଳାହାଣ୍ଡି ଏବଂ ନୂଆପଡା ଜିଲାରୁ ବହୁ ଦଳ ଭାଗନେଇଥିଲେ। ପ୍ରକାଶ ଯେ, ନବରଙ୍ଗପୁର ଜିଲାରେ ଜେମ୍‌ସିଟି କ୍ରିକେଟ ଟୁର୍ନାମେଣ୍ଟ ଲୋକପ୍ରିୟତା ହାସଲ କରିଥିବା ବେଳେ ଏହି ପ୍ରତିଯୋଗିତାର ଖେଳ ଦେଖିବା ପାଇଁ ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ନୂଆପଡା, କଳାହାଣ୍ଡି, ବଲାଙ୍ଗୀର, ତଥା ଛତିଶଗଡ ରାଜ୍ୟରୁ ବହୁ ଦର୍ଶକ ସମାଗମ ହୋଇଥାଏ। ଏଠାରେ ବହୁ ଖେଳାଳି ରାଜ୍ୟସ୍ତରୀୟ ଓଡ଼ିଶା, ବିହାର, ଝାଡଖଣ୍ଡ, ଛତିଶଗଡ କ୍ରିକେଟ ଆସୋସିଏସନରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି।




ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ।

## ସଂକ୍ଷେପରେ



### ପ୍ରଧାନଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ଝରିଗାଁ,୨।୨(ସ୍ୱ.ପ୍ର): ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଗୁରୁସିଙ୍ଗା କ୍ଲଷ୍ଟର ଶିକ୍ଷକଙ୍କ ପକ୍ଷରୁ ପ୍ରଧାନଶିକ୍ଷକ ବିଷ୍ଣୁଚରଣ ବେହେରାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ସିଆରସିସି ଶିବ ନାରାୟଣ ଶଙ୍କରଙ୍କ ଅଧକ୍ଷତାରେ ଗୁରୁସିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏବିଇଓ ଶିବଶଙ୍କର ମଣ୍ଡଳ, ସୁଭେନ ମଣ୍ଡଳ, ପ୍ରଧାନଶିକ୍ଷୟିତ୍ରୀ ନିରୂପମା ସ୍ୱାଇଁ, ଶୁଖଚାନ୍ଦ ମାଝି, ଶ୍ରୀଚରଣ ସାସମଲ, ସୁରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। । ଅନ୍ୟମାନଙ୍କ ମଧରେ ସିଆରସିସି ପ୍ରଦୀପ ଚିନ୍ନାରା, କୁଶନାଥ ଭତ୍ରା, ବିପିନ ନାୟକ, ବସନ୍ତ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ବର୍ଦ୍ଧିତ ଘରଭଡା ଦେବା ପାଇଁ ଦାବି

ନବରଙ୍ଗପୁର,୨।୨(ବି.ପ୍ର)- ସପ୍ତମ ପେ କମିଶନ ଅନୁଯାଇ ୨୦୧୬ ଜାନୁୟାରୀ ୧ରୁ ସରକାରୀ କର୍ମଚାରୀ ଦରମା ପାଇବେ ବୋଲି ସରକାର ଘୋଷଣା କରିଥିଲେ। ୪୦ ପ୍ରତିଶତ ଏରିୟର ଦରମା ଦିଆଯାଇଛି। ୬୦ ପ୍ରତିଶତ ବକେୟା ଏଯାଏ ସରକାର ପ୍ରଦାନ କରିନାହାନ୍ତି। ସେହିଭଳି ସପ୍ତମ ପେ ଲାଗୁ ପରେ ସରକାରୀ କର୍ମଚାରୀଙ୍କ ବର୍ଦ୍ଧିତ ଘରଭଡା ପ୍ରଦାନ କରାଯାଉ ନାହିଁ । ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବର୍ଦ୍ଧିତ ଘରଭଡା ଓ ବକେୟା ୬୦ ପ୍ରତିଶତ ଏରିୟର ପ୍ରଦାନ ପାଇଁ ଓଡିଶା ରାଜସ୍ୱ ଅମଲା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ଓ ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର ଜଣାଇଛନ୍ତି।

■ 'କାଳିଆ' ଯୋଜନାର ସମୀକ୍ଷା

# ଋଣୀ ଚାଷୀ ପାଇବେ ଟଙ୍କା

ନବରଙ୍ଗପୁର,୨।୨(ବି.ପ୍ର.)

ସ୍ଥାନୀୟ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷଠାରେ ଜିଲାପାଳ ଅଜିତ କୁମାର ମିଶ୍ର ଅଧକ୍ଷତା କରି କାଳିଆ ଯୋଜନାରେ ସମୀକ୍ଷା କରିଛନ୍ତି ଏଥିରେ ଜିଲା ଗ୍ରାମ୍ୟଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଅଗ୍ରଣୀ ବ୍ୟାଙ୍କ ପରିଚାଳକ ସିର୍ଦ୍ଧାର୍ଥ ସାମଲ, ଉପକୃଷି ନିର୍ଦ୍ଦେଶକ ବ୍ରଜକିଶୋର ଲେଙ୍କା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲଙ୍କ ସମେତ ସମସ୍ତ ବ୍ୟାଙ୍କର ପରିଚାଳକମାନେ ଯୋଗ ଦେଇଥିଲେ । ରାଜ୍ୟ ସରକାରଙ୍କ କାଳିଆ ଯୋଜନାର ଟଙ୍କା ସିଧାସଳଖ ଚାଷୀଙ୍କ ଆକାଉଣ୍ଟରେ ପାଇବେ । ଯଦି କୌଣସି ଚାଷୀର ଋଣ ରହିଥିଲେ ଏହି ଯୋଜନାରେ ପାଇବାକୁ ଥିବା ପ୍ରାପ୍ୟ ମିଳିବ । ତେବେ ବ୍ୟାଙ୍କ ମାନେ କାଳିଆ ଯୋଜନାର ଟଙ୍କା ନକାଟିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଯୋଜନାର ସଫଳତା ଯେମିତି ଯୋଗ୍ୟ ସମସ୍ତ ଚାଷୀ ପାଇବେ ଓ ସଫଳ ରୂପାୟନ ହୋଇପାରିବ ସେଥିପ୍ରତି ସେ ଗୁରୁତ୍ୱ ଦେଇଥିଲେ । ଚାଷୀମାନେ ସିଧାସଳଖ ଆକାଉଣ୍ଟରୁ ଜମା ଟଙ୍କାକୁ ଉଠାଇ ପାରିବେ ଏଥିପ୍ରତି ଯେପରି କୌଣସି ବ୍ୟାଙ୍କ ଅବହେଳା ନକରିବା ପାଇଁ ପରାମର୍ଶ ଦେଇଥିଲେ।

# ୩ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

କାଶୀନଗର, ୨।୨(ଡି.ଏନ.ଏ.)

କାଶୀନଗର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶନିବାର ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷୟିତ୍ରୀ ଅନୁସୟା ମହାପାତ୍ର, ପି. କେ.ଦେଈ ଏବଂ ପଦ୍ମଚରଣ ହୋତାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଉପଜିଲା ଶିକ୍ଷାଧିକାରୀ ମନୋରଞ୍ଜନ ଦଳେଇ, ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜାମାନା କାରାୟା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଟି. କିଶୋର କୁମାର ଏବଂ ମୀନା ବେହେରା ଯୋଗଦେଇଥିଲେ। ସିଆର୍‌ସିସି ବି. ଗୋପାଳରାଓ, ଶିକ୍ଷକ ନେତା ଦେବରାଜ ଜେନା, ଏମ୍. ଶ୍ରୀନିବାସ ରାଓ, ଜୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡି ବ୍ଲକ କାର୍ଯ୍ୟକାରୀ ଓ ଜୋନ ସଭାପତି ମନୋନୀତ

ନବରଙ୍ଗପୁର,୨।୨(ବି.ପ୍ର.)

ବିଜେଡି ପକ୍ଷରୁ ନବରଙ୍ଗପୁର ଜିଲାର ୪ଟି ବ୍ଲକର ଜୋନ ସଭାପତି ଓ କାର୍ଯ୍ୟକାରୀ ସଭାପତି ନୂତନ ଭାବେ ମନୋନୀତ କରାଯାଇଛି। ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ମନୋନୟନ କରାଯାଇଥିବା ଜିଲା ସଭାପତି ପ୍ରହଲ୍ଲାଦ ତ୍ରିପାଠୀ ଏକ ପ୍ରେସ ବିଜ୍ଞପ୍ତି ରେ ସୂଚନା ଦେଇଛନ୍ତି। ଉମରକୋଟ ସହର କାର୍ଯ୍ୟକାରୀ ସଭାପତି ଭାବେ ପି. ଭି. ରାମଣା, ରାଇଘର ବ୍ଲକ କାର୍ଯ୍ୟକାରୀ ସଭାପତି ଶୁକଦେବ ଗଣ୍ଡ, ତେନ୍ତୁଳିଖୁଣ୍ଟି ବ୍ଲକ କାର୍ଯ୍ୟକାରୀ ସଭାପତି ବିବେକ ଚୌଧୁରୀ, ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟକାରୀ ସଭାପତି ଈଶ୍ୱର ନାୟକଙ୍କୁ ମନୋନୀତ କରାଯାଇଛି। କୋଷାଗୁମୁଡା ଜୋନ-୧ର ସଭାପତି ଭାବେ ଭାଗ୍ୟ ପଟ୍ଟନାୟକ, ଜୋନ-୨ ସଭାପତି ଦେବରାଜ ମାଝୀ ଓ ଜୋନ-୩ ସଭାପତି ରୂପେ ମନୋନୀତ କରାଯାଇଛି। ନବରଙ୍ଗପୁର ଜୋନ-୧ ସଭାପତି ଡମ୍ବୁ ଧାକଡ, ଜୋନ-୨ ସଭାପତି ଲକି ଚନ୍ଦ୍ର ଭତ୍ରା, ନନ୍ଦାହାଣ୍ଡି ବ୍ଲକ ଜୋନ-୧ ସଭାପତି ଭାବେ ଜିତେନ୍ଦ୍ର ଭତ୍ରା, ଜୋନ-୨ ମୁନା ପଟ୍ଟନାୟକ ତେନ୍ତୁଳିଖୁଣ୍ଟି ବ୍ଲକ ଜୋନ-୧ ଗଜେନ୍ଦ୍ର ସଗରିଆ ଓ ଜୋନ-୨ ସଭାପତି ରୂପେ କୃତିବାସ ନାୟକ ମନୋନୀତ ହୋଇଛନ୍ତି।

# ନାବାଳକ ଉଦ୍ଧାର: ଚିଲ୍‌ଡ୍ରେନ୍ ହୋମ୍‌ରେ ଥଇଥାନ

ନବରଙ୍ଗପୁର,୨।୨(ବି.ପ୍ର.)

ନବରଙ୍ଗପୁର ସବଜଜ୍ ଚୌଧୁରୀ ପ୍ରବୀର କୁମାର, ଜେଏମଏଫସି ଗୁରୁଚରଣ ଜେନାମଣି ଓ ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ପ୍ରଶନ୍ନ କୁମାର ବେହେରା ସ୍ଥାନୀୟ ବସଷ୍ଟାଣ୍ଡରୁ ଶନିବାର ଜଣେ ନାବାଳକଙ୍କୁ ଉଦ୍ଧାର କରି ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଜଣାଇଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ଥାନା ଅଧିକାରୀଙ୍କୁ ହସ୍ତାନ୍ତର କରିବା ସହ ନାବାଳକଙ୍କୁ ତାଙ୍କ ପରିବାର ନିକଟରେ ଛାଡିବା ପାଇଁ ପରାମର୍ଶ ଦେଇଛନ୍ତି । ପାଣ୍ଡ୍ରିପାଣି ସର୍ଗିଗୁଡା ଠାରେ ନାବାଳକଙ୍କ ମାମୁଁ ରହୁଛନ୍ତି। ମାମୁଁ ଘରକୁ ଯିବାକୁ ସେ ବସରେ ବସିଥିଲେ। ପାଖରେ ଟିକଟ ପାଇଁ ଟଙ୍କା ନଥିବାରୁ କଣ୍ଡକ୍ଟର ଓହ୍ଲାଇ ଦେଇଥିଲେ । ଶନିବାର ଅପରାହ୍ନରେ ସେ ଘୁରି ବୁଲୁଥିଲେ। ସବଜଜ୍, ଜେଏମଏଫସି ଜଜ୍ ଓ ଜିଲା ଆଇସେବା ପ୍ରାଧିକରଣ ସମ୍ପାଦକ ନାବାଳକଙ୍କୁ ଉଦ୍ଧାର କରିଥିଲେ । ତୁରନ୍ତ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକଙ୍କୁ ଡାକିଥିଲେ। ଶିଶୁ ସରକ୍ଷା ଅଧିକାରୀ ନାବାଳକଙ୍କୁ ତାହାର ପରିଚୟ ପଚାରିବା ପରେ ଖାତିଗୁଡା ଥାନା ଅଧିକାରୀ ସୁବାଷ ବେହେରାଙ୍କୁ ଡାକିଥିଲେ । ପୋଲିସକୁ ହସ୍ତାନ୍ତର କରିବା ପରେ ନାବାଳକଙ୍କୁ ଖାତିଗୁଡା ସ୍ଥିତ ଆଗାପେ ଚିଲଡ୍ରେନ ହୋମ ଠାରେ ଥଇଥାନ କରାଯାଇଛି । ନାବାଳକଙ୍କ ବାପା କେଉଁଠି ଅଛନ୍ତି ପରିବାର ଲୋକ ଜାଣନ୍ତି ନାହିଁ। ମାଆ ପୂଜାରିଗୁଡା ଗାଁରେ ରହୁଛନ୍ତି। ଦିନ ମଜୁରୀ କରି ପେଟ ପୋଷଣ କରୁଛନ୍ତି। ଭାଇ ମଧ ନାବାଳକ ହୋଇ ଖାତିଗୁଡା ସଦର ମହକୁମା ସ୍ଥିତ ଏକ ହୋଟେଲରେ କାମ କରୁଛନ୍ତି। ସେ ଭାଇ ପାଖରେ ରହୁଥିଲେ। ନାବଳକ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଛନ୍ତି। ପରିବାରରେ କିଏ କେଉଁଠି ରହୁଥିବାରୁ ପିଲାଟି ବିଭିନ୍ନ ସ୍ତରରେ ମାନସିକ ଚାପରେ ରହୁଥିବା ଜଣାପଡୁଛି । ଜିଲା ଶିଶୁ ସୁରକ୍ଷା ଅଧିକାରୀ ପଟ୍ଟନାୟକଙ୍କୁ ପଚାରିବାରୁ ସମସ୍ତ ପରିବାରକୁ ଏକାଠି କରି କାଉନସିଲିଂ କରାଯିବ। ନାବାଳକ ଓ ତାଙ୍କ ଭାଇଙ୍କୁ ଚିଲଡ୍ରେନ ହୋମରେ ରଖାଯାଇଛି। । କିଭଳି ବିଦ୍ୟାଳୟ ଯିବେ ପାଠ ପଢିବେ ସେ ନେଇ ଉଦ୍ୟମ କରାଯିବ।


GOVT.OF ODISHA

**OFFICE OF THE SUPERINTENDING ENGINEER**
**DRAINAGE CIRCLE,BALASORE**

**1st Corrigendum to 'e'- Procurement Notice No.- SEDCBLS-04/2018-19**
**Bid Identification No. – SEDCBLS/DDBLS-04/2018-19**

**No.1221-A:-** In the technical bid document (cover -I )& bill of quantity (cover- II) of the above tender, the name of work may be read as "Renovation of Panchubisa nallah from Orissa coast canal Range- V to Bay of Bengal under Bahanaga block of Balasore district- DOAB No.-X" instead of "Dredging of Panchubisa nallah from Orissa coast canal Range- V to Bay of Bengal under Bahanaga block of Balasore district- DOAB No.-X (Renovation of Panchubisa nallah)".
All other terms and conditions remain unchanged.

Sd./- Superintending Engineer,
Drainage Circle, Balasore

32190/11/0005/1819

**ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକାଙ୍କ କାର୍ଯ୍ୟାଳୟ, ମୟୂରଭଞ୍ଜ, ବାରିପଦା**
**(କାଜୁ ବଗିଚା ନିଲାମ ବିଜ୍ଞପ୍ତି)**

ନୋଟିସ୍ ନଂ. 275 ତା: 01.02.2019

- ଦୁବୁନା ଛକ ଠାରୁ ପିଢ଼ ପୋଖରୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ
- ବୈତରଣୀ ନଦୀ ଉପରେ ଉଚ୍ଚବାଲି-ଗୁରୁଣାପାଣି ରାସ୍ତାରେ ସେତୁ ନିର୍ମାଣ
- ସଙ୍କେଇ-ଶଙ୍କରପୁର ରାସ୍ତା ନିର୍ମାଣ
- ବିଜୁ ସେତୁ ଯୋଜନା ଅନ୍ତର୍ଗତ ପଣ୍ଡାପଡ଼ା - ଆଙ୍କଳପଡ଼ା ରାସ୍ତା ବୁଢ଼ୀନାଳ ସେତୁ ନିର୍ମାଣ

39001/13/0015/1819

॥ ଆରମ୍ଭ ହେଲା ୧୦୫୦ କୋଟି ଟଙ୍କାର ନୂଆ ପାନୀୟ ଜଳ ପ୍ରକଳ୍ପ ॥
ଏଣିକି କେନ୍ଦୁଝର ଜିଲ୍ଲାର ଘରେ ଘରେ
ମିଳିବ ଭଲ ପିଇବା ପାଣି ॥

## ସଂକ୍ଷେପରେ



### ଜନସମ୍ପର୍କ ଶିବିର

**କାଶୀପୁର, ୨।୨(ଡ଼ି.ଏନ.ଏ):** ରାୟଗଡା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ଉପର କଞ୍ଜାକଣା ଗ୍ରାମରେ ବିଏସଏଫ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏସଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଦେବେଶ କୁମାର, ଇନ୍ସପେକ୍ଟର ଅଶୋକ ବ୍ରହ୍ମାଙ୍କ ନେତୃତ୍ୱରେ ଆୟୋଜିତ ଶିବିରକୁ ଯବାନମାନେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଗ୍ରାମବାସୀଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା।

### ସଚିବଙ୍କ ରାମନାଗୁଡ଼ା ଗସ୍ତ



**ରାମନାଗୁଡ଼ା,୨।୨(ଡ଼ି.ଏନ.ଏ):** ସଚିବ ତଥା ଓଡ଼ିଶା ପ୍ରଭାରୀ ସତ୍ୟବ୍ରତ ସାହୁ ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକର ଗୁଲୁମୁଣ୍ଡା ଗ୍ରାମ ପଞ୍ଚାୟତ ପରିଦର୍ଶନ କରିଛନ୍ତି। ସେ ସୌରଶକ୍ତି ଚାଳିତ ଜଳଯୋଗାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଘରକୁ ବିଦ୍ୟୁତ୍ ନେବା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ଅଙ୍ଗନୱାଡ଼ି କେନ୍ଦ୍ରରେ ଛତୁଆ ଯୋଗାଣ, ଶିଶୁ ଓ ମା' ମାନଙ୍କର ସ୍ୱାସ୍ଥ୍ୟର ଯତ୍ନ ନେଇ ସିଡିପିଓଙ୍କ ସହିତ ଆଲୋଚନା କରିଥିଲେ। ତୁରନ୍ତ ପ୍ରତି ଗ୍ରାମକୁ ବିଜୁଳି ଯୋଗାଣ ଲାଗି ନିର୍ବାହୀଯନ୍ତ୍ରୀଙ୍କୁ କହିଥିଲେ। ଗୁଣପୁର ଉପଜିଲାପାଳ ବି.ଏସ. ବଳିରାମ, ବିଡିଓ ସୁଧାକର ରଇତ, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ପାଣିଗ୍ରାହୀ, କନିଷ୍ଠଯନ୍ତ୍ରୀ ଝରଣା ତ୍ରିପାଠୀ, ସିଡିପିଓ ଶାନ୍ତିଲତା ରଥ ପ୍ରମୁଖ ଉପସ୍ଥିତ ଥିଲେ।

### କାଳିଆ ଯୋଜନା ନେଇ ସ୍ୱତନ୍ତ୍ର ଅଭିଯାନ

**ଅମ୍ବାଦୋଳା, ୨।୨(ଡି.ଏନ୍.ଏ.):** କାଳିଆ ଯୋଜନାରେ କିପରି ଅଧିକରୁ ଅଧିକ ଚାଷୀ ସାମିଲ ହୋଇପାରିବେ ସେ ନେଇ ମୁନିଗୁଡ଼ା ପଞ୍ଚାୟତ ସମିତି ଅନ୍ତର୍ଗତ ଅମ୍ବାଦୋଳା ସର୍କଲର କୃଷି ଅଧିଦର୍ଶକ ରମେଶ ତିୱାରୀ ଏକ ସ୍ୱତନ୍ତ୍ର ଅଭିଯାନ କରିଛନ୍ତି। ଅଶିକ୍ଷିତ ଚାଷୀ, ଭୂମିହୀନ, କ୍ଷୁଦ୍ରଚାଷୀ, ନାମମାତ୍ର ଚାଷୀମାନଙ୍କ ଗାଁ ଗାଁ ବୁଲି ପ୍ରାୟ ୪୦୦ଟି ଆବେଦନ ଫର୍ମ ଗ୍ରହଣ କରିଛନ୍ତି। ସେ ଅମ୍ବାଦୋଳା, ଅମଳାଭଟ୍ଟା, କୁଲେରପଟା, ଲୁଡୁକାଗଞ୍ଜଡା, କଦମଗୁଡା, କୁମୁଡାବାଲି, ବନ୍ଧମୁଣ୍ଡା ଆଦି ଗାଁ ବୁଲି ହିତାଧିକାରୀମାନଙ୍କୁ କାଳିଆ ଯୋଜନା ସମ୍ପର୍କରେ ବୁଝାଇବା ସହ ସେମାନଙ୍କ ଆବେଦନପତ୍ର ଗ୍ରହଣ କରିଥିଲେ।

### ବାଇକ୍ ଧକ୍କାରେ ଜଣେ ମୃତ

**ଗୁଣପୁର,୨।୨(ଡି.ଏନ.ଏ):**ଗୁଣପୁର ବ୍ଲକ ରେଗେଡା-ଚିନାରିଗୁଡା ରାସ୍ତା ମଧ୍ୟରେ ଶନିବାର ରାତିରେ ଏକ ବାଇକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଇନ୍ଦିରାଗୁଡ଼ା ଗ୍ରାମର ଗୋସେନ ଶବର(୫୫)। ସେ କାମ ସାରି ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ଧକ୍କା ଦେଇଥିଲା। ଫଳରେ ଗୋସେନ ଓ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୋସେନଙ୍କର ମୃତ୍ୟୁ ହୋଇଥିଲା।

■ହାଇଦ୍ରାବାଦରେ ଦାଦନଙ୍କୁ ଠକେଇ ଘଟଣା

# ୭ ଦିନ ସମୟ ନେଲେ ଠିକାଦାର

**ରାୟଗଡା ଅଫିସ୍, ୨।୨**

ହାଇଦ୍ରାବାଦରେ ରାୟଗଡା ଜିଲାର ୩୮ ଜଣ ଦାଦନ ଶ୍ରମିକଙ୍କ ଲକ୍ଷାଧିକ ଟଙ୍କା ଠକେଇ ସମ୍ପର୍କରେ ଗତ ୧୦ ତାରିଖରେ ଜିଲା ଶ୍ରମ କାର୍ଯ୍ୟାଳୟରେ ଶ୍ରମିକମାନେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏନେଇ ଶ୍ରମ ବିଭାଗ ପକ୍ଷରୁ ଠିକାଦାର ଉପାଲା କିରଣ କୁମାରଙ୍କୁ ନୋଟିସ୍ ଜାରି କରାଯାଇଥିଲା। ବର୍ତ୍ତମାନ ଠିକାଦାର ୭ ଦିନ ସମୟ ନେଇଥିବା ଜଣାପଡିଛି।

ସୂଚନାଯୋଗ୍ୟ ଯେ, ୨୦୧୮ ଅଗଷ୍ଟ ୧୭ତାରିଖରେ ୩୮ଜଣ ଶ୍ରମିକ ଜଣେ ଠିକାଦାରଙ୍କ ସହାୟତାରେ ହାଇଦ୍ରାବାଦ ଯାଇ ୧୦୦ ଦିନ ଲେଖାଏଁ କାମ କରିଥିଲେ। ସହରର ନେହେରୁ ନଗରରେ ରହୁଥିବା ଠିକାଦାର କିରଣ କୁମାର ଶ୍ରମିକମାନଙ୍କୁ ନେଇ ଏକ ଡ୍ୟାମ ନିର୍ମାଣ କାର୍ଯ୍ୟରେ ନିୟୋଜିତ କରିଥିଲେ। ଦୈନିକ ଖାଇବାପିଇବା ସହ ୫୦୦ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ୧୦୦ ଦିନ କାମ କରିବା ପରେ ଶ୍ରମିକମାନେ ପାରିଶ୍ରମିକ ମାଗିବାରୁ ଠିକାଦାର ପ୍ରଦାନ କଲେ ନାହିଁ। ଏଭଳିକି ହାଜିର ଖାତା ମଧ ନେଇ ରଖି ଦେଇଥିଲେ। ଶ୍ରମିକମାନେ ଟଙ୍କା ମାଗିଲେ ଠିକାଦାର ସେମାନଙ୍କୁ ଧମକ ଦେଉଥିଲେ। ଏପରିକି ଜଣେ ଜଣେ ଶ୍ରମିକଙ୍କ ୫୦ ହଜାର ଟଙ୍କା ଲେଖାଏଁ ଠିକାଦାର ଦେଇ ନ ଥିବା ହାଇଦ୍ରାବାଦରୁ ଫେରିଥିବା ଶ୍ରମିକମାନେ ଜିଲା ଶ୍ରମ ବିଭାଗରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଶ୍ରମ ବିଭାଗ ପକ୍ଷରୁ ଠିକାଦାରଙ୍କ ନିକଟକୁ ନୋଟିସ୍ ପଠାଯାଇଥିଲା। ଗତ ଶୁକ୍ରବାର ଜିଲା ଶ୍ରମ କାର୍ଯ୍ୟାଳୟରେ ଠିକାଦାର ହାଜର ହେବା ନିମନ୍ତେ ନୋଟିସ୍ ଜାରି କରାଯାଇଥିବା ବେଳେ ଠିକାଦାର କିରଣ କୁମାର ଶନିବାର ହାଜର ହୋଇଥିଲେ। ଆସନ୍ତା ୧ ସପ୍ତାହ ମଧ୍ୟରେ ଶ୍ରମିକଙ୍କ ବକେୟା ମଜୁରି ହିସାବ କରି ପ୍ରଦାନ କରାଯିବ ବୋଲି ଲିଖିତ ଭାବେ ଦେଇଛନ୍ତି।




ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟକୁ ଆସିଥିବା ଶ୍ରମିକମାନେ।

■ ଚନ୍ଦ୍ରପୁର ନୂତନ ସ୍ୱାସ୍ଥ୍ୟକେନ୍ଦ୍ର

# ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି ଦାବି

**ଚନ୍ଦ୍ରପୁର, ୨।୨ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡା ପଞ୍ଚାୟତ ସଦର ମହକୁମାରେ ରହିଛି ନୂତନ ସ୍ୱାସ୍ଥ୍ୟକେନ୍ଦ୍ର। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଡାଙ୍ଗସୋରଡା ପିସ୍କାପଙ୍ଗା, ଟୁରୀଗୁଡା ତିନୋଟି ପଞ୍ଚାୟତବାସୀ ସମେତ ଡାଙ୍ଗସୋରଡାରେ ରହିଥିବା ମଙ୍ଗଳ ବିଭାଗ ସରକାରୀ ଉଚ୍ଚ ବିଦ୍ୟାଳୟର ୬୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ନିର୍ଭର କରନ୍ତି। ଭୁବନେଶ୍ୱରର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'କେରମ' ଏହାର ଦାୟିତ୍ୱ ନେଇ ସ୍ୱାସ୍ଥ୍ୟ ବିଭାଗ ସହ ଚୁକ୍ତିନାମା କରି ଅଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିଲା। ହେଲେ ଦୀର୍ଘ ଦୁଇବର୍ଷ ହେଲାଣି ଜଣେ ବିଜ୍ଞ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି ପାଇଁ ବାରମ୍ବାର ଅଞ୍ଚଳବାସୀ ଦାବି କରି ଆସୁଥିଲେ ମଧ ଜଣେ ଆୟୁଷ ଡାକ୍ତରଙ୍କ ଦ୍ୱାରା ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା କରାଯାଉଥିଲା। ଗତ ୩୧ ତାରିଖରେ ଏଜିଓର ସ୍ୱାସ୍ଥ୍ୟ ବିଭାଗ ସହ ହୋଇଥିବା ଚୁକ୍ତିନାମା ଶେଷ ହୋଇଯାଇଛି। କାର୍ଯ୍ୟରତ ଡାକ୍ତର ମହିଳା ସ୍ୱାସ୍ଥ୍ୟକର୍ମୀ, ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ଚାକିରିରୁ ଅବ୍ୟାହତ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବା କିପରି ପାଇବେ ସେ ନେଇ ହତାଶ ହୋଇପଡିଛୁ ବୋଲି ପୂର୍ବତନ ସରପଞ୍ଚ ସତ୍ୟ ନାରାୟଣ ପ୍ରଟିକା, ଦୟାନିଧି ପାତ୍ର, ସୁନିତା ମୁଣ୍ଡିକା ପ୍ରମୁଖ କହିଛନ୍ତି। ଶୁକ୍ରବାର ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଆୟୁଷ ଡ଼ାକ୍ତର ପ୍ରତ୍ୟୁଷା କୁମାର ମିଶ୍ର ନିଯୁକ୍ତି ପାଇଁ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେହିପରି ଜଣେ ଫାର୍ମାସିଷ୍ଟ ଚନ୍ଦନ ପରିଡା ନିଯୁକ୍ତି ପାଇଛନ୍ତି। ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟସେବା ପାଇବା ଦୃଷ୍ଟିରୁ ଜିଲାପାଳ ଜଣେ ଆୟୁଷ ଡାକ୍ତର ସହ ଏମ୍‌ବିବିଏସ୍ ଡାକ୍ତର, ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀ, ଜଣେ ପିଅନକୁ ନିଯୁକ୍ତି ଦେବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶିପ ପାଢ଼ୀଙ୍କୁ ପଚାରିବାରୁ, ପୁଣି ଥରେ ଉକ୍ତ ସଂସ୍ଥା ଦାୟିତ୍ୱ ନେବା ପାଇଁ ଚେଷ୍ଟା କରୁଛି। ପରବର୍ତ୍ତୀ ସମୟରେ ଜଣେ ଏମ୍‌ବିବିଏସ୍ ଡାକ୍ତର ନିଯୁକ୍ତି କରିବା ପାଇଁ ଆମେ ଚେଷ୍ଟା କରିବୁ ବୋଲି କହିଛନ୍ତି।

# ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର

**ରାୟଗଡା ଅଫିସ୍, ୨।୨**

ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ତରଫରୁ ବିଭିନ୍ନତା, ଅସମାନତା ଓ ଭାରତୀୟ ସମ୍ବିଧାନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ରାଜନୀତି ବିଜ୍ଞାନ ପ୍ରଧାପକ ପ୍ରଫେସର ବିଜୟ କୁମାର ବହିଦାର ଭାରତର ସମ୍ବିଧାନରେ ଉଲ୍ଲେଖ ଥିବା ପ୍ରାକ୍ କଥନର ତାତ୍ପର୍ଯ୍ୟତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମ୍ବିଧାନ ଭାରତର ବିଭିନ୍ନତା ଉପରେ ଏକତାକୁ ଅକ୍ଷୁର୍ଣ୍ଣ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଆଉ ଏହିସବୁ ସାମ୍ବିଧାନିକ ମୂଲ୍ୟବୋଧକୁ ବଜାୟ ରଖିବା ରାଷ୍ଟ୍ରର ଦାୟିତ୍ୱ ହେବା ନିହାତି ଆବଶ୍ୟକ ବୋଲି ଉଦ୍‌ବୋଧନ ଦେଇଥିଲେ। ଏଥିରେ ରାୟଗଡା ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ସୂର୍ଯ୍ୟନାରାୟଣ ତ୍ରିପାଠୀ ଅଧକ୍ଷତା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଫେସର ଭି.ଆର ରତ୍ନଶ୍ରୀ ପ୍ରାରମ୍ଭରେ ଆଲୋଚନା ଚକ୍ର ପ୍ରାସଙ୍ଗିକତା ଉତ୍‌ଥାପନ କରିଥିଲେ। ଅଧାପିକା ମାନସୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପକ ନୀତି ମିନିକା, ନର୍ମଳା ହିକ୍କା ,ଉଦୟ ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ସାମ୍ବାଧାନିକ ସଭାର ସଦସ୍ୟମାନଙ୍କ ଦ୍ୱାରା ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।



ବିପଦପୂର୍ଣ୍ଣ ଯାତ୍ରା: ରାୟଗଡା ସହରର ନ୍ୟୁକଲୋନୀଠାରେ ଜଣେ ବ୍ୟକ୍ତି ବାଇକ୍‌ରେ ୪ ଜଣଙ୍କୁ ବସାଇ ମୋବାଇଲ୍‌ରେ କଥା ହୋଇ ଯାଉଛନ୍ତି।

# ବିବେକାନନ୍ଦ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ

**ମୁନିଗୁଡ଼ା,୨।୨(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ମୁନିଗୁଡ଼ା ସ୍ୱାମୀ ବିବେକାନନ୍ଦ ଇଂଲିସ ମିଡିୟମ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରିନ୍ସପାଲ ଦେବାଶିଷ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଷମକଟକ ବିଧାୟକ ଜଗନ୍ନାଥ ସାରକା ମୁଖ୍ୟଅତିଥି, ରାଜ୍ୟ ଯୋଜନାବୋର୍ଡ଼ ସଦସ୍ୟ ସୁଧୀର ଦାସ, ମୁନିଗୁଡ଼ା ଏସଡିପିଓ ଚନ୍ଦ୍ରଶେଖର ହୋତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନେଇ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ଖେଳ, ବକ୍ତୃତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା ଓ ସହଯୋଗ କରିଥିଲେ।




ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇଥିବା ଛାତ୍ରୀଛାତ୍ର।

## ତମାଖୁଜନିତ କୁପ୍ରଭାବ ନେଇ ସଚେତନତା କାର୍ଯ୍ୟକ୍ରମ

**ରାୟଗଡା ଅଫିସ୍, ୨।୨**

ରାୟଗଡା ଗାୟତ୍ରୀନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ବିଦ୍ୟାଳୟସ୍ତରୀୟ ତମାଖୁ ଜନୀତ କୁପ୍ରଭାବ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡା. ସଞ୍ଜୁକ୍ତା ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିଶୁମାନଙ୍କୁ ତମାଖୁ ଜନୀତ କୁପ୍ରଭାବ ଉପରେ ମାର୍ଗଦର୍ଶନ ଦେଇଥିଲେ। ଏଥିସହ ସଂଯୁକ୍ତାରାଣୀ ବାଗ ଏବଂ ଡା. କଲ୍ଲୋଳ ଦାସ ଯୋଗଦେଇ ପ୍ରୋଜେକ୍ଟର ମାଧ୍ୟମରେ ତମାଖୁ ସେବନ ଜନୀତ କୁପ୍ରଭାବ ସମ୍ବନ୍ଧରେ ବୁଝାଇଥିଲେ। ପରେ ଏନେଇ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ସମ୍ପାଦକ ଡା. ସୁନୀଲ ପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ପ୍ରଫୁଲ୍ଲ ଚରଣ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ।



# ମା' ତାରିଣୀ ନିର୍ମାଣ ଶ୍ରମିକଙ୍କ ବୈଠକ



ବୈଠକରେ ଯୋଗ ଦେଇଥିବା ନିର୍ମାଣ ଶ୍ରମିକ ସଂଘର କର୍ମକର୍ତ୍ତା।

**ରାମନାଗୁଡା, ୨।୨ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ରାମନାଗୁଡା ବ୍ଲକ ଗୁମୁଡାଠାରେ ମା' ତାରିଣୀ ନିର୍ମାଣ ଶ୍ରମକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଂଘ ୨୦୧୫ରେ ପଞ୍ଜୀକରଣ ହୋଇଥିଲେ ମଧ ସରକାରଙ୍କ ତରଫରୁ କୌଣସି ସୁବିଧା ବା ଅନୁଦାନ ମିଳିପାରୁ ନାହିଁ। ଏଥିରେ ୧୨୦ ଜଣ ସଦସ୍ୟ ଅଛନ୍ତି। ନିର୍ମାଣ ଶ୍ରମିକଙ୍କ ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଥିଲେ ମଧ ଏହି ଶ୍ରମିକମାନେ ସବୁ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବୈଠକ ନିମନ୍ତେ ଗୋଟିଏ ଗୃହ ଯୋଗାଇବାକୁ ଦାବି କରିଛନ୍ତି। ଏନେଇ ସେମାନେ ଆଗାମୀ ଦିନରେ ସ୍ଥାନୀୟ ନେତା ଏବଂ ବ୍ଲକ ପ୍ରଶାସନକୁ ଭେଟିବା ଲାଗି ନିଷ୍ପତ୍ତି ନେଇଛନ୍ତି। ସାମାଜିକ କର୍ମୀ ନବୀନ ନାୟକ ବେହେରା ଏବଂ ନେତା ଗଗନ ଆଚାର୍ଯ୍ୟଙ୍କୁ ଡାକି ସହଯୋଗ କରିବାକୁ ନିବେଦନ କରିଥିଲେ। ବୈଠକରେ ସଭାପତି ଲୁଲା ଶବର ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ତ୍ରିପତି କୈବର୍ତ୍ତ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଦସ୍ୟ ପ୍ରକାଶ ଚନ୍ଦ୍ର ମହାପାତ୍ର, ଭୀମଗଙ୍ଗା ସୀମାଦ୍ରି ଗଙ୍ଗା, ତୋଇକା ସହଦେବ, ଉମା ବାଲୁ, ଦୟାନିଧି ଦାମୋଦର, ସୁବାସ ପଲାସା, ଭେଙ୍କଟ ପାଲକା ଏବଂ ଶିବରାମ କାଡ୍ରାକାଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ

**ରାୟଗଡା ଅଫିସ୍, ୨।୨**

ରାୟଗଡା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ଆଞ୍ଚଳିକ ଉପସଭାପତି ଦାଶରଥି ରାଜଗୁରୁ ଓ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅନନ୍ତ ଚରଣ ରଥଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ରାଜକିଶୋର ସାହୁ ବ୍ଲକ୍ ସଭାପତି, ନରେଶ କୁମାର ସିଂ, ସମ୍ପାଦକ, ବି.ସୁଜାତା ପଟ୍ଟନାୟକ ଉପସଭାନେତ୍ରୀ, ନିଳାଞ୍ଚଳ ମିଶ୍ର କାର୍ଯ୍ୟକାରୀ ସମ୍ପାଦକ, ସର୍କଲସ୍ତରୀୟ କାର୍ଯ୍ୟକାରୀ ସମ୍ପାଦକ ଏନ୍.ଭେଣୁ ଗୋପାଳ, ଆନନ୍ଦ ତାଡିଙ୍ଗୀ, ବାବୁଲା ଗରଡିଆ ଏବଂ ନାରାୟଣ ପଣ୍ଡା ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କର୍ତ୍ତବ୍ୟ ପରାୟଣ ହୋଇ ଶିକ୍ଷକ ସମାଜର ସାମୂହିକ ସ୍ୱାର୍ଥ ନିମନ୍ତେ କାର୍ଯ୍ୟ କରିବା ପାଇଁ ଜିଲା ସଭାପତି ପରାମର୍ଶ ଦେଇଥିଲେ। ସୁରେଶ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ୍ କଲୋନୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ରାୟଗଡା ଅଫିସ୍, ୨।୨**

ରାୟଗଡା ପୌରାଞ୍ଚଳରେ ଅବସ୍ଥିତ ବିଦ୍ୟୁତ୍ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡା ପୌର ପାଳିକା ଉପାଧ୍ୟକ୍ଷ ଡା. ନିରଞ୍ଜନ ପ୍ରସାଦ ବକ୍ସିପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବିଦ୍ୟାଳୟର ସୁନ୍ଦର ପରିବେଶକୁ ନେଇ ପ୍ରଶଂସା କରିଥିଲେ। ଏଥିସହ ଶିକ୍ଷାର ଗୁଣାତ୍ମକ ମାନ, ଶିକ୍ଷକ ତାଲିମ ତଥା କ୍ରୀଡା ମନୋବୃତ୍ତି ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ରାୟଗଡା ବ୍ଲକ୍ ଶିକ୍ଷାଧିକାରୀ ରଜନୀକାନ୍ତ ସାମନ୍ତରାୟ, ପ୍ରଧାନଶିକ୍ଷକ ଅନନ୍ତଚରଣ ରଥ, ଜିଲା ଆଥଲେଟିକ ଆସୋସିଏଶନ୍ ସମ୍ପାଦକ ମନୋଜ କୁମାର ଗନ୍ତାୟତ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ନରସିଂହ ବିଡିକା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ମିଶ୍ର ଓ ଦାଶରଥି ରାଜଗୁରୁ ସହରାଞ୍ଚଳ ସିଆର୍‌ସିସି ଦୀପକ କୁମାର ରାଉତ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାକୁ ଉତ୍ତମ କୁମାର ଜେନା, ପଷ୍ପାଞ୍ଜଳି ସେଠୀ, ସରୋଜିନୀ ପାଢ଼ୀ, ସୁଜାତା ପଣ୍ଡା, ମନୋରମା ଜାକାକା ଓ ରଶ୍ମିତା କାଡ୍ରାକା ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନା କରିଥିଲେ।




ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିବୃନ୍ଦ।

# ଗୋ ଚାଲାଣ ବେଳେ ୬୦ ଗୋରୁ ଅଟକ

**ଗୁଣପୁର,୨।୨(ଡିଏନଏ)**

ଶନିବାର ରାତିରେ ଆନ୍ଧ୍ରର ବାଡ଼ିଲି ଅଞ୍ଚଳକୁ ଗୋରୁ ଚାଲାଣବେଳେ ଗୋ ସୁରକ୍ଷା କର୍ମକର୍ତ୍ତାମାନେ ରାୟଗଡା ଜିଲା ଗୁଣପୁରଠାରେ ଅଟକ ରଖି ଥାନାରେ ଜିମା ଦେଇଛନ୍ତି। ଗୁଣପୁର ତହସିଲ ଅଫିସ ପଡିଆ ଠାରେ ୬୦ ଗୋରୁ ରହିଥିଲେ। ଖବରପାଇ ଗୋ ସୁରକ୍ଷା କର୍ମକର୍ତ୍ତାମାନେ ପହଞ୍ଚି ଦଲାଲମାନଙ୍କୁ ପଚାରି ବୁଝିଥିଲେ। ସେମାନେ ଉକ୍ତ ଗୋରୁକୁ ବାଡ଼ିଲିକୁ ନେଉଥିଲୁ। ସେଠାରୁ ହାଇଦ୍ରାବାଦକୁ ନିଆଯିବ ବୋଲି ଦଲାଲମାନେ ପ୍ରକାଶ କରିଥିଲେ। ଏ ନେଇ ଜିଲା ପ୍ରାଣୀ ଧନ ମଙ୍ଗଳ ଅଧିକାରୀ ରାଜେନ୍ଦ୍ର ଆଚାର୍ଯ୍ୟ ଗୁଣପୁର ଥାନାରେ ଅଭିଯୋଗ କରିବାସହ ଦଲାଲମାନଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଅପରପକ୍ଷେ ଆଆଇସି ରବୀନ୍ଦ୍ର ପାତ୍ର ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।



ଥାନା ପରିସରରେ ରହିଥିବା ଗୋରୁ।

# TAHASHIL OFFICE, BARKOTE

## Land Acquisition Officer and Competent Authority, NH-23, Project, BARKOTE, Dist - DEOGARH

## PUBLIC NOTICE

In exercise of the powers vested under Section 3D (1) and (2) of National Highways Act 1956 (48 of 1956) the Central Government vide their Gazette Notification No. **S.O. 157 (E), Dated 09th January, 2019** have acquired the lands indicated in the Schedule here under for building (Widening/4 laning etc.) maintenance, management and operation of National Highway No. 23 on the Stretch of land from Km. 313.800 to Km.337.300 in District of DEOGARH in the State of Odisha.

Under the provisions of Section 3G(1), (2), (3) & (4) of the National Highways Act. 1956 (48 of 1956) it is hereby informed to the land owners and other interested persons whose lands are acquired for building (Widening/4 laning etc.) maintenance, management and operation of National Highway No. 23 on the Stretch of land from Km. 313.800 to Km.337.300 in District of DEOGARH in the State of Odisha; to appear and to submit their claims along with the copies of the relevant documents VIZ, (1) Sale/Partition/Other Deeds of Title. (2) Mutations orders and Rent Receipt. (3) Conversion Certificate etc. in person or through Agents or through Advocates in the place and on the date as indicated under, to the Land Acquisition Officer and Competent Authority, NH-23 Project, Barkote, Dist - Deogarh and to State their respective interest on such lands.

**Sd/- Tahashildar -Cum-Land Acquisition Officer (NH-23) & Competent Authority**
**Barkote, Dist-Deogarh**

| Sl. No. | Name of the District | Name of the Tahasil | Name of the Village | Date & Time | The place where the land owners/ interested persons have to appear and submit their claims |
|---|---|---|---|---|---|
| 01 | Deogarh | Barkote | Kadapada Badajhumpura Balani | 11.02.19 on the working hours | Tahashildar -Cum-Land Acquisition Officer (NH-23) & Competent Authority, (NH Cell) Barkote, Dist-Deogarh |
| 02 | Deogarh | Barkote | Balita, Chandapasi Jharakandhal, Kantapal Khulundikudar | 12.02.19 on the working hours | |
| 03 | Deogarh | Barkote | Mankadachuan, Mardang Purunapani, Sanjhumpura Shalberni, Sirapali | 13.02.19 on the working hours | |

### MINISTRY OF ROAD TRANSPORT AND HIGHWAYS

### NOTIFICATION

**New Delhi, the 9th JANUARY, 2019**

**S.O.157(E)** – Whereas by the notification of the Government of India in the Ministry of Road Transport and Highways, published in the Gazette of India, Extraordinary, Part II, Section 3, Sub-section (ii) and issued under sub-section (1) of section 3A of the National Highways Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for building (widening/four laning, etc.), maintenance, management and operation of National Highway No. 23 on the stretch of land from Km. 313.800 to Km. 337.300 (Barcote) in District DEOGARH in the State of Odisha;

And whereas the substance of the said notification has been published in " Prameya " and " Pragatibadi " both dated 28.03.2018; under sub-section (3) of section 3A of the said Act;

And whereas, objections have been received and the same have been considered and disallowed by the competent authority;

And whereas, in pursuance of the sub-section (1) of section 3D of the said Act, the competent authority has submitted its report to the Central Government:

Now, therefore, upon receipt of the said report of the competent authority and in exercise of the powers conferred by sub-section(1) of section 3D of the said Act, the Central Government hereby declares that the land specified in the said schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said schedule shall vest absolutely in the Central Government, free from all encumbrances.

### SCHEDULE

**Brief description of the land to be acquired with or without structure, falling within the NH 23 in the stretch of land from NH 23 (Barkote) in the district of DEOGARH in the State of ODISHA.**

**State : ODISHA District : DEOGARH**

| Sl. No | Survey Number | Type of Land | Nature of Land | Area (in Ha.) | Area (in Acre) | Name of the land owner/ Interested persons |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| **Taluk : Barkot** | | | | | | |
| **Village : Kadapada** | | | | | | |
| 1. | 2313 | Government | Mal Sadharan | 0.0283 | 0.070 | Abada Jogya Anabadi |
| **Village : Bada Jhumpura** | | | | | | |
| 2. | 227 | Private | Bernasadharan | 0.0121 | 0.030 | Gopinath Pradhan, Bijay Kumar Pradhan, S/o- Kasinath Pradhan, Caste- Chasa |
| 3. | 302 | Private | Mal Sadharan | 0.0162 | 0.040 | Gopinath Pradhan, Bijay Kumar Pradhan, S/o- Kasinath Pradhan, Caste- Chasa |
| 4. | 205 | Private | Bernasadharan | 0.0445 | 0.110 | Bimala swain, W/o- Krushna Chandra swain, Janaki Sahu, Bharati Sahu, D/o- Krushna Chandra Sahu, Niranjan Swain, Trilochan Swain, Padmalabha Swain, Jhasaketan Swain, Nabati Sahu, S/D/O- Banamali Swain, Sukrusen Sahu, Poulasti Sahu, Prasanna Sahu, Mata Pradhan, Paka Biswal, Gurubari Pradhan, Jammuna Sahu, S/D/O- Niladri Sahu, Cast- Chasa |
| 5 | 228 | Private | Bernasadharan | 0.004 | 0.010 | Ghanashyam Sahu, Mangulu Sahu, Sarala Sahu, S/O Duryodhan Sahu, Arjun Samal, Bhima Samal, S/O- Braja Samal, Draupadi Sahu, W/O- Duryodhan Sahu. Ashoka Sahu, Dilu Sahu, Bikash Sahu, Ranjita Sahu,S/O - Jasobanta Sahu, Puspa Sahu, W/O- Jasobanta Sahu, Basanti Sahu, Bharati Sahu, D/O- Chaituram Sahu, Golapa Sahu, W/O- Chaituram Sahu, Samaru Sahu, Madhu Sahu, Shanti Sahu, Kamala Sahu,S/D/O- Bania Sahu, Magana Sahu, S/O- Goutam Sahu, Bhagyarathi Sahu, Hari Sahu, S/O Karunakar Sahu, Prafulla Dhal, SantoshDhal, S/O- Sukru Dhal, Dula Dhal, W/O- Dukhu Dhal, Kirtan Sahu, Ghasi Sahu, S/O- Padma Lochan Sahu, Tanu Sahu, Chakradhar Sahu, Baidehi Sahu, W/O- Kulha Sahu, Bhuyani Sahu, D/O- Gobardhan Sahu, Kishori Sahu, S/O- Indramani Sahu, Caste- Chasa |
| 6 | 200 | Private | Bernasadharan | 0.0202 | 0.050 | Bilasa Sahu, D/O- Dayanidhi Biswal, Pabitra Biswal, Prafulla Biswal, S/O- Gobardhan Biswal, Cate- Chasa |
| 7 | 202 | Private | Bernasadharan | 0.0081 | 0.020 | Prasanna Sahu, Nityananda Sahu, Debananda Sahu, Renubala Sahu, S/D/O- Kulamani Sahu, Belei Sahu, W/ O- Kulamani Sahu, Purna Ch. Sahu, Poulasti Sahu, Sulochana Samal, Jyoti Pradhan, Bani Dehury, S/D/O- Bhikha Sahu, Caste- Chasa |

| Sl. No | Survey Number | Type of Land | Nature of Land | Area (in Ha.) | Area (in Acre) | Name of the land owner/ Interested persons |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 8 | 298 | Private | Bernasadharan | 0.0243 | 0.060 | Prasanna Sahu, Nityananda Sahu, Debananda Sahu, Renubala Sahu, S/D/O- Kulamani Sahu, Belei Sahu, W/ O- Kulamani Sahu, Purna Ch. Sahu, Poulasti Sahu, Sulochana Samal, Jyoti Pradhan, Bani Dehury, S/D/O- Bhikha Sahu, Caste- Chasa |
| 9 | 226 | Private | Bernasadharan | 0.040 | 0.010 | Brundaban Biswal, S/O- Dasia Biswal, Caste - Chasa |
| 10 | 230 | Private | Bernasadharan | 0.0162 | 0.040 | Rabi Narayan Nayak, Dasaru Nayak, Shiba Charan Nayak, Dharanidhar Nayak, Tilottama Pradhan, Malati Pradhan, Debaki Samal, S/D/O- Bhuban Nayak, Caste- Chasa |
| 11 | 190 | Private | Mal Sadharan | 0.2266 | 0.560 | Hemanta Pradhan, Jagyanseni Pradhanm, Sukanta Sahu, S/D/ O- Padmalabha Pradhan. Subasini Pradhan W/O- Padmalabha Pradhan. Duryodhan Pradhan, Baikuntha Pradhan, Raghaba Pradhan, Narayan Pradhan, S/O- Rebati Mohan Pradhan, Cheru Pradhan, Asanti Sahu, Dali Pradhan, S/D/O- Ramesh Ch. Pradhan, Cast- Chasa |
| 12 | 191 | Government | Mal Sadharan | 0.0324 | 0.080 | Abada Jogya Anabadi |
| 13 | 193/1155 | Government | Mal Sadharan | 0.0162 | 0.040 | Abada Jogya Anabadi |
| 14 | 350 | Government | Jungle | 0.8822 | 2.180 | Abada Jogya Anabadi |
| 15 | 474 | Government | Patita | 0.0567 | 0.140 | Abada Jogya Anabadi |
| 16 | 475 | Government | Gharabari | 0.0445 | 0.110 | Abada Jogya Anabadi |
| 17 | 470 | Government | Gochar | 0.4087 | 1.010 | Rakshita |
| 18 | 231/1071 | Private | Bernasadharan | 0.0202 | 0.050 | Rabi Narayan Nayak, Dasaru Nayak, Shiba Charan Nayak, Dharanidhar Nayak, Tilottama Pradhan, Malati Pradhan, Debaki Samal, S/D/O- Bhuban Nayak, Caste- Chasa |
| 19 | 232 | Private | Bernasadharan | 0.0040 | 0.010 | Rabi Narayan Nayak, Dasaru Nayak, Shiba Charan Nayak, Dharanidhar Nayak, Tilottama Pradhan, Malati Pradhan, Debaki Samal, S/D/O- Bhuban Nayak, Caste- Chasa |
| 20 | 234 | Private | Bahal Sadharan | 0.0445 | 0.110 | Rabi Narayan Nayak, Dasaru Nayak, Shiba Charan Nayak, Dharanidhar Nayak, Tilottama Pradhan, Malati Pradhan, Debaki Samal, S/D/O- Bhuban Nayak, Caste- Chasa |
| 21 | 255/1076 | Private | Bahal Sadharan | 0.0040 | 0.010 | Rabi Narayan Nayak, Dasaru Nayak, Shiba Charan Nayak, Dharanidhar Nayak, Tilottama Pradhan, Malati Pradhan, Debaki Samal, S/D/O- Bhuban Nayak, Caste- Chasa |
| 22 | 262 | Private | Mal Sadharan | 0.0202 | 0.050 | Tikeswar Behera, Lalit Mohan Behera, Jadumani Behera, Meghini Behera, Goutami Behera, S/D/O- Prafulla Behera, Radha Behera, W/O- Prafulla Behera, Sita Behera, Tulasi Behera, S/D/O- Jankaka Behera, Mili Behera, W/O- Janaka Behera, Cheru Behera, S/O- Sukadeb Behera, Caste- Dhoba |
| 23 | 279/1077 | Government | Bernasadharan | 0.0040 | 0.010 | Abada Jogya Anabadi |
| 24 | 279/1078 | Private | Bernasadharan | 0.0081 | 0.020 | Muralidhar Pradhan, S/O- Natabar Pradhan, Caste- Chasa |
| 25 | 468/1101 | Government | Goda 1 | 0.01457 | 0.360 | Abada Jogya Anabadi |
| 26 | 469 | Private | Mal Sadharan | 0.0202 | 0.050 | Purna Mahakul, Santosh Mahakul, Priyambada Rout, Subasini Kulusura, S/D/O- Dirju Gouda, Caste - Gouda |
| 27 | 229 | Private | Bernasadharan | 0.0040 | 0.010 | Madan Mohan Sahu, Purusottam Sahu, Judhisthir Sahu, Laxmi Dehury, Lili Sahu, S/D/O- Hadibandhu Sahu, Sundari Sahu, W/O- Hadibandhu Sahu, Bhaskar Sahu, Rabindra Sahu, Kuntala Sahu, Basanti Sahu, S/ D/O- Gangadhar Sahu, Caste- Chasa |
| **Village : Balani** | | | | | | |
| 28 | 384 | Private | Mal Sadharan | 0.1376 | 0.340 | Gouri Sankar Sahu, Netrananda Sahu, Paramananda Sahu, Harihar Sahu, Panchanan Sahu, Sridhar Sahu, Village- Deogarh Bilasini Prusty, Village- Dhenkanal Town, Sabitri Sahu, Village- Angul Town, Bharati Sahu, S/D/O- Iswar Chandra Sahu, Caste - Patra, Village- Kandhamal |
| 29 | 386 | Private | Goda 2 | 0.0202 | 0.050 | Gouri Sankar Sahu, Netrananda Sahu, Paramananda Sahu, Harihar Sahu, Panchanan Sahu, Sridhar Sahu, Village- Deogarh Bilasini Prusty, Village- Dhenkanal Town, Sabitri Sahu, Village- Angul Town, Bharati Sahu, S/D/O- Iswar Chandra Sahu, Caste - Patra, Village- Kandhamal |
| 30 | 388 | Private | Mal Sadharan | 0.2914 | 0.720 | Gouri Sankar Sahu, Netrananda Sahu, Paramananda Sahu, Harihar Sahu, Panchanan Sahu, Sridhar Sahu, Village- Deogarh Bilasini Prusty, Village- Dhenkanal Town, Sabitri Sahu, Village- Angul Town, Bharati Sahu, S/D/O- Iswar Chandra Sahu, Caste - Patra, Village- Kandhamal |
| 31 | 385 | Private | Goda 2 | 0.0040 | 0.010 | Sekhar Pradhan, Minor Rekha Pradhan, Minor, S/D/O- Udhhaba Pradhan, Legal Guardian- Janamilata Pradhan, W/O- Udhhaba Pradhan, Tikeswar Pradhan, Debananda Pradhan, S/O- Jogindra Pradhan, Bairagi Pradhan, S/O- Narana Pradhan, Caste- Chasa |
| 32 | 387 | Government | Gochar | 0.0081 | 0.020 | Rakshita |
| 33 | 367 | Government | Rasta | 0.2226 | 0.550 | Sarbasadharana |

| Sl. No | Survey Number | Type of Land | Nature of Land | Area (in Ha.) | Area (in Acre) | Name of the land owner/ Interested persons |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Village : Balita | | | | | | |
| 34 | 564/1074 | Private | Gharabari | 0.0324 | 0.080 | Bhubaneswar Jit, Satyanarayan Jit, Gouri Pal, Jemamani Deb, S/ D/O- Kapileswar Jit, Caste- Kshyatriya |
| 35 | 470/995 | Private | Mal Sadharan | 0.0283 | 0.070 | Harihar Sahu, S/O- Gundicha Sahu, Village- Dhauragoth, P.S.- Reamal, Kherada Sahu, D/O- Baidhar Sahu, Village- Gopapur, P.S.- Barkote, Kishore Chandra Biswal, Shantilata Biswal, Premalata Biswal, S/D/O- Dibakar Biswal, Caste- Chasa |
| 36 | 470 | Private | Mal Sadharan | 0.0162 | 0.040 | Satsang Registered Society |
| 37 | 471 | Private | Goda 2 | 0.0202 | 0.050 | Satsang Registered Society |
| 38 | 469/1212 | Private | Bernasadharan | 0.0202 | 0.050 | Ananda Chandra Mahapatra, S/O- Rajani Kanta Mahapatra, Caste- Brahmin |
| 39 | 469/1215 | Private | Bernasadharan | 0.0162 | 0.040 | Nepal Chandra Sahu, S/O- Purandar Sahu, Caste- Chasa |
| 40 | 990/1268 | Private | Bernasadharan | 0.0405 | 0.100 | Maheswar Pradhan, S/O- Dhananjaya Pradhan, Caste- Chasa |
| 41 | 482/1119 | Private | Gharabari | 0.0202 | 0.050 | Mardaraj Pradhan, Maheswar Pradhan, S/O- Dhananjaya Pradhan, Caste- Chasa |
| 42 | 484/1254 | Private | Gharabari | 0.0202 | 0.050 | Ekbal Singh Pama, S/O- Diwan Singh Pama, Caste- Chasa |
| 43 | 1108/1194 | Private | Gharabari | 0.0162 | 0.040 | Hiralal Behera, S/O- Mangulu Behera, Tilottama Behera, W/O- Hiralal Behera, Caste- Dhoba |
| 44 | 1108/1194 | Private | Goda 2 | 0.0121 | 0.030 | Hiralal Behera, S/O- Mangulu Behera, Tilottama Behera, W/O- Hiralal Behera, Caste- Dhoba |
| 45 | 455 | Government | Goda 2 | 0.0283 | 0.070 | Abada Jogya Anabadi |
| 46 | 457 | Government | Jalamagna | 0.0040 | 0.010 | Rengali Nadi Bandha Yojana |
| 47 | 458 | Government | Jalamagna | 0.0162 | 0.040 | Rengali Nadi Bandha Yojana |
| 48 | 464 | Government | Jalamagna | 0.0162 | 0.040 | Rengali Nadi Bandha Yojana |
| 49 | 498/1108 | Government | Patita | 0.0202 | 0.050 | Abada Jogya Anabadi |
| 50 | 511 | Government | Jungle | 0.3318 | 0.820 | Abada Jogya Anabadi |
| 51 | 512 | Government | Sadak | 0.8013 | 1.980 | Rakshita |
| 52 | 473 | Government | Patita | 0.0890 | 0.220 | Abada Jogya Anabadi |
| 53 | 475/1198 | Private | Mal Sadharan | 0.0040 | 0.010 | Jatrakar Pradhan, S/O- Laxmi Narayan Pradhan, Caste- Gouda |
| 54 | 475/1235 | Private | Gharabari | 0.0121 | 0.030 | Ghanashyam Barik, S/O- Bina Barik, Caste- Bhandari |
| 55 | 476/1114 | Private | Mal Sadharan | 0.0040 | 0.010 | Maheswar Pradhan, S/O- Dhananjaya Pradhan, Caste- Chasa |
| 56 | 564/1122 | Private | Gharabari | 0.1376 | 0.340 | Harekrishna Jit, Sarat Kumari Pal, Tulasa Deb, S/D/O- Bishikeshan Jit, Caste - Rajput |
| 57 | 655 | Government | Mal Sadharan | 0.0364 | 0.090 | Abada Jogya Anabadi |
| 58 | 469/990 | Private | Bernasadharan | 0.0040 | 0.010 | Bhagaban Behera, Susama Sahu, Nedi Behera, Kandhei Sahu, Kuni Sahu, S/D/O- Bhakta Behera, Usha Behera, W/O- Bhakta Behera, Caste- Teli |
| 59 | 469/990 | Government | Jalamagna | 0.0971 | 0.240 | Rengali Nadi Bandha Yojana |
| 60 | 469 | Private | Mal Sadharan | 0.0364 | 0.090 | Urmila Behera, W/O- Sanu Behera, Puspanjali Behera, Jharana Behera, D/O- Kukhabandhu Behera, Jashoda Behera, W/O- Dukhabandhu Behera, Chandramani Behera, Ghanashyam Behera, Bilasa Behera, S/D/O- Sanu Behera, Caste- Bhandari |
| 61 | 459 | Government | Jalamagna | 0.0040 | 0.010 | Rengali Nadi Bandha Yojana |
| 62 | 469/994 | Government | Jalamagna | 0.1255 | 0.310 | Rengali Nadi Bandha Yojana |
| 63 | 465 | Government | Jalamagna | 0.0162 | 0.040 | Rengali Nadi Bandha Yojana |
| 64 | 467 | Government | Jalamagna | 0.0526 | 0.130 | Rengali Nadi Bandha Yojana |
| 65 | 466 | Government | Jalamagna | 0.0121 | 0.030 | Rengali Nadi Bandha Yojana |
| Village : Chandposi | | | | | | |
| 66 | 31 | Private | Bahal Sadharan | 0.3278 | 0.810 | Nilini Ranjan Pradhan, Ram Narayan Pradhan, Sankarsan Pradhan, Poulasti Pradhan, Binapani Pradhan, Anjan Dehury, Sanjukta Pradhan, S/D/ O-Dileswar Pradhan, Santoshi Pradhan, Dusmanta Pradhan, Gitanjali Pradhan, S/D/O Narahari Pradhan, Puna Chandra Pradhan, Mardaraj Pradhan, Maheswar Pradhan, Pramila Sahu. Bidyut Prava Sahu, Sulochana Garnayak, Basanti Pradhan, S/D/O- Dhanurjaya Pradhan, Tilottama Pradhan, W/O Dhanurjaya Pradhan, Chandramani Pradhan, S/O- Bipin Pradhan, Kshirodini Pradhan, W/O Kshiirasindhu Pradhan, Liparani Pradhan, Linobala Pradhan, Chinu Pradhan, D/O- Kshirasindhu Pradhan, Lalita Pradhan, Nibhabati Sahu. Puspanjali Sahu, S/D/O- Sukru Pradhan, Sumitra Pradhan, W/ O- Sukru Pradhan, Nahin Pradhan, S/O-Baidhar Pradhan, Caste- Chasa |
| 67 | 255/276 | Private | Goda 1 | 0.1538 | 0.380 | Kamamanjari Pradhan, W/O- Nalin Ranjan Pradhan, Caste- Chasa |
| 68 | 256/688 | Private | Goda 2 | 0.0081 | 0.020 | Ranjita Pradhan, W/O - Poulasti Pradhan, Caste- Chasa |
| 69 | 256/691 | Private | Goda 2 | 0.1295 | 0.320 | Arun Agrawal, S/O- Ram Pratap Agrawal, Cate - Baisya Bania |
| 70 | 35 | Government | Jungle | 0.0162 | 0.040 | Rakshita |
| 71 | 37 | Government | Jungle | 0.1295 | 0.320 | Rakshita |
| 72 | 256/692 | Private | Goda 2 | 0.1295 | 0.320 | Rohit Goel, S/O- Rajindra Goel, Caste- Baisya Bania |
| 73 | 26 | Government | Jungle | 0.4614 | 1.140 | Rakshita |
| 74 | 26/255 | Government | Jungle | 0.1578 | 0.390 | Rakshita |
| 75 | 31/214 | Government | Bahal Sadharan | 0.0486 | 0.120 | Abada Jogya Anabadi |
| 76 | 32 | Government | Gochar | 0.0607 | 0.150 | Rakshita |
| 77 | 33 | Government | Bernasadharan | 0.1174 | 0.290 | Abada Jogya Anabadi |
| Village : Jharakandhal | | | | | | |
| 78 | 23/2726 | Private | Mal Sadharan | 0.1255 | 0.310 | Victor Tirkey, Johan Peter Trikey, Arthar Tirkey, Chandrasi, Lakra, S/D/O- Jaimosih, Tirkey, Village- Purumapani |
| Village : Kantapal | | | | | | |
| 79 | 201/236 | Private | Gharabari | 0.0121 | 0.030 | Kabi Naik, S/O- Baji Naik, Caste- Hadi |
| 80 | 201/237 | Private | Goda 1 | 0.0364 | 0.090 | Kabi Naik, S/O- Baji Naik, Caste- Hadi |
| 81 | 200/238 | Private | Goda 1 | 0.0364 | 0.090 | Kabi Naik, S/O- Baji Naik, Caste- Hadi |
| 82 | 236/240 | Private | Gharabari | 0.0243 | 0.060 | Jingi Bankira, W/O- Ladhurai Bankira, Caste- Ho, Village- Masinita |
| 83 | 236/241 | Private | Gharabari | 0.0081 | 0.020 | Jayaram Sahu, S/O- Nityananda Sahu, Caste- Chasa |
| 84 | 142/201 | Government | Unnata Jojana Yogya | 0.0121 | 0.030 | Rakshita |
| Village : Khulundikudar | | | | | | |
| 85 | 140/767 | Government | Bernasadharan | 0.0040 | 0.010 | Abada Jogya Anabadi |
| Village : Mankadachuan | | | | | | |
| 86 | 101/137 | Private | Mal Sadharan | 0.0971 | 0.240 | Prana Krushna Sahu, S/o- Bakuli Sahu, Caste- Chasa, Village- Badajhumpura |
| 87 | 60 | Private | Bahal Sadharan | 0.1174 | 0.290 | Hemanta Pradhan, Kalyani Pradhan, Kumudini Sahu, S/D/ O- Padmalochan Pradhan, Subasini Pradhan, W/O- Padmalochan Pradhan, Duryodhan Pradhan, Narayan Pradhan, Baikuntha Pradhan, Raghaba Pradhan, S/O- Rebati Mohan Pradhan, Cheru Pradhan, Ashanti Dhal, Dali Sahu, S/D/O- Banka Sahu, Caste- Chasa, Village- Badajhumpura |
| 88 | 101 | Government | Jungle | 0.8661 | 2.140 | Rakshita |
| 89 | 103 | Government | Jungle | 0.1740 | 0.430 | Rakshita |
| 90 | 52 | Government | Jungle | 0.7851 | 1.940 | Abada Jogya Anabadi |
| 91 | 61 | Government | Patita | 0.3925 | 0.970 | Abada Jogya Anabadi |
| 92 | 102 | Government | Goda 2 | 0.0445 | 0.110 | Abada Jogya Anabadi |
| 93 | 57/134 | Government | Bahal Sadharan | 0.0405 | 0.100 | Abada Jogya Anabadi |
| Village : Mardang | | | | | | |
| 94 | 538 | Private | Mal Sadharan | 0.0243 | 0.060 | Sri Radhakrishna Mahaprabhu Bije Nijagan Marfat Harabandhu Sahu, S/O- Banamali Sahu, Caste- Chasa |
| 95 | 649/957 | Private | Gharabari | 0.0121 | 0.030 | Bidyadhar Pradhan, S/O- Kastu Pradhan, Caste- Chasa |
| 96 | 58 | Government | Gochar | 0.0405 | 0.100 | Rakshita |
| 97 | 393 | Government | Gochar | 0.1902 | 0.470 | Rakshita |
| 98 | 479 | Government | Gochar | 0.0769 | 0.190 | Rakshita |
| 99 | 648/918 | Government | Basti Yogya | 0.0728 | 0.180 | Rakshita |
| 100 | 648/919 | Government | Gramya Jungle | 0.0324 | 0.080 | Rakshita |
| 101 | 1 | Government | Jungle | 0.5342 | 1.320 | Abada Jogya Anabadi |
| 102 | 537 | Government | Mal Sadharan | 0.0445 | 0.110 | Abada Jogya Anabadi |
| 103 | 649 | Government | Jungle | 1.7968 | 4.440 | Abada Jogya Anabadi |
| 104 | 1/890 | Government | Mal Sadharan | 0.0121 | 0.030 | Abada Jogya Anabadi |
| 105 | 648 | Government | Jungle | 1.3153 | 3.250 | Abada Jogya Anabadi |
| Village : Purunapani | | | | | | |
| 106 | 236/384 | Private | Gharabari | 0.0445 | 0.110 | Ramesh Naik, Murali Naik, Hrudananda Naik, Dasarathi Naik, Gela Behera, Kautuka Naik, Upasi Naik, Bari Naik, S/D/O- Agadhu Naik, Caste- Hadi |
| 107 | 384/390 | Private | Gharabari | 0.0283 | 0.070 | Laxman Kumar Sahu, S/O- Sashi Bhusan Sahu, Caste- Chasa |
| Village : Sanjhumpura | | | | | | |
| 108 | 125 | Private | Bernasadharan | 0.0769 | 0.190 | Puna Ch. Pradhan, Mardaraj Pradhan, Maheswar Pradhan, Pramlla Sahu, Bidyut Prava Sahu. Sulochana Garnayak, Basantl Pradhan, S/D/O- Dhanurjaya Pradhan, Tilottama Pradhan W/O-Dhanurjaya Pradhan, Chandramanl Pradhan S/O- Blpin Pradhan.Kshlrodri Pradhan, W/O-Kshiraslndhu Pradhan, Liparani Pradhan, Linubala Pradhan, Chulnu Pradhan, D/O- Kshiraslndhu Pradhan, Lalita Pradhan, Nlbhabati Sahu, Puspanjali Sahu, S/D/O- Sukru Pradhan, Sumitra Pradhan, W/O- Sukru Pradhan, Nabin Pradhan, S/O- Baidhar Pradhan, Caste- Chasa, Village- Badajhumpura |
| 109 | 124 | Government | Mal Sadharan | 0.1174 | 0.290 | Sri Chandra Patra, S/O- Natha Patra, Sushila Patra, W/O- Natha Patra, Indu Patra, S/O- Uda Patra, Chahata Patra, S/O- Rabi Patra, Caste- Pana |
| 110 | 123 | Government | Basti Yogya | 0.1457 | 0.360 | Rakshita |
| 111 | 257 | Government | Patita | 0.0445 | 0.110 | Abada Jogya Anabadi |
| 112 | 274 | Government | Jalabhandar | 0.1295 | 0.320 | Jalsampada |
| 113 | 277 | Government | Jalabhandar | 0.0283 | 0.070 | Jalsampada |
| Village : Shalbaerni | | | | | | |
| 114 | 209 | Government | Jungle | 0.2792 | 0.690 | Rakshita |
| 115 | 64/353 | Government | Gochar | 0.0121 | 0.030 | Rakshita |
| 116 | 67/354 | Government | Gochar | 0.0162 | 0.040 | Rakshita |
| 117 | 67/355 | Government | Gochar | 0.0121 | 0.030 | Rakshita |
| 118 | 65 | Government | Jalachara | 0.0971 | 0.240 | Rakshita |
| 119 | 47 | Government | Jungle | 0.2023 | 0.500 | Abada Jogya Anabadi |
| 120 | 55 | Government | Bernasadharan | 0.0607 | 0.150 | Abada Jogya Anabadi |
| 121 | 31 | Government | Jalabhandar | 0.0769 | 0.190 | Jalsampada |
| 122 | 33 | Government | Jalabhandar | 0.1781 | 0.440 | Jalsampada |
| 123 | 204 | Government | Jalabhandar | 0.0364 | 0.090 | Jalsampada |
| 124 | 205 | Government | Jalabhandar | 0.2104 | 0.520 | Jalsampada |
| 125 | 206 | Government | Jalabhandar | 0.0688 | 0.170 | Jalsampada |
| 126 | 52 | Government | Jalabhandar | 0.0445 | 0.110 | Jalsampada |
| 127 | 56 | Government | Jalabhandar | 0.0202 | 0.050 | Jalsampada |
| 128 | 69 | Government | Jalabhandar | 0.0445 | 0.110 | Jalsampada |
| 129 | 68 | Government | Jalabhandar | 0.0769 | 0.190 | Jalsampada |
| 130 | 66 | Government | Jalabhandar | 0.0769 | 0.190 | Jalsampada |
| 131 | 62/331 | Government | Jalabhandar | 0.0486 | 0.120 | Jalsampada |
| 132 | 30/342 | Government | Jalabhandar | 0.0243 | 0.060 | Jalsampada |
| Village : Sirapali | | | | | | |
| 133 | 216/392 | Government | Patita | 0.2023 | 0.500 | Saru Kisanm, S/O- Ludha Kisan, Caste- Kisan |
| 134 | 338 | Government | Nala | 0.1538 | 0.380 | Rakshita |
| 135 | 344 | Government | Jungle | 2.0882 | 5.160 | Rakshita |
| 136 | 333 | Government | Patita | 0.0202 | 0.050 | Abada Jogya Anabadi |
| 137 | 344/369 | Government | Goda 2 | 0.7001 | 1.730 | Abada Jogya Anabadi |
| 138 | 344/370 | Government | Goda 2 | 0.1214 | 0.300 | Abada Jogya Anabadi |
| | | | TOTAL | 19.0541 | 47080 | |

[F.No. NHAI/PIU/RKL/LA/2017/3D]
RAJESH GUPTA, Dy. Secy.

# ପୂର୍ବ ପ୍ରସ୍ତୁତି

ବାର୍ଷିକ ପାଠ୍ୟକ୍ରମ ସମାପ୍ତ ହେବା ପରେ ଏବେ ସମୟ ପାଖେଇ ଆସିଛି ପରୀକ୍ଷାର; ଯେଉଁଥିପାଇଁ ପୂର୍ବ ପ୍ରସ୍ତୁତି ସାରିବାକୁ ପରୀକ୍ଷାର୍ଥୀମାନଙ୍କ ପାଖରେ ରହିଛି ଆଉ କେଇଟା ଦିନ ମାତ୍ର। ତେଣୁ କିଭଳି ଏହାର ସଦୁପଯୋଗ କରିବା ସହ କେଉଁ ସବୁ ବିଶେଷ ଦିଗ ପ୍ରତି ସଚେତନ ହେବା ଦ୍ୱାରା ପରୀକ୍ଷାରେ ସଫଳତାର ସହ କୃତକାର୍ଯ୍ୟ ହୋଇପାରିବେ ସେଥିପ୍ରତି ରହିଛି ସଭିଙ୍କ ଫୋକସ୍...





ପରୀକ୍ଷା ସମୟ ନିକଟତର ହେଉଥିବାରୁ ଛାତ୍ରୀଛାତ୍ରଙ୍କ ମନରେ ତତ୍ପରତା ବଢିବାରେ ଲାଗିଛି। ଆଶାନୁରୂପ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ଲକ୍ଷ୍ୟରେ ସଭିଏ ଚଳାଇଛନ୍ତି ଜୋରଦାର ପ୍ରସ୍ତୁତି । କାହାର ପଢ଼ା ନିଶାରେ ରାତିର ନିଦ ହଜି ଯାଉଛି ତ କିଏ ଭୁଲିଯାଉଛି ଭୋକଶୋଷ। ହେଲେ ବେଳେ ବେଳେ ଏସବୁ ଠିକ୍ ସମୟରେ ସ୍ୱାସ୍ଥ୍ୟ ସମସ୍ୟା ଉପୁଯାଇ ଛାତ୍ରୀଛାତ୍ରଙ୍କୁ ଅସୁବିଧାର ସମ୍ମୁଖୀନ କରାଇଥାଏ। ତେଣୁ ପରୀକ୍ଷା ପୂର୍ବ ପ୍ରସ୍ତୁତି ସମୟରେ କେଉଁ ସବୁ ବିଶେଷ ଦିଗ ପ୍ରତି ଯତ୍ନ ଦେଲେ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ଫିଟ୍ ରହିବା ସହ ଭଲ ନମ୍ବର ରଖିପାରିବେ ଜାଣି ରଖନ୍ତୁ ସେ ସମ୍ପର୍କରେ...

❖ପ୍ରଥମ କଥା ହେଉଛି ପାଠ ପଢାକୁ ବୋଝ କିମ୍ବା ଏକ ଜଟିଳ କାର୍ଯ୍ୟ ଭାବନ୍ତୁ ନାହିଁ। ପରୀକ୍ଷା ପୂର୍ବ ପ୍ରସ୍ତୁତି ଲାଗି ମିଳୁଥିବା ଦିନଗୁଡିକର ସଦୁପଯୋଗ କରନ୍ତୁ। ଅଳ୍ପଦିନ ଥିବ ଭଲ ଭାବେ ପଢିବି ଭାବି ଆରମ୍ଭରୁ ସମୟ ନଷ୍ଟ କରିବାର ବଦଭ୍ୟାସ ଥିଲେ ବଦଳାନ୍ତୁ।

❖ଯେହେତୁ ବର୍ତ୍ତମାନ ପାଠ୍ୟକ୍ରମ ଅନୁଯାୟୀ ସମସ୍ତ ପଢା ଅର୍ଥାତ୍ ଲଙ୍ଗ୍‌ଟର୍ମ ବା ଏକ୍ସଟେନ୍ସିଭ୍ ଷ୍ଟଡି ସରିଛି ତେଣୁ ଶର୍ଟଟର୍ମ ବା ଇଣ୍ଟେନ୍ସିଭ୍ ଷ୍ଟଡି ପ୍ରତି ବିଶେଷ ଗୁରୁତ୍ୱ ଦିଅନ୍ତୁ।

❖ଭଲ ନମ୍ବର ରଖିବାକୁ ହେଲେ କୌଣସି ବିଷୟକୁ ଅଧିକ କିମ୍ବା କମ୍ ସମୟ ନ ଦେଇ ଯେପରି ପ୍ରତ୍ୟେକ ବିଷୟକୁ ଭଲ ଭାବେ ପଢି ପାରିବେ ସେଥିପାଇଁ ଏକ ଟାଇମ୍ ଟେବୁଲ୍ ପ୍ରସ୍ତୁତ କରନ୍ତୁ।



❖ପାଠକୁ ଭଲ ଭାବେ ବୁଝିବାକୁ ଚେଷ୍ଟା କରନ୍ତୁ। ଯଦି କୌଣସି ପାଠ ବୁଝି ନ ହୁଏ ତେବେ ତୁରନ୍ତ ନିଜ ସ୍କୁଲ୍ କିମ୍ବା କଲେଜର ଶିକ୍ଷୟିତ୍ରୀ ଶିକ୍ଷକ ଅବା ଟ୍ୟୁଶନ୍ ସାରଙ୍କ ସାହାଯ୍ୟ ନିଅନ୍ତୁ। ହେଲେ ମନେରଖନ୍ତୁ, ବୁଝି ନ ପାରୁଥିବା ପାଠକୁ ଘୋଷି ମନେ ରଖିବାର ବଦଭ୍ୟାସ ଆଦୌ ରଖନ୍ତୁ ନାହିଁ। ନଚେତ ପରୀକ୍ଷାରେ ଅଧାରୁ ଭୁଲିଯିବା କିମ୍ବା ବୁଲେଇ ପ୍ରଶ୍ନ ଆସିବା ଦ୍ୱାରା ଏହାର ଠିକ୍ ଉତ୍ତର ନ ଦେଇପାରି କମ୍ ନମ୍ବର ରଖିବା ଭଳି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

❖ଅନେକେ ପଢିବାରେ ଅଳସୁଆମି ହେଉ ଅବା ନିଜକୁ ଅଧିକ ଚାଲାକ୍ ଭାବି ପୂର୍ବ ବର୍ଷଗୁଡିକର ପ୍ରଶ୍ନ ଅନୁଯାୟୀ କେବଳ ସମ୍ଭାବ୍ୟ ପ୍ରଶ୍ନ ପ୍ରତି ଗୁରୁତ୍ୱ ଦେଇଥାନ୍ତି। ହେଲେ ଏହା ଆଦୌ ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ। ତେଣୁ ପରୀକ୍ଷାରେ ଆଶାନୁରୂପ ଫଳ ପାଇବାକୁ ହେଲେ ସମସ୍ତ ପାଠକୁ ଭଲ ଭାବେ ପଢ଼ନ୍ତୁ।

❖ଯଦି କୌଣସି ବିଷୟ ବୁଝିବା କିମ୍ବା ମନେରଖିବାରେ କଷ୍ଟ ହେଉଛି ତେବେ ଏହାକୁ କମ୍ ଗୁରୁତ୍ୱ ଦେବା ପରିବର୍ତ୍ତେ ପଢିବା ଲାଗି ନିଜ ଟାଇମ୍ ଟେବୁଲ୍‌ରେ ସକାଳର ବ୍ରାହ୍ମ ମୁହୂର୍ତ୍ତ ବାଛନ୍ତୁ। କାରଣ ଏହି ସମୟରେ ମସ୍ତିଷ୍କ ସ୍ଥିର ଥିବାରୁ ପାଠ ସହଜରେ ବୁଝିହେବା ସହ ମନେରହିଥାଏ। ଜନଗହଳି କିମ୍ବା ଶବ୍ଦ ହେଉଥିବା ସ୍ଥାନ ପରିବର୍ତ୍ତେ ସର୍ବଦା ଏକ ନିରୋଳା ଜାଗାରେ ବସି ପଢିବାକୁ ଚେଷ୍ଟା କରନ୍ତୁ।

❖ପରୀକ୍ଷା ପ୍ରସ୍ତୁତି କରିବା ବେଳେ କେବଳ ପଢିବା ନୁହେଁ, ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ପ୍ରତି ବିଶେଷ ଦୃଷ୍ଟି ଦେବା ଆବଶ୍ୟକ। ତାହା ହେଉଛି- ପଢୁଥିବା ପାଠକୁ ଲେଖିବା। ଏପରି କରିବା ଦ୍ୱାରା ଆପଣ ନିର୍ଦ୍ଦିଷ୍ଟ ସମୟରେ ସମସ୍ତ ପ୍ରଶ୍ନର ଉତ୍ତର ଦେବା ଅଭ୍ୟାସ କରିପାରିବେ ଏବଂ ଆପଣଙ୍କ ଅକ୍ଷର ମଧ୍ୟ ସୁନ୍ଦର ତଥା ସ୍ୱଚ୍ଛ ହୋଇପାରିବ। ଫଳରେ ଖାତା ଦେଖିବା ସମୟରେ ଏହାକୁ ପଢିବାରେ ଅସୁବିଧା ହେବ ନାହିଁ କିମ୍ବା ଉତ୍ତର ଲେଖିଥିଲେ ସୁଦ୍ଧା ନମ୍ବର କମିବାର ଅଭିଯୋଗ ମଧ୍ୟ ରହିବ ନାହିଁ।

❖ପରୀକ୍ଷା ସମୟରେ କେତେକଙ୍କର ମୁଣ୍ଡବିନ୍ଧା ଆଦି ସମସ୍ୟାର ଅଭିଯୋଗ ଶୁଣିବାକୁ ମିଳିଥାଏ। ଯାହାର ମୁଖ୍ୟ କାରଣ ହେଉଛି ପାଠକୁ ନେଇ ମାନସିକ ଚାପ, ଚିନ୍ତା, ରାତି ଅନିଦ୍ରା ଇତ୍ୟାଦି। ତେଣୁ ଏସବୁ ଠାରୁ ନିଜକୁ ଦୂରେଇ ରଖି ଆରାମରେ ପରୀକ୍ଷା ପ୍ରସ୍ତୁତି କଲେ କୃତକାର୍ଯ୍ୟ ହେବେ।

❖ପରୀକ୍ଷା ପ୍ରସ୍ତୁତି ଆଳରେ ଖାଦ୍ୟପେୟକୁ ଅଣଦେଖା କରିବା କିମ୍ବା ରାତିଅନିଦ୍ରା ହୋଇ ପଢ଼ିବା ଯୋଗୁ ଠିକ୍ ସମୟରେ କେତେକଙ୍କୁ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇ ଅକୃତକାର୍ଯ୍ୟ ହେବାର ନଜୀର ରହିଛି। କାରଣ ଏପରି କରିବା ଦ୍ୱାରା ଆଖି ପୋଡ଼ିବା, ମୁଣ୍ଡ ବିନ୍ଧିବା, ଅଜୀର୍ଣ୍ଣ, ଗ୍ୟାସ୍, ଝାଡ଼ାବାନ୍ତିଠାରୁ ଆରମ୍ଭ କରି ପାଠ ମନେ ନ ରହିବା ଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ପାଠ ମନେରହିବା ଲାଗି ପଢିବା ସହିତ ମସ୍ତିଷ୍କକୁ ଆରାମ ଦେବା ଲାଗି ପର୍ଯ୍ୟାପ୍ତ ନିଦ୍ରା ବି ଆବଶ୍ୟକ। ସେହିପରି ଯଥା ସମୟରେ ଖାଇବା ବି ଗୁରୁତ୍ୱପୂର୍ଣ୍ଣ। ହେଲେ ମନେରଖନ୍ତୁ ଏହି ସମୟରେ ତେଲ ମସଲାଯୁକ୍ତ ଖାଦ୍ୟ କିମ୍ବା ଜଙ୍କ ଫୁଡ୍ ନ ଖାଇ ସୁଷମ ଖାଦ୍ୟ ଖାଆନ୍ତୁ ଏବଂ ପ୍ରଚୁର ପାଣି ପିଅନ୍ତୁ। ଚା କିମ୍ବା କଫି ନ ପିଇ ଜୁସ୍, ଲସି, ପଇଡ଼ ପାଣି ପିଅନ୍ତୁ।

❖ଏ ସମୟରେ କେବଳ ପାଠ ପଢିବା ଦ୍ୱାରା ବେଳେ ବେଳେ ମସ୍ତିଷ୍କ ଥକି ଯାଏ ଏବଂ ପାଠ ମନେ ରହିବାରେ କଷ୍ଟ ହୁଏ। ସେହିପରି ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ରହିବା ଦ୍ୱାରା ଶରୀରକୁ ମଧ୍ୟ କଷ୍ଟ ହୋଇଥାଏ। ତେଣୁ ମସ୍ତିଷ୍କ ଏବଂ ଶରୀରକୁ ସକ୍ରିୟ ରଖିବା ଲାଗି ଅଳ୍ପ ସମୟ ମ୍ୟୁଜିକ୍ ଶୁଣିପାରିବେ କିମ୍ବା ଖେଳି ପାରିବେ।

## କ'ଣ କୁହନ୍ତି ଏମାନେ..

**ପ୍ରିୟଦର୍ଶିନୀ ଭୋଳ**(ଯୁକ୍ତ ୨, ନେତାଜୀ ସୁଭାଷ ମେମୋରିଆଲ ସିଟି କଲେଜ, କଟକ)- ଯୁକ୍ତ ୨ ପରୀକ୍ଷା ମୁଣ୍ଡ ଉପରେ, ତେଣୁ ଟିକେ ଟେନ୍‌ଶନ୍ ରହିବା ତ ସାଧାରଣ କଥା। ହେଲେ ପଢାରେ ଆଦୌ ଅବହେଳା କରୁନାହିଁ। ନିଜ ପ୍ରସ୍ତୁତ ଟାଇମ୍ ଟେବୁଲ୍ ଅନୁଯାୟୀ ସମସ୍ତ ବିଷୟକୁ ସମାନ ସମୟ ଦେବା ସହ ପରୀକ୍ଷାରେ ନିର୍ଦ୍ଧାରିତ ସମୟରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେଇପାରିବା ଲାଗି ଲେଖିବା ଅଭ୍ୟାସ ମଧ୍ୟ କରୁଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପଢା ନିଶାରେ ଖାଦ୍ୟପେୟ ଏବଂ ଶୋଇବାରେ ଅବହେଳା କରି ଯେପରି ସ୍ୱାସ୍ଥ୍ୟ ସମସ୍ୟା ନ ଉପୁଜେ ସେ ଦିଗରେ ବି ସଚେତନ ରହୁଛି।


ପ୍ରିୟଦର୍ଶିନୀ ଭୋଳ


ସିଦ୍ଧାର୍ଥ ଦାସ

**ସିଦ୍ଧାର୍ଥ ଦାସ**(ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନିମାପଡା)- ମାଟ୍ରିକ୍ ପରୀକ୍ଷାର ନମ୍ବର କ୍ୟାରିଅର ଗଢିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ। ତେଣୁ ଏଥିରେ ସଫଳତାର ସହ କୃତକାର୍ଯ୍ୟ ହେବା ଲାଗି ପ୍ରସ୍ତୁତି ଜୋରଦାର ଚଳାଇଛି। କୌଣସି ବି କାର୍ଯ୍ୟରେ ସମୟ ଅଯଥା ନଷ୍ଟ ନ କରି ପଢାରେ ଧ୍ୟାନ ଦେଉଛି। କେଉଁ ବିଷୟକୁ କମ୍ କିମ୍ବା ବେଶି ସମୟ ନ ଦେଇ ପ୍ରତ୍ୟେକ ବିଷୟକୁ ସମାନ ଗୁରୁତ୍ୱ ଦେଉଛି।

## — ଜାଣନ୍ତୁ ଦୁନିଆ —

# ଟମାଟୋ

ଟମାଟୋ ଦେଖିବାକୁ ଯେତିକି ସୁନ୍ଦର ଖାଇବାକୁ ସେତିକି ସ୍ୱାଦିଷ୍ଟ। ସାଲାଡ୍, ତରକାରି ଆଦି ହେଉ କିମ୍ବା ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟର ସ୍ୱାଦ ଦ୍ୱିଗୁଣିତ କରିବାରେ ଏହା ବହନ କରିଥାଏ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା। ତେବେ ଆସନ୍ତୁ ଜାଣିବା ଏହା ସମ୍ପର୍କରେ କିଛି ରୋଚକ ତଥ୍ୟ:

- ସର୍ବାଧିକ ଟମାଟୋ ଉତ୍ପାଦନକାରୀ ଦେଶ ହେଉଛି ଚାଇନା। ହେଲେ ଏହାକୁ ଖାଇବାରେ ଆମେରିକା ସବୁଠୁ ଆଗରେ ରହିଛି।
- ପୃଥିବୀରେ ପ୍ରାୟ ୧୦ ହଜାର ପ୍ରକାରର ଟମାଟୋ ରହିଛି। ଯାହା ମଧ୍ୟରୁ କେତେକ ଟମାଟୋର ଖୁବ୍ ମଜାଦାର ନାମ ରହିଛି, ଯେପରି- ବେବି କେକ୍ସ୍, ବାନାନା ଲେଗ୍ସ୍, କ୍ରିମ୍ ସସେଜ୍, ମିଷ୍ଟର ଅଗ୍ଲୀ ଇତ୍ୟାଦି।
- ଯଦିଓ ଟମାଟୋକୁ ପରିବା ହିସାବରେ ବ୍ୟବହାର କରାଯାଉଛି, ହେଲେ ଉଦ୍ଭିଦ ବିଜ୍ଞାନ ଅନୁଯାୟୀ ଏହା ଏକ ଫଳ। କେବଳ ଏତିକି ନୁହେଁ ଏହା ପୃଥିବୀର ସବୁଠୁ ଲୋକପ୍ରିୟ ଫଳ। ଯାହା ପଛକୁ କ୍ରମାନୁସାରେ କଦଳୀ, ସେଓ, କମଳା ଏବଂ ତରଭୁଜ ୨ୟ, ୩ୟ, ୪ର୍ଥ ଏବଂ ୫ମ ସ୍ଥାନରେ ରହିଛି।
- ଓହିଓରେ ଟମାଟୋକୁ ଜାତୀୟ ଫଳ ଏବଂ ଏହାର ରସକୁ ଜାତୀୟ ପାନୀୟର ମାନ୍ୟତା ମିଳିଥିବା ବେଳେ ଆମେରିକାର ଆର୍କାନ୍ସାସ୍‌ରେ ଏହାକୁ ଉଭୟ ଜାତୀୟ ଫଳ ଏବଂ ପରିବା ଭାବେ ଗ୍ରହଣ କରାଯାଇଛି।
- ପାଚିଲା ଟମାଟୋର ରଙ୍ଗ କେବଳ ଲାଲ୍ ନୁହେଁ। କାରଣ ପ୍ରକାର ଭେଦ ଅନୁଯାୟୀ ଧଳା, କଳା, ବାଇଗଣୀ, ଗୋଲାପି ଏବଂ ହଳଦିଆ ରଙ୍ଗର ଟମାଟୋ ମଧ୍ୟ ରହିଛି।
- ବର୍ତ୍ତମାନ ସୁଦ୍ଧା ଉତ୍ପାଦିତ ହୋଇଥିବା ସବୁଠାରୁ ବଡ ଟମାଟୋର ଓଜନ ଥିଲା ୩.୫ କିଲୋଗ୍ରାମ। ଏହା ୧୯୮୬ ମସିହାରେ ଆମେରିକାର ଓକ୍ଲାହୋମାରେ ଉତ୍ପାଦିତ ହୋଇଥିଲା।
- ସ୍ପେନ୍‌ର ବ୍ୟୁନଲ୍‌ସ୍ଥିତ ଭ୍ୟାଲେନ୍ସିଆ ସହରରେ ପ୍ରତି ବର୍ଷ ଅଗଷ୍ଟ ମାସ ଶେଷ ବୁଧବାରଦିନ ପାଳନ ହୋଇଥାଏ 'ଲା ଟମାଟିନା' ନାମକ ଟମାଟୋ ଫେଷ୍ଟିଭାଲ। ଯେଉଁଥିରେ ୧୫୦,୦୦୦ ଟମାଟୋ ବ୍ୟବହାର କରାଯାଇଥାଏ।





## ଏ ସପ୍ତାହର ପ୍ରଶ୍ନ

୧- ନିକଟରେ ପୃଥିବୀର ପ୍ରଥମ ମାନବ ଅଧିକାର ଟେଲିଭିଜନ ଚ୍ୟାନେଲ............ ଠାରେ ପ୍ରତିଷ୍ଠା କରାଗଲା ?
୨- ଅଟଳ ସେତୁ ......... ନଦୀ ଉପରେ ପ୍ରତିଷ୍ଠା କରାଯାଇଛି ?
୩- ପଦ୍ମଶ୍ରୀ ପୁରସ୍କାର ପାଇଥିବା ପ୍ରଥମ ଭାରତୀୟ କିନ୍ନର........ ?
୪- ସ୍ୱଚ୍ଛ ଭାରତ ଯାତ୍ରାରେ ସକ୍ରିୟ ଯୋଗଦାନ ଲାଗି..........ରାଜ୍ୟ ଶୀର୍ଷସ୍ଥାନରେ ରହିଛି ?
୫- ଜ୍ୟୋତି ପୁଞ୍ଜ ପୁସ୍ତକର ଲେଖକ .......... ?

## ଗତ ସପ୍ତାହର ଉତ୍ତର

୧ ଚେନ୍ନାଇ
୨ ୧୬୬୬
୩ ସିକିମ୍
୪ ନରେନ୍ଦ୍ର ମୋଦି
୫ ଆଳୁ

## ଉତ୍ତରଦାତା


ତ୍ରିଭୁବନ ଜିତ୍ ମୁଖାର୍ଜୀ, ଭୁବନେଶ୍ୱର


ଶେଖ୍ ୟାକୁବ୍, ପୁରୀ


ବିକାଶ ସେଜପଡ଼ା, ବାରିପଦା


ପୁଷ୍ପାଞ୍ଜଳି ପ୍ରଧାନ, ବ୍ରହ୍ମପୁର

**ବିଦ୍ର:** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com


# ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

## ଓଡ଼ିଶା ମଡେଲ ଟ୍ରାଇବାଲ ଏଜୁକେସନ ସୋସାଇଟି (OMTES), ଭୁବନେଶ୍ୱର

## Biju Pattanaik Adarsha Vidyalaya

## (ଟ୍ରାଇବାଲ ରୁରାଲ ଟ୍ୟାଲେଣ୍ଟ ସର୍ଚ୍ଚ) TRTS ପ୍ରବେଶିକା ପରୀକ୍ଷା ବିଜ୍ଞାପନ

No.: 93-V: ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ୧ ଗୋଟି ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ ୨୦୧୮-୧୯ ଶିକ୍ଷାବର୍ଷ ଠାରୁ କାର୍ଯ୍ୟକ୍ଷମ ହୋଇଅଛି। ଏଥି ନିମନ୍ତେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଟି.ଆର୍.ଟି.ଏସ୍. (TRTS) ପ୍ରବେଶିକା ପରୀକ୍ଷା ମାଧ୍ୟମରେ ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ସମୁଦାୟ ସ୍ଥାନର ୫ ଶତକଡ଼ା ଭିନ୍ନକ୍ଷମ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଅଟେ। ଯଦି ଭିନ୍ନକ୍ଷମ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଆବେଦନକାରୀ ନଥାନ୍ତି ତେବେ ଉକ୍ତ ସ୍ଥାନ ଗୁଡ଼ିକ ଅନ୍ୟ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କ ଦ୍ୱାରା ପୂରଣ କରାଯିବ। ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ କୌଣସି ଫିସ୍ ଦେବାକୁ ପଡ଼ିବ ନାହିଁ। ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୦୨।୦୩।୨୦୧୯। ଆଗ୍ରହୀ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଆବେଦନ ପତ୍ରକୁ ସାଦା କାଗଜରେ ପୂରଣ କରି ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିକଟକୁ ପଠାଇବା ଆବଶ୍ୟକ। ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ। ଉକ୍ତ ପ୍ରବେଶିକା ପରୀକ୍ଷା ୧୭।୦୩।୨୦୧୯ ତାରିଖ (ରବିବାର) ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଅପରାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ ନିମ୍ନୋକ୍ତ କେନ୍ଦ୍ର ମାନଙ୍କରେ ଅନୁଷ୍ଠିତ ହେବ। ଆବେଦନ ପତ୍ର ତଥା ତତ୍‌ସମ୍ବନ୍ଧୀୟ ସବିଶେଷ ବିବରଣୀ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ୱେବ୍‌ସାଇଟ୍: **www.stscodisha.gov.in/** କିମ୍ବା ଓଡ଼ିଶା ମଡ଼େଲ ଟ୍ରାଇବାଲ ଏଜୁକେସନ ସୋସାଇଟି (OMTES)ର ୱେବ୍‌ସାଇଟ୍: **www.omtes.org**ରୁ ପାଇପାରିବେ।

| କ୍ରମିକ ସଂଖ୍ୟା | ବିଦ୍ୟାଳୟର ନାମ ଏବଂ ଠିକଣା | ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନ ସଂଖ୍ୟା | | ପ୍ରବେଶିକା ପରୀକ୍ଷା କେନ୍ଦ୍ରର ନାମ | ଦରଖାସ୍ତ ଜମା କରିବା ସ୍ଥାନ ଏବଂ ଠିକଣା |
|---|---|---|---|---|---|
| | | ବାଳକ | ବାଳିକା | | |
| ୧ | ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ, କନିସି, ବ୍ରହ୍ମପୁର, ଗଞ୍ଜାମ | ଅନୁସୂଚିତ ଜନଜାତି - ୫୦<br>ଆଦିମ ଜନଜାତି - ୦୪<br>ଅନୁସୂଚିତ ଜାତି - ୦୬ | ଅନୁସୂଚିତ ଜନଜାତି - ୫୦<br>ଆଦିମ ଜନଜାତି - ୦୪<br>ଅନୁସୂଚିତ ଜାତି - ୦୬ | ହୁମ୍ମା ଉଚ୍ଚ ବିଦ୍ୟାଳୟ, ହୁମ୍ମା (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭଗା) | ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ଛତ୍ରପୁର, ଗଞ୍ଜାମ |

**ବିଶେଷ ଦ୍ରଷ୍ଟବ୍ୟ:** (୧) ଏଠାରେ ପୁନଶ୍ଚ ସୂଚାଇ ଦିଆଯାଉଛି ଯେ, ଅନୁସୂଚିତ ଜନଜାତିର ପିଲାମାନେ ସେମାନଙ୍କର ଜାତିଗତ ପ୍ରମାଣପତ୍ରର ନକଲ ଦରଖାସ୍ତରେ ସଂଲଗ୍ନ କରି ଆବେଦନ କରିବେ।

ସ୍ୱା./- ନିର୍ଦ୍ଦେଶକ (ଅନୁସୂଚିତ ଜନଜାତି) ତଥା ସ୍ୱତନ୍ତ୍ର ଶାସନ ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

### ପ୍ରବେଶିକା ପରୀକ୍ଷା ପାଇଁ ଦରଖାସ୍ତ ନମୁନା

ପାସ୍‌ପୋର୍ଟ ଫଟୋ

୧. ଛାତ୍ରଛାତ୍ରୀଙ୍କ ନାମ :
୨. ପିତା/ଅଭିଭାବକଙ୍କ ନାମ :
୩. ମାତାଙ୍କ ନାମ :
୪. ଠିକଣା : ଗ୍ରାମ: ପୋଷ୍ଟ: ଭାୟା: ଥାନା: ବ୍ଲକ: ତହସିଲ: ଜିଲ୍ଲା:
୫. ଜନ୍ମ ତାରିଖ :
୬. କେଉଁ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବର୍ଗର ଅନ୍ତର୍ଭୁକ୍ତ : (ପ୍ରମାଣପତ୍ରର ନକଲ ସଂଲଗ୍ନ କରିବେ)
୭. ଭିନ୍ନକ୍ଷମ ପ୍ରାର୍ଥୀ କି ? : (ପ୍ରମାଣପତ୍ରର ନକଲ ସଂଲଗ୍ନ କରିବେ)
୮. ପଞ୍ଚମ ଶ୍ରେଣୀରେ ପଢୁଥିବା ସ୍କୁଲର ନାମ :
୯. ପଞ୍ଚମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ବର୍ଷ :
୧୦. ପଢ଼ିବାକୁ ଚାହୁଁଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ନାମ :
୧୧. ପ୍ରବେଶିକା ପରୀକ୍ଷା ଦେବାକୁ ଚାହୁଁଥିବା କେନ୍ଦ୍ରର ନାମ :
୧୨. ବିଦ୍ୟାର୍ଥୀ ଆବେଦନକାରୀଙ୍କ ଜାତି ଓ ଆବାସିକ ପ୍ରମାଣପତ୍ର :

### ଘୋଷଣା

ଦରଖାସ୍ତରେ ମୋ ଦ୍ୱାରା ପ୍ରଦତ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ।

ଛାତ୍ର/ଛାତ୍ରୀଙ୍କ ସ୍ୱାକ୍ଷର

ପ୍ରଧାନଶିକ୍ଷକଙ୍କ ସ୍ୱାକ୍ଷର/ତାରିଖ/ମୋହର

26009/11/0004/1819